

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୩ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 13 November 2024
Vol.No. 35 ■ No.301 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଚର୍ଚ୍ଚାରେ ଡୋନାଲ୍ଡ ଟ୍ରମ୍ପଙ୍କ ଦୁଇ ନୂଆ ମନ୍ତ୍ରୀ

## ଭାରତର ସମର୍ଥକ ଓ ଚୀନର ସମାଲୋଚକଙ୍କୁ ମିଳିଲା ଗୁରୁଦାୟିତ୍ୱ



ନୂଆଦିଲ୍ଲୀ, ୧୨/୧୧ : ଆମେରିକାକୁ ମିଳିଛି ନୂଆ ରାଷ୍ଟ୍ରପତି । ବିଧିବଦ୍ଧ ଭାବେ ଶପଥ ନେବାରେ ପରେ ଆମେରିକାରେ ଚାଲିବ ଟ୍ରମ୍ପ ସରକାର । କିନ୍ତୁ ଏହା ପୂର୍ବରୁ ନିଜ ମନ୍ତ୍ରୀମଣ୍ଡଳରେ ଟ୍ରମ୍ପ ଯେଉଁ ବିଶ୍ୱସ୍ତ ବ୍ୟକ୍ତିଙ୍କୁ କୁ ବଡ ପଦପଦବୀ ଦେଉଛନ୍ତି ତାଙ୍କୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । କୁହାଯାଉଛି ଟ୍ରମ୍ପ ଆସିବା ପରେ ଭାରତ ଓ ଆମେରିକା ସର୍ମ୍ପକ ଅଧିକ ମଜଭୁତ ହୋଇପାରେ ସେପଟେ ରାଷ୍ଟ୍ରୀୟ ସୁରକ୍ଷା ପରାର୍ମଶଦାତା ଓ ବୈଦେଶିକ ମନ୍ତ୍ରୀ ଚୟନକୁ ମଧ ଉଭୟ ଦେଶର ସର୍ମ୍ପକ ଉପରେ ବଡ ପ୍ରଭାବ ପକାଇବାନେଇ ମତ ପ୍ରକାଶ ପାଉଛି ।

ଶପଥ ନେବା ପୂର୍ବରୁ ସାମ୍ରାଜ୍ୟ ବିସ୍ତାର ପାଇଁ କସରତ ଆରମ୍ଭ କଲେଣି ଡୋନାଲ୍ଡ ଟ୍ରମ୍ପ । ନିକଟରେ ଦୁଇଜଣ ବିଶ୍ୱସ୍ତଙ୍କୁ ବଡ ପଦବୀ ସହ ଗୁରୁତ୍ୱଦାୟିତ ଦେଇଛନ୍ତି ଟ୍ରମ୍ପ । ଆମେରିକାର ନୂଆ ରାଷ୍ଟ୍ରୀୟ ପରାମର୍ଶଦାତା ହେବେ ମାଇକ ୱାଲଟ ଓ ମାର୍କୋ ରୁବିଓଙ୍କୁ ବିଦେଶୀ ମନ୍ତ୍ରୀ ଦାୟିତ୍ୱ ମିଳିଛି । ଏବେ ଏନଏସଏ ହେବା ପରେ ପେଣ୍ଟାଗନ ଓ୍ୱେଷ୍ଟନ ଓ୍ୱିଙ୍ଗ ଜରିଆରେ ପୂରା ବିଶ୍ୱ ଉପରେ ନଜର ରଖିବେ । ଆମେରିକା ଓ ଅନ୍ୟ ରାଷ୍ଟ୍ର ମଧରେ କିଭଳି ସନ୍ତୁଳନ ରଖାଯିବ ସେଦିଗରେ କାମ କରିବେ । ଭାରତର ବଡ ସମର୍ଥକ କୁହାଯାଉଥିବା ମାଇକ ହୁଏତ କାନାଡା ଓ ପାକିସ୍ତାନ ବିରୋଧୀ ଗତିବିଧିକୁ ନେଇ ସୁହାଇବା ଭଳି ପଦକ୍ଷେପ ନେଇପାରନ୍ତି । ରାଷ୍ଟ୍ରୀୟ ସୁରକ୍ଷା ପ୍ରସଙ୍ଗ ଦାୟିତ୍ୱ ତାଙ୍କ ହାତକୁ ଆସିବା ପରେ ଭାରତ ସହ ଆମେରିକାର ରଣନୀତିକୁ ଅଧିକ ସଶକ୍ତ ଓ ସକାରାତ୍ମକ କରିବାକୁ ମାଇକେଲଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିବା ନେଇ ଆଶା କରୁଛନ୍ତି ବୈଦେଶିକ ବିଶେଷଜ୍ଞ । ଅନ୍ୟପଟେ ନଜର ପକାଇବା ଆମେରିକାର ନୂଆ ବିଦେଶ ମନ୍ତ୍ରୀ ମାର୍କୋ। ରୁବିଓଙ୍କ ଉପରେ । ଭାରତର ଅନ୍ୟତମ ବଡ ପ୍ରଶଂସକ ଓ ସମର୍ଥକ ଭାବେ ଜଣାଶୁଣା । ଯୁଦ୍ଧଠୁ ନେଇ ଚୀନ ପ୍ରସଙ୍ଗରେ ରୁବିଓଙ୍କ ଆଭିମୁଖ୍ୟ ପ୍ରଶଂସନୀୟ ରହିଛି। ଟ୍ରମ୍ପଙ୍କ ବାମ ଓ ଡାହାଣ ହାତ ପରି କାମ କରିବେ ମାଇକ ଓ ମାର୍କୋ । ଉଭୟଙ୍କୁ ଟ୍ରମ୍ପ ଯେଉଁ ଦାୟିତ୍ୱ ଦେଇଛନ୍ତି ତା କେବଳ ଆମେରିକାର ସ୍ଥିତିକୁ ମଜଭୂତ କରିବନି ବଂର ଭାରତ ସହ ଅନ୍ୟ ମିତ୍ର ଦେଶଙ୍କ ସହ ସମ୍ପର୍କକୁ ଅଧିକ ଦୃଢ଼ କରିବ ବୋଲି ଆଶା ରଖାଯାଇଛି । ଅନ୍ୟପଟେ ଚୀନର ବିସ୍ତାରବାଦୀ ନୀତି ବିରୋଧରେ ମାଇକ ଓ ମାର୍କୋଙ୍କ ରଣନୀତି ମଧ ଆକ୍ରାମକ ରହିପାରେ ।

## ଥାନାରେ ପ୍ରତିରକ୍ଷା କର୍ମଚାରୀଙ୍କୁ କିପରି ବ୍ୟବହାର କରାଯିବ ?: ଆସିଲା ଏସ୍ଓପି




ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଭରତପୁର ଥାନା ମାମଲାରେ ଆଜି ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି ରାଜ୍ୟ ସରକାର। ଥାନାରେ ସିସିଟିଭି ଲଗେଇବା ଓ ପ୍ରତିରକ୍ଷା କର୍ମଚାରୀଙ୍କ ସହ ପୁଲିସ୍‌ର ବ୍ୟବହାର ପ୍ରସଙ୍ଗରେ ଙଡଚ ପ୍ରସ୍ତୁତ ହୋଇଥିବା ହାଇକୋର୍ଟରେ ତଥ୍ୟ ଉପସ୍ଥାପନ କରିଛନ୍ତି ରାଜ୍ୟ ସରକାର। ରାଜ୍ୟର ସମସ୍ତ ଥାନାରେ ସିସିଟିଭି ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ହାଇକୋର୍ଟଙ୍କ ପ୍ରଶଂସା କରିଛନ୍ତି। ୯୬ ପ୍ରତିଶତ ପୁଲିସ୍ ଷ୍ଟେସନରେ ଲାଗିଛି ସିସିଟିଭି। ବାକି ୪ ପ୍ରତିଶତ ପୁଲିସ ଷ୍ଟେସନରେ ନଭେମ୍ବର ଶେଷ ସୁଦ୍ଧା ଲାଗିଯିବ ସିସିଟିଭି। ସବୁ ସିସିଟିଭିକୁ ପୁଲିସ ମୁଖ୍ୟାଳୟରୁ ମୋନିଟରିଂ କରାଯାଉଛି। ୨୯୫ଟି ପୁଲିସ ଫାଣ୍ଡିରେ ମଧ ସିସିଟିଭି ଲଗେଇବା ପାଇଁ ପ୍ରକ୍ରିୟା ଜାରି ରହିଛି। ▶▶ପୃଷ୍ଠା ୭

## ପୁଣି ଶ୍ରୀମନ୍ଦିରରେ ପଶିଲେ ଅଣହିନ୍ଦୁ ମହିଳା



ପୁରୀ, ୧୨/୧୧ (ନି.ପ୍ର): ପୁଣି ଥରେ ଶ୍ରୀମନ୍ଦିରରେ ପଶିଗଲେ ଅଣହିନ୍ଦୁ ମହିଳା। ସିଂହଦ୍ୱାର ଦେଇ ମହିଳା ଜଣକ ଶ୍ରୀମନ୍ଦିର ଗୁମୁଟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ତାଙ୍କୁ ଧରି ଥିଲେ ଜଗନ୍ନାଥ ଟେମ୍ପୁଲ ପୁଲିସ୍। ମହିଳା ଜଣକ ଚାଇନିଜ୍ ଭାଷାରେ ▶▶ପୃଷ୍ଠା ୭

## ୨୦୨୫ କ୍ୟାଲେଣ୍ଡର ବର୍ଷରେ ରାଜ୍ୟ କର୍ମଚାରୀଙ୍କୁ ମିଳିବ ୨୬ ସରକାରୀ ଛୁଟି ଓ ୮ ଇଚ୍ଛାଧୀନ ଛୁଟି



ଭୁବନେଶ୍ୱର, ୧୨/୧୧ (ନି.ପ୍ର): ରାଜ୍ୟ ସରକାର ଆଜି ମଙ୍ଗଳବାର ୨୦୨୫ ମସିହା ପାଇଁ ଛୁଟି କ୍ୟାଲେଣ୍ଡର ଜାରି କରିଛନ୍ତି। ୨୦୨୫ ଇଂରାଜୀ ବର୍ଷରେ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କୁ ୨୬ଟି ସରକାରୀ ଛୁଟିଦିନ ଓ ୮ଟି ଇଚ୍ଛାଧୀନ ଛୁଟି(ଯେକୌଣସି ଗୋଟିଏ ଦିନ) ମିଳିବ। ଅବଶ୍ୟ ଏହି ସମସ୍ତ ଛୁଟିରେ ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାର ସାମିଲ ନାହିଁ। ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୨୫ ମସିହା ପାଇଁ ଜାରି ଛୁଟି କ୍ୟାଲେଣ୍ଡର ସମସ୍ତ ସରକାରୀ ଅଫିସ୍ ଓ ରେଭିନ୍ୟୁ ଓ ମାଜିଷ୍ଟ୍ରେଟ୍ କୋର୍ଟ ପାଇଁ ପ୍ରଯୁଜ୍ୟ। ଏହି ୨୬ଟି ସରକାରୀ ଛୁଟି ନୂଆବର୍ଷରେ ମକରସଂକ୍ରାନ୍ତିରୁ ଆରମ୍ଭ ହୋଇ ଏକ୍ସମାସ୍ ଡେ' ପର୍ଯ୍ୟନ୍ତ ରହିଛି । ଏହି ଛୁଟି ବ୍ୟତୀତ ସରକାରୀ କର୍ମଚାରୀମାନେ ଅତିରିକ୍ତ ଭାବେ ଗୋଟିଏ ଦିନ ଛୁଟି(୮ଟି ଇଚ୍ଛାଧୀନ ଛୁଟିଦିନ ମଧ୍ୟରୁ ଯେକୌଣସି ଗୋଟିଏ) ନେଇପାରିବେ। ୨୦୨୫ କ୍ୟାଲେଣ୍ଡର ବର୍ଷରେ ଯେଉଁ ୮ଟି ଇଚ୍ଛାଧୀନ ଛୁଟି ରହିଛି ସେଗୁଡ଼ିକ ହେଲା- ଜାନୁୟାରୀ ୬ରେ ଗୁରୁଗୋବିନ୍ଦ ▶▶ପୃଷ୍ଠା ୭

## ଓଡ଼ିଆ ଅଭିନେତା ମନୋଜ ମିଶ୍ରଙ୍କ ନାଁରେ ଏତଲା



କଟକ, ୧୨/୧୧ (ନି.ପ୍ର): ଓଡ଼ିଆ ଅଭିନେତା ମନୋଜ ମିଶ୍ରଙ୍କ ନାଁରେ ଏତଲା। କଟକ ସାଇବର ଥାନାରେ ଏତଲା ଦେଲେ ଓଡ଼ିଶା ଫିଲ୍ମ ଓ ଟିଭି ନିର୍ଦ୍ଦେଶକ ସଂଘ। ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକଙ୍କ ବିରୋଧରେ ବାରମ୍ବାର ସୋଶାଲ ମିଡ଼ିଆରେ ଅରୁଚିକର ମନ୍ତବ୍ୟ ଦେଉଥିବା ଅଭିଯୋଗ କରିଛି ସଂଘ। ଓଡ଼ିଶାରେ ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ନାହାନ୍ତି କି ନିର୍ଦ୍ଦେଶନା କ'ଣ ଜାଣିନାହାଁନ୍ତି ବୋଲି ସୋଶାଲ ମିଡ଼ିଆରେ ମନୋଜ ମିଶ୍ର ବାରମ୍ବାର ମନ୍ତବ୍ୟ ଦେଉଛନ୍ତି। ନିଜର ବ୍ୟକ୍ତିଗତ ଓ ରାଜନୈତିକ ଉଦ୍ଦେଶ୍ୟ ରଖି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ମନୋଜ ବଦନାମ କରୁଛନ୍ତି ବୋଲି କହିଛନ୍ତି ବରିଷ୍ଠ ଫିଲ୍ମ ନିର୍ଦ୍ଦେଶକମାନେ ଅଭିଯୋଗ କରିଛନ୍ତି। ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବସନ୍ତ ସାହୁ, ତାପସ ସରଘରିଆ, ବବି ଇସଲାମ୍‌ଙ୍କ ଭଳି ଅନେକ ନିର୍ଦ୍ଦେଶକ ଆଜି ସାଇବର ଥାନାରେ ଲିଖିତ ▶▶ପୃଷ୍ଠା ୭

## ଅସୁରକ୍ଷିତ ରାଜଧାନୀ: ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ପୂର୍ବ ଶତ୍ରୁତା କେନ୍ଦ୍ର କରି ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ଦୁର୍ବୃତ୍ତ। ଛୁରୀ ଓ ସର୍ଜିକାଲ ବ୍ଲେଡ଼ରେ ହାଣି ଖଣ୍ଡିଆ ଖାବରା କରିଦେଲେ। ଏଭଳି ଘଟଣା ଘଟିଛି ରାଜଧାନୀର ବଡଗଡ଼ ଅଞ୍ଚଳରେ। ଆହତ ଯୁବକ ଜଣଙ୍କ ହେଉଛନ୍ତି ବଡଗଡ଼ ଗାଁର ଦୀପକ ପ୍ରଧାନ। ତାଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଛି। ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଦୀପକ ନିଜ ଘରକୁ ବାଇକ୍ ଯୋଗେ ଫେରୁଥିଲେ। ଏହି ସମୟରେ କିଛି ମୁଖା ପିନ୍ଧା ଦୁର୍ବୃତ୍ତ ଏକ ପଲସର ବାଇକରେ ଆସି ତାଙ୍କ ବାଇକ୍ ଗୋଇଠା ମାରିଥିଲେ। ଭାରସାମ୍ୟ ହରାଇ ଦିପକ ତଳେ ପଡ଼ିଯିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଛୁରୀ ଓ ସର୍ଜିକାଲ ବ୍ଲେଡ଼ ସାହାଯ୍ୟରେ ପିଠି, ହାତ, ମୁହଁ କାଟି ପକାଇଥିଲେ। ଦିପକ ଜୀବନବିକାଳେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି ନଥିଲେ। ରାଜଧାନୀ ରାଜରାସ୍ତାରେ ତାଙ୍କୁ ଗୋଡ଼ାଇଗୋଡ଼ାଇ ହାଣିଥିଲେ। ଦିପକ ରକ୍ତଜୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ସମୟରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଦିପକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ଆଖପାଖ ସିସିଟିଭି ଯାଞ୍ଚ କରୁଛି ପୁଲିସ।

## ଉପମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ଠକେଇ: ୨ ଯୁବକ ଥାନାରେ ଅଟକ

ପାଟଣାଗଡ, ୧୨/୧୧ (ନି.ପ୍ର): ଉପମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ଠକେଇ ଅଭିଯୋଗ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ନାଁ ନେଇ ଚାକିରୀ କରାଇ ଦେବା କହି ଠକେଇ ଅଭିଯୋଗ। ଏହି ଘଟଣାରେ ୨ ଜଣ ଯୁବକଙ୍କୁ ପାଟଣାଗଡ଼ ଥାନାରେ ଅଟକ ରଖିଛି ପୁଲିସ। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ଚାକିରୀ କରାଇ ଦେବେ କହି ସେମାନଙ୍କଠୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଟକ ଥିବା ଯୁବକମାନେ ବିଲାଇସାଥି ଗାଁର ବୁଦ୍ଧଦେବ ସାହୁ ଏବଂ ସାଲେପାଲି ଗାଁର ସୁଶୀଲ ରାଓ ବୋଲି ଜଣାପଡ଼ିଛି। ଅଭିଯୋଗ ପରେ ପୁଲିସ ଉଭୟଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅଟକ ଥିବା ଦୁଇ ଜଣ ପୂର୍ବରୁ ମଧ ବିଭିନ୍ନ ନେତାଙ୍କ ନାଁ ନେଇ ଲୋକଙ୍କ ଠାରୁ ଅନେକ ଟଙ୍କା ଠକି ନେଇଥିବା ସୂଚନା ମିଳିଛି।

## ଜୟ ନାରାୟଣଙ୍କ କଟାକ୍ଷ: 'ବିଜେଡିର ଆୟୁଷ କମ୍, ଏବେ ଆଇସିୟୁରେ'




ଭୁବନେଶ୍ୱର, ୧୨/୧୧ (ନି.ପ୍ର): 'ବିଜେଡି ଏବେ ଓଉଟରେ, ଥିଲେ ତ୍ କଂଗ୍ରେସ ସହ ମିଶିବ।' ଆଜି କିଛି ଏଭଳି ଭାବେ ବିଜେଡିକୁ କଟାକ୍ଷ କରିଛନ୍ତି ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର। ବିଜେଡିର ବରିଷ୍ଠ ନେତା ଅତନୁ ସବ୍ୟସାଚୀଙ୍କ ମନ୍ତବ୍ୟକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଜୟ ନାରାୟଣ। ସେ କହିଛନ୍ତି, କଂଗ୍ରେସ ସହ ମିଶି ବିଜେଡି ସରକାର କରିବ ବୋଲି କହୁଛି, କିନ୍ତୁ ବିଜେଡି ରହିଲେ ତ' ? ବିଜେଡି ପାର୍ଟିର ଆୟଷ ବହୁତ କମ୍। ସେ ଆଉ କେତେ ଦିନ ବଞ୍ଚିବ ? ଏବେ ବିଜେଡି ଆଇସିୟୁରେ ଅଛି। ବିଜେଡି ବଞ୍ଚିବ, ପୁଣି ଥରେ ଆଗକୁ ବଢ଼ିବ ଓ ସରକାର କରିବ। ଏଥିପାଇଁ ସ୍ୱପ୍ନ ଦେଖିବା ପାଇଁ କାହାକୁ ମନା ନାହିଁ। ଏହାକୁ ଆମେ ସ୍ୱାଗତ କରୁଛୁ। ହେଲେ ବିଜେଡି ଖଣ୍ଡ ଖଣ୍ଡ ହେବାକୁ ବସିଲାଣି। ତାକୁ ବଞ୍ଚାଇବା ପାଇଁ ବିଜେଡିର ନେତାମାନେ ଏପରି କହୁଛନ୍ତି ବୋଲି ଜୟନାରାୟଣ କହିଛନ୍ତି। ▶▶ପୃଷ୍ଠା ୭

## ରକ୍ତମୁଖା ଇସ୍ରାଏଲ: ଲେବାନନ ଓ ବେରୁଟରେ ଘନଘନ ଆକ୍ରମଣରେ ୧୪ରୁ ଅଧିକ ମୃତ



ନୂଆଦିଲ୍ଲୀ, ୧୨/୧୧ : ଯେତେବେଳେ ବାୟୁ ପ୍ରତିରକ୍ଷା ପ୍ରଣାଳୀ କଥା ସାମ୍ନାକୁ ଆସେ, ସେତେବେଳେ ସର୍ବପ୍ରଥମେ ଇସ୍ରାଏଲ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା 'ଆଇରନ୍ ଡୋମ୍'ର ନାଁ ଚର୍ଚ୍ଚାକୁ ଆସିଥାଏ । ଆଇରନ୍ ଡୋମ୍ ଏପରି ଭାବରେ କାମ କରେ ଯେ ଏହା ବାୟୁ ମାର୍ଗରେ ଶତ୍ରୁ ପକ୍ଷରୁ ଆସୁଥିବା କ୍ଷେପଣାସ୍ତ୍ରକୁ ଚିହ୍ନଟ କରେ, ଏହାର ଗତିପଥ ପ୍ରତି ଧ୍ୟାନ ଦେଇଥାଏ। ଯଦି ଏହା ଜନବହୁଳ ଅଞ୍ଚଳକୁ ଟାର୍ଗେଟ କରିବାକୁ ପଠାଯାଇଛି, ସେତେବେଳେ ଏହାକୁ ଆଇରନ ଡୋମ ଇଣ୍ଟରସେପ୍ଟର ମିଜାଇଲ ବାୟୁ ମାର୍ଗରେ ନଷ୍ଟ କରି ଦେଇଥାଏ। ମଧ୍ୟପ୍ରାଚ୍ୟରେ ଏବେ ଯୁଦ୍ଧର ଭୟାବହତା ବଢ଼ିବାରେ ଲାଗିଛି। ଇସ୍ରାଏଲ ଓ ଲେବାନନ ପରସ୍ପରକୁ ଆକ୍ରମଣ କରିଚାଲିଛନ୍ତି। ମିଜାଇଲ ସାଙ୍ଗକୁ ତୁହାକୁ ତୁହା ଗୁଳି ଗୋଳା ବର୍ଷଣ ଜାରି ରହିଛି। ସ୍ଥିତି ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ହିଜବୁଲ୍ଲାର ଆକ୍ରମଣ ପରେ ଇସ୍ରାଏଲ ବି ପାଲଟା ଆକ୍ରମଣ କରିଛି। ଉତ୍ତର ଲେବାନନରେ ଏନ ଯାକୁବ ଉପରେ ଘମାଘୋଟ ଆକ୍ରମଣ କରିଛି ନେତାନ୍ୟାହୁ ପ୍ରଶାସନ। ଜନବସତିରେ ଥିବା ବିଲଣ୍ଡିଂ ଉପରେ ମିଜାଇଲ ଆକ୍ରମଣରେ ୧୪ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଶରଣାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଏହି କୋଠାରେ ବଡ଼ ଆକ୍ରମଣ କରିଛି ଇସ୍ରାଏଲ। ଗାଜା ଓ ହିଜବୁଲ୍ଲା ସହ ସଂଘର୍ଷ ଜାରି ରଖିଛି ଇସ୍ରାଏଲ। ଇତିମଧରେ ଇସ୍ରାଏଲ ପୁଣି ଥରେ ଏୟାର ଷ୍ଟ୍ରାଇକ୍ କରିଛି। ଲେବନାନର ରାଜଧାନୀ ବେରୁଟ ସହର ଉପରେ କରିଛି ବୋମା ବର୍ଷା। ଏଥିରେ ଶିଶୁଙ୍କ ସମେତ ୪୦ ଜଣ ପ୍ରାଣ ହରାଇଛନ୍ତି। ତେବେ ଆକ୍ରମଣ ପୂର୍ବରୁ ଇସ୍ରାଏଲ ସେନା ସହରର ଅନେକ ସ୍ଥାନକୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ବେରୁଟ ସହର ଉପରେ ଆକ୍ରମଣ କରିବା ପୂର୍ବରୁ କିନ୍ତୁ ଇସ୍ରାଏଲ ସେନା କୌଣସି ଆଗୁଆ ସୂଚନା ଦେଇନଥିଲା। ଏହି ଭୟଙ୍କର ଯୁଦ୍ଧ ବେଳେ ଗୋଟିଏ ନୂଆ ଯୁଦ୍ଧାସ୍ତ୍ରର ନାଁ ସାମ୍ନାକୁ ଆସିଥିଲା। ଏହି ଯୁଦ୍ଧାସ୍ତ୍ରର ନାଁ ଆଇରନ୍ ଡୋମ୍। ସାମରିକ ଶକ୍ତି ସମ୍ପନ୍ନ ହମାସ ଓ ହିଜବୁଲ୍ଲାଠାରୁ ଅଧିକ ଶକ୍ତିଶାଳୀ ▶▶ପୃଷ୍ଠା ୭

## ଆଜି ଝାଡ଼ଖଣ୍ଡର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ: ୪୩ ଆସନ ପାଇଁ ପଡ଼ିବ ଭୋଟ୍



ରାଞ୍ଚି,୧୨/୧୧: ନଭେମ୍ବର ୧୩ରେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ । ବୁଧବାର ପ୍ରଥମ ପର୍ଯ୍ୟାୟ ଭୋଟ୍ ପଡ଼ିବ । ଏହାର ୪୮ ଘଣ୍ଟା ଅର୍ଥାତ୍ ସୋମବାର ସଂଧ୍ୟାରୁ ପ୍ରଚାର ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪୩ଟି ଆସନରେ ମତଦାନ ହେବ । ମୋଟ୍ ୧ କୋଟି ୩୭ ଲକ୍ଷ ୧୦ ହଜାର ୭୧୭ ଭୋଟର ୬୮୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଭୋଟରଙ୍କ ମଧରେ ୬୮ ଲକ୍ଷ ୭୩ ହଜାର ୪୫୫ ପୁରୁଷ, ୬୮ ଲକ୍ଷ ୩୬ ହଜାର ୯୫୯ ମହିଳା ଓ ୩୦୩ ତୃତୀୟ ଲିଙ୍ଗୀ ସାମିଲ ରହିଛନ୍ତି । ଏହି ପର୍ଯ୍ୟାୟରେ ଲଢୁଥିବା ୬୮୩ ପ୍ରାର୍ଥୀଙ୍କ ମଧ୍ୟରେ ରାଷ୍ଟ୍ରୀୟ ଦଳଗୁଡ଼ିକର ୮୭, ଝାଡ଼ଖଣ୍ଡର ମାନ୍ୟତାପ୍ରାପ୍ତ ରାଜନୈତିକ ଦଳଗୁଡିକର ୩୨, ଅନ୍ୟ ରାଜ୍ୟର ମାନ୍ୟତାପ୍ରାପ୍ତ ଦଳର ୪୨, ଅଣମାନ୍ୟତା ପ୍ରାପ୍ତ ପଞ୍ଜିକୃତ ଦଳର ୧୮୮ ଜଣ ପ୍ରାର୍ଥୀ ଅଛନ୍ତି । ଏହାଛଡ଼ା ୩୩୪ ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୭୩ ମହିଳାଙ୍କର ମଧ ଭାଗ୍ୟ ପରୀକ୍ଷା ହେବ । ପ୍ରାର୍ଥୀଙ୍କ ମଧରେ ଜଣେ ତୃତୀୟଲିଙ୍ଗୀ ବି ଅଛନ୍ତି। ପ୍ରଥମ ପର୍ଯ୍ୟାୟର ୪୩ଟି ଆସନ ମଧ୍ରୁ ୬ଟି ଏସ୍‌ସି ଓ ୨୦ଟି ଏସ୍‌ଟିଙ୍କ ଲାଗି ସଂରକ୍ଷିତ । ଏହି ପର୍ଯ୍ୟାୟରେ ଯେଉଁ ହେଭିଓ୍ୱେଟ୍ ନେତାଙ୍କ ଭାଗ୍ୟ ପରୀକ୍ଷା ହେବ ସେମାନଙ୍କ ମଧରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ସାମିଲ ରହିଛନ୍ତି । ସେହିପରି ୬ଜଣ କ୍ୟାବିନେଟ୍ ମନ୍ତ୍ରୀ ରାମେଶ୍ୱର ଓରାଓଁ, ରାମଦାସ ସୋରେନ୍, ବନ୍ନା ଗୁପ୍ତା, ମିଥିଲେଶ ଠାକୁର, ଦୀପକ ବିରୁଆ ଓ ବୈଦନାଥ ରାମ ମଧ ମୈଦାନରେ ଅଛନ୍ତି । ଏମାନଙ୍କ ବ୍ୟତୀତ ଜେଡିୟୁର ସରଜୁ ରାୟ, ବିଜେପିର ସିପି ସିଂହ, ନୀରା ଯାଦବ, ନୀଳକଣ୍ଠ ସିଂହ ମୁଣ୍ଡା, ରାମଚନ୍ଦ୍ର ଚନ୍ଦ୍ରବଂଶୀ, କଂଗ୍ରେସର କେଏନ୍ ତ୍ରିପାଠୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ଦାସ, ଚମ୍ପାଇ ସୋରେନ୍‌ଙ୍କ ପୁଅ ବାବୁଲାଲ ସୋରେନ୍, କ୍ୟାବିନେଟ୍ ମନ୍ତ୍ରୀ ସତ୍ୟାନନ୍ଦ ଭୋକ୍ତାଙ୍କ ବୋହୂ ରଶ୍ମି ପ୍ରକାଶଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ ।

# ଘର ଉପରକୁ ଟେକାପଥର ମାରିବା ସହ ଧମକ ମାମଲା: ଯୁବକ ଗିରଫ

ଜୟପୁର, ୧୨/୧୧ (ନି.ପ୍ର): ଟଙ୍କା ଦିଅ ନଚେତ ଆମ କାଠ ଆମକୁ ଫେରାଇ ଦିଅ। ଏହିପରି ସ୍ଲୋଗାନ ଦେଇ ଆଜି ପେପରମିଲରେ ୯ଜଣ ଭେଣ୍ଡରର ନିଜ ବକେୟା ଟଙ୍କା ମାଗିବା ପାଇଁ ମେନେଜମ୍ୟାଂଟ ନିକଟରେ ଦାବି ଜଣାଇଛନ୍ତି। ଗତ ୫ବର୍ଷ ହେଲା ଏହି ଭେଣ୍ଡରର ମାନେ ପେପରମିଲ ସହିତ ଜଡିତ ହୋଇ ରହିଛନ୍ତି। ବିଗତ ମ୍ୟାନେଜମେଂଟଏହି ଭେଣ୍ଡରର ମାନଙ୍କର ୫କୋଟି ଟଙ୍କା ବକେୟା ରଖିଥିଲେ ମଧ୍ୟ ବର୍ତମାନ ଯେଉଁ ମ୍ୟାନେଜମେଂଟ ଏହି ପେପର ମିଲ ଚଲାଉଛନ୍ତି ସେମାନଙ୍କୁ କଂଚାମାଲ ପ୍ରଦାନ କରୁଛନ୍ତି। ମ୍ୟାନେଜ ମେଂଟ ଓ ଭେଣ୍ଡରରଙ୍କ ମଧ୍ୟରେ କଂଚାମାଲ ଦେବାର ୭ଦିନ ମଧ୍ୟରେ ଟଙ୍କା ଦିଆଯିବ ବୋଲି ଚୁକ୍ତିନାମା କରାଯାଇଥିଲା। କିନ୍ତୁ ଭେଣ୍ଡର ମାନଙ୍କୁ ମ୍ୟାନେଜମେଂଟ ସମ୍ପୂର୍ଣ୍ଣ ଟଙ୍କା ନଦେଇ ଅଧା ଟଙ୍କା ଦେଇ କାମ ଚଲାଉଥିଲେ। କିନ୍ତୁ ୬ ମାସ ହେଲା ମ୍ୟାନେଜମେଂଟ କିଛି ଟଙ୍କା ନଦେବାରୁ ଆଜି ଭେଣ୍ଡରର ମାନେ ମୁଖ୍ୟ ଫାଟକ ସମ୍ମୁଖରେ ଟ୍ରକ ଗୁଡିକ ଅଟକ ରଖି ଆମକୁ ଟଙ୍କା ଦିଅ ନଚେତ ଆମ କାଠ ଆମକୁ ଫେରାଇଦିଅ ବୋଲି ଦାବି କରିଥିଲେ। ଭେଣ୍ଡରର ମାନଙ୍କ କହିବା ହେଲା ଆମେ ମ୍ୟାନେଜମେଂଟକୁ ବିଶ୍ୱାସ କରି କଂଚାମାଲ ଦେଉଥିଲୁ। ମ୍ୟାନେଜମେଂଟ ଅଧା ଟଙ୍କା ଦେଇ ଆମାକୁ ସନ୍ତୁଷ୍ଟ କରୁଥିଲେ। କିନ୍ତୁ ଗତ ୬ମାସ ହେଲା ଆମେ ଟଙ୍କା ମାଗିଲେ ଆଜି ଦେବୁ କାଲି ଦେବୁ କହି କହି ଆମକୁ ବୁଲାଉଛନ୍ତି ଯାହା ଫଳରେ ଆମେ ଯେଉଁ ଚାଷିଠାରୁ କଂଚାମାଲ କିଣୁଛୁ ସେହି ଚାଷିଙ୍କୁ ଟଙ୍କା ଦେଇ ପାରୁନାହୁଁ। ଏବସ୍ଥ ଜିଏସଟି ନ ବାନ୍ଧିବା ଫଳରେ ଆମର ବ୍ୟାଙ୍କ ଆକାଉଂଟ ଗୁଡିକ ମଧ୍ୟ ସିଜ ହୋଇଯାଇଛି। ଯାହାଫଳରେ ଆମେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି। ଆଜି ଦିଲ୍ଲୀରୁ ଏମ. କେ ଗୁପ୍ତା ଆସିଛନ୍ତି ବୋଲି ଖବର ପାଇବା ପରେ ଆମେ ଅଭିଯୋଗ କରୁଛୁ କି ଯଦି ଆମକୁ ଆମର ବକେୟା ୩କୋଟି ୭୦ ଲକ୍ଷ ଟଙ୍କା ପ୍ରଦାନ କରନ୍ତୁ ନଚେତ କଂଚା ମାଲ ଗୁଡିକ ଫେରସ୍ତ କରିଦିଅନ୍ତୁ। ଯାହାଫଳରେ ମିଲ ପରିସରରେ କଂଚାମାଲ ଗୁଡିକ ପଡି ଖତ ଖାଇଗଲାଣି। ଏଠାରୁ କଂଚାମାଲ ଉଠାଇ ନେଇ ସେମାନେ ବାହାରେ ବିକ୍ରି କରିବେ ବୋଲି ଦାବି କରିଥିଲେ। କଂଚାମାଲ ରକ୍ଷଣା ବେକ୍ଷଣ କରୁଥିବା ଅଧିକାରୀ ବିଜୟ ବନ୍ଟୁ କହିଛନ୍ତି ଆମେ ନା କଂଚାମାଲ ଦେବୁ ନା ଟଙ୍କା ଦେବୁ ବର୍ତମାନ କିଛି ଦେଇ ହେବନାହିଁ। ମିଲ ଠିକ ଭାବରେ ଚାଲିଲେ ଆମେ ତୁମ ଟଙ୍କା ଧିରେ ଧିରେ ଦେଇଦେବୁ ବୋଲି କହିଛନ୍ତ। କିନ୍ତୁ ଭେଣ୍ଡର ମାନେ ମ୍ୟାନେଜମେଂଟର କଥାକୁ ନ ମାନି ଆଜି ସମସ୍ୟାର ସମାଧାନ କରିବାକୁ ଜିଦ ଧରି ବସିଥିଲେ। ଆଜିର ଏହି ଦାବିରେ ଭେଣ୍ଡର ବାବୁଲା ନାୟକ, କେବିକେ ଫାଇବର୍ସର ରମେଶ, ମହାଲକ୍ଷ୍ମୀ ଏଂଟରପ୍ରାଇଜେସର, ଖୁସି ଏଂଟରପ୍ରାଇଜେସ, ବି.କେ.ପି ଟ୍ରେଡିସ୍ସ, ମଧୁସୁଦନ ଟ୍ରେଡର୍ସ, ସୁହାନୀ ଟ୍ରେଡର୍ସ, ପାଟଣେଶ୍ୱରୀ ଏଗ୍ରୋ ଇଣ୍ଡଷ୍ଟ୍ରି, ସୁମିତ ଏଣ୍ଟର ପ୍ରାଇଜେସର ମାଲିକ ମାନେ ଉପସ୍ଥିତ ଥିଲେ। ଏନେଇ ମେନେଜମ୍ୟାଂଟ ମୁହଁ ଖୋଲିନାହିଁ।

# ସମ୍ବଲପୁରୀ ଧନୁଯାତ୍ରାର ପ୍ରାକ୍ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୧୨/୧୧ (ନି.ପ୍ର): ଆସନ୍ତା ୨୦୨୫ ଜାନୁଆରୀ ୧୫ ତାରିଖରୁ ଦ୍ୱିତୀୟ ଥର ପାଇଁ ସମ୍ବଲପୁରୀ ଧନୁଯାତ୍ରା ଆରମ୍ଭ ହେବ । ସମ୍ବଲପୁରୀ ଭାଷାର ସୁରକ୍ଷା ସହିତ ପ୍ରଚାର ପ୍ରସାର ପାଇଁ ଏକ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ଭାଷା ଓ ସଂସ୍କୃତିର ପର୍ବକୁ ଅଧିକ ଭବ୍ୟ କରାଯିବ । ପ୍ରଥମ ବର୍ଷ ଅନେକ ବାଧାବିଘ୍ନ ତଥା ସଂସୟ ଆଶଙ୍କା ମଧ୍ୟରେ ଖୁବ୍ ଅଳ୍ପ ସମୟ ମଧ୍ୟରେ ପ୍ରସ୍ତୁତ ହୋଇଥିବା ସମ୍ବଲପୁରୀ ଧନୁଯାତ୍ରାରେ ଦେଖାଦେଇଥିବା ସମସ୍ତ ଭୁଲ ତ୍ରୁଟିକୁ ଆଗାମୀ ଧନୁଯାତ୍ରାରେ ସଂଶୋଧନ କରାଯିବ । ଏଥିପାଇଁ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତିରେ ଆଗେଇ ଚାଲିଛି ବୋଲି କହିଛନ୍ତି ଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ । ସ୍ଥାନୀୟ ସାମ୍ବାଦିକ ଭବନର ପ୍ରଶାନ୍ତ ମହାନ୍ତି ସଭାକକ୍ଷରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ବାବୁ କହିଲେ ଯେ, ଲୋକଙ୍କ ନିକଟରେ ସମ୍ବଲପୁରୀ ଭାଷା ଓ ସଂସ୍କୃତିକୁ ପହଞ୍ଚାଇବାରେ ସମ୍ବଲପୁରୀ ଧନୁଯାତ୍ରା ଏକ ବଳିଷ୍ଠ ମାଧ୍ୟମ । ମାତ୍ର ଏଦିଗରେ ସମ୍ବଲପୁରୀ ଧନୁଯାତ୍ରା କମିଟିର ଏହା ଏକ ଛୋଟ ଉଦ୍ୟମ । ତେବେ ଏହାର ସଫଳ ରୂପାୟନ ପାଇଁ ସମଗ୍ର ସମ୍ବଲପୁର ବାସୀ ଓ ସମ୍ବଲପୁରୀ ଭାଷାକୁ ଭଲପାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ ଶ୍ରୀ ବାବୁ । ସେ କହିଲେ ଯେ, ସମ୍ବଲପୁର ଗଙ୍ଗାଧର ମଣ୍ଡପରେ ଆସନ୍ତା ୨୦୨୫ ଜାନୁଆରୀ ୧୫ ତାରିଖରୁ ୧୯ ତାରିଖ ପର ?ୟ୍ୟନ୍ତ ଗତଥର ଭଳି ୫ ଦିନ ବ୍ୟାପି ଆୟୋଜିତ ହେବ । ସମ୍ବଲପୁର ଗଙ୍ଗାଧର ମଣ୍ଡପ ମଥୁରା ନଗରୀ ଓ ଚାଉଁରପୁରରେ ଗୋପପୁରର ରୂପ ଧାରଣ କରିବ । ଏଥିପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଗତ ବର୍ଷ ତରବରିଆ ଭାବେ ଯାତ୍ରା ଆୟୋଜିତ ହୋଇ ଥିବାରୁ ଅନେକ ଭୁଲ ତ୍ରୁଟି ରହିବା ସ୍ୱାଭାବିକ । ମାତ୍ର ଚଳିତ ବର୍ଷ ଏହାକୁ ସମ୍ପୂର୍ଣ୍ଣ ନିର୍ଭୁଲ ତଥା ଅଧିକ ଭବ୍ୟ ରୂପରେ ଆୟୋଜନ କରାଯିବ । ତେଣୁ ଏଥିରେ ଯାତ୍ରାର ରଚନା ଠାରୁ ଆରମ୍ଭ କରି ସାଜସଜ୍ଜା ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଉଛି ବୋଲି ସେ କହିଥିଲେ । ସେ ଆହୁରି କହିଛନ୍ତି ଯେ, ଆଗାମୀ ସମ୍ବଲପୁରୀ ଧନୁଯାତ୍ରାକୁ ନେଇ ସମସ୍ତ କଳାକାରଙ୍କ ସହିତ ଆୟୋଜକ କମିଟି ତଥା ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷ ବେଶ ଉତ୍ସହିତ ଅଛନ୍ତି । ଚଳିତ ବର୍ଷ ଧନୁଯାତ୍ରାର ସମୟରେ ସାମାନ୍ୟ ପରିବର୍ତନ କରାଯିବ । ଏହା ଶୀତ ଋତୁରେ ଆୟୋଜିତ ହେବାକୁ ଯାଉଥିବାରୁ ମହାରାଜ କଂସଙ୍କ ନଗର ପରିକ୍ରମାକୁ ସାମାନ୍ୟ ସଙ୍କୁଚିତ କରାଯାଇ କଂସ ଦରବାରକୁ ମଧ୍ୟ ସନ୍ଧ୍ୟାରେ ଶୀଘ୍ର ଆରମ୍ଭ କରିବାକୁ ପ୍ରୟାସ କରାଯିବ । ତେବେ ମହାରାଜ କଂସଙ୍କ ନଗର ପରିକ୍ରମଣ ପାଇଁ ମାର୍ଗ ପରେ ନିର୍ଦ୍ଧାରିତ ହେବ । ଏହାବ୍ୟତିତ ଚଳିତ ବର୍ଷ ଦୁଇଟି ମଣ୍ଡପ ବଦଳରେ ଗୋଟିଏ ବଡ଼ ମଣ୍ଡପରେ ଦରବାର ଆୟୋଜିତ ହେବ । ସମ୍ବଲପୁରୀ ଧନୁଯାତ୍ରା ଆୟୋଜନ ପାଇଁ ପ୍ରାଥମିକ ଭାବେ ୨୦ରୁ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ସେ କହିଥିଲେ । ଏହାସହ ଯାତ୍ରାର ସଫଳତାରେ ସହଭାଗୀ ହେବାକୁ ସେ ସମସ୍ତ ସମ୍ବଲପୁର ବାସୀଙ୍କ ସହଯୋଗ କାମନା କରିଥିଲେ । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟ ଯାତ୍ରା କମିଟି ସମ୍ପାଦକ ଗୁଣ ରଞ୍ଜନ ସାଲିମା, ଲେଖକ ଓ ନିର୍ଦ୍ଦେଶକ ବବଲୁ ବାଗ, ସାଂସ୍କୃତିକ ସମ୍ପାଦକ କୃଷ୍ଣ ବାଗ, କଂସ ଭୂମିକାର କଳାକାର ଫଣିନ୍ଦ୍ର ପଣ୍ଡା, କୋଷାଧ୍ୟକ ନୀଶିକାନ୍ତ ବିଶ୍ୱାଳ ପ୍ରମୁଖ ମଂଚାସୀନ ଥିବା ବେଳେ ଯାତ୍ରା କମିଟିର ଅନ୍ୟାନ୍ୟ ସଦସ୍ୟ ଗଣ ଉପସ୍ଥିତ ଥିଲେ ।

# ଡ଼ା. ଜନାର୍ଦ୍ଦନ ପୂଜାରୀଙ୍କ ରଚନାବଳୀ ସାହିତ୍ୟିକ ଓ ଚିତ୍ରକରର ଯୌଥ ସର୍ଜନା

ସମ୍ବଲପୁର, ୧୨/୧୧ (ନି.ପ୍ର): ଡ଼ା. ଜନାର୍ଦ୍ଦନ ପୂଜାରୀଙ୍କ ରଚନାବଳୀ ସାହିତ୍ୟିକ ଓ ଚିତ୍ରକରର ଯୌଥ ସର୍ଜନା ଅଟେ ବୋଲି ଗବେଷକ ଡ. କାମଦେବ ସାହୁ କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୟୁଟିଲିଟି ସେଂଟରରେ ରାଜ୍ୟସ୍ତରୀୟ ଡା. ଜନାର୍ଦ୍ଦନ ପୂଜାରୀ ଜୟନ୍ତୀ ଉତ୍ସବରେ ଆଜି ମୁଖ୍ୟବକ୍ତା ଯୋଗଦେଇ ଅଧ୍ୟାପକ ଡ. ସାହୁ କହିଲେ ଯେ , ଡ଼ା. ପୂଜାରୀ ଜଣେ ଧର୍ମ ପ୍ରାଣ ବ୍ୟକ୍ତି ଥିଲେ । ଏହାସହିତ ସେ ଥିଲେ ନାଟ୍ୟକାର ଓ ଅଭିନେତା ତଥା ସମାଜସେବୀ । ତେଣୁ ତାଙ୍କ ସାହିତ୍ୟ ନୀତି, ଆଦର୍ଶ ଆଧାରିତ ଅଟେ । ଡାକ୍ତର ପୂଜାରୀଙ୍କ ଦୁଃସାହସିକ ଯାତ୍ରା, ସେବା ଓ ଭକ୍ତିମୟ ଜୀବନର ପ୍ରତିଫଳନ ତାଙ୍କ ରଚନାବଳୀରେ କିଭଳି ପଡ଼ିଛି ତା'ର ବିଶ୍ଲେଷଣ କରିଥିଲେ । ମୁଖ୍ୟ ଅତିଥି ଶିକ୍ଷାବିତ ଅରବିନ୍ଦ ମହାପାତ୍ର କହିଲେ, ଡ଼ା. ପୂଜାରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ କରି ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରଶଂସନୀୟ କାର୍ଯ୍ୟ କରିଆସୁଛି । ଗୃହସ୍ଥ ଜୀବନରେ ଥାଇ ସୁଦ୍ଧା ଆଶ୍ରମରେ ନିୟମିତ ପୁରାଣ ପାଠ, ହୋମ, ଜପ, ତପ ରେ ତନ୍ନିଷ୍ଠ ରହିଥିଲେ । କର୍ମ ଓ ସାଧନା ହେତୁ ସାହିତ୍ୟ ରଚନାରୁ ବିରତ ହୋଇଥିଲେ ମଧ୍ୟ ସେ ଯାହାକିଛି ରଚନା କରିଯାଇଛନ୍ତି ତାହା ଓଡ଼ିଆ ସାହିତ୍ୟ ପାଇଁ ଅମୂଲ୍ୟ ସମ୍ପଦ । ସମ୍ମାନିତ ଅତିଥି ତଥା ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ଼. ଉମା ଚରଣ ପତି କହିଲେ ଯେ, ମାନବ ସମ୍ବଳର ଯଥାର୍ଥ ବିକାଶ ଦ୍ୱାରା ହିଁ ପରିବାର, ସମାଜ ତଥା ରାଷ୍ଟ୍ରର ସଠିକ୍ ବିକାଶ ସମ୍ଭବପର ହେବ । ଅର୍ଥ ଉପାର୍ଜନ ଓ ବିଳାସପୂର୍ଣ୍ଣ ଜୀବନ ହିଁ ଯଦି ଲକ୍ଷ୍ୟ ହୁଏ ତେବେ ଜୀବନ ଧାରଣର ମାନରେ ଉନ୍ନତି ଆସି ପାରିବ ନାହିଁ। ଡ଼ା ଜନାର୍ଦ୍ଦନ ପୂଜାରୀଙ୍କ ଜୀବନ ଯାତ୍ରା ଏ ଦିଗରେ ଆମପାଇଁ ଉପଯୁକ୍ତ ପଥ ପ୍ରଦର୍ଶକ। ଅର୍ଜୁନ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ଶ୍ରଦ୍ଧାକର ସୁପକାରଙ୍କ ଦ୍ୱାରା ରଚିତ ଅମର ଜୀବନ ପୁସ୍ତକର ଇଂରାଜୀ ଅନୁବାଦ ' ଇମ୍ମୋର୍ଟାଲ ଲାଇଫ' ର ଶୁଭ ଉନ୍ମୋଚନ କରାଯାଇଥିଲା । ପ୍ରିୟରଞ୍ଜନ ସାହୁ ଇଂରାଜୀ ଅନୁବାଦ କରିଛନ୍ତି। ଡାକ୍ତର ପୂଜାରୀଙ୍କ ସାହିତ୍ୟ ଉପରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଶୋଭନ ବେହେରା, ଜ୍ୟୋତିର୍ମୟୀ ପ୍ରଧାନ, ପଲ୍ଲବୀ ମହାନନ୍ଦ ଓ ସ୍ୱସ୍ତିକ ପ୍ରଧାନ ପ୍ରମୁଖ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଦୀପକ କୁମାର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଲକ୍ଷ୍ମୀ ନାରାୟଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ସନାତନ ଧର୍ମ ସଭାକୁ ସମର୍ଥନ କରିବ ହିନ୍ଦୁ ସମାଜ

ଜୟପୁର, ୧୨/୧୧ (ନି.ପ୍ର): ଆସନ୍ତା ୧୬ ତାରିଖରେ ଦିଲ୍ଲୀ ଠାରେ ହେବାକୁ ଥିବା ସନାତନ ଧର୍ମ ସଭାକୁ ହିନ୍ଦୁ ସମାଜ ସମର୍ଥନ କରିବ ବୋଲି ଆଜି ଟାଉନ ପୁଲିସର ଏକ ନିବେଦନ ପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ ଆସନ୍ତା ୧୪ ତାରିଖରେ ଜୟପୁର ରାଜନହର ଠାରେ ଏକ ସାଧାରଣ ସଭା କରାଯାଇ ଲୋକଙ୍କୁ ସାଂସ୍କୃତିକ ଏବଂ ଶିକ୍ଷାଗତ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରି ଆମ ସମ୍ପ୍ରଦାୟକୁ ବହୁତ ଲାଭଦାୟକ ହେବ ବୋଲି ହିନ୍ଦୁ ସମାଜ ପକ୍ଷରୁ ବିଶ୍ୱାସ କରି ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି କୁହାଯାଇଛି। ଏହି ସାଧାରଣ ସଭାର ଅନୁମତି ନିମନ୍ତେ ଆଜି ଜୟପୁର ଟାଉନଥାନାରେ ଏକ ନିବେଦନ ପତ୍ର ପ୍ରଦାନ କରାଯାଇଛି।

# ଜୟପୁରଠାରେ ପରବ ପାଇଁ ପ୍ରସ୍ତୁତି ବୈଠକ

ଜୟପୁର, ୧୨/୧୧ (ନି.ପ୍ର): ପ୍ରତି ବର୍ଷ ଭଳି ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ପରବ ନିମନ୍ତେ ଜୟପୁର ସଦର ମହକୁମା ଠାରେ ବିଭିନ୍ନ ପ୍ରତିଯୋଗିତା ନିମନ୍ତେ ଆଜି ଉପଜିଲାପାଳ କୁମାରୀ ଅକବରମ ସସ୍ୟା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଉପାଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗୀତ ପ୍ରତିଯୋଗିତା, ମଂଚ ନାଟକ, କ୍ରୀଡ଼ା ପ୍ରତିଯୋଗିତା ଓ କଳା ପ୍ରତିଯୋଗିତା ବିଷୟରେ ଅଲୋଚନଅ କରଯାଇଥିଲା । ବିଭିନ୍ନ ବ୍ଲକ ସ୍ତରରୁ କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା ଟାଉନ ହଲ ଜୟପୁର ଠାରେ ୩.୧୨.୨୦୨୪ ଠାରୁ ୫.୧୨.୨୦୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେହି ପରି ଜିଲ୍ଲା ସ୍ତରୀୟ ଚାରୁ ଓ କଳା ପ୍ରତିଯୋଗିତା ୬.୧୨.୨୦୨୪ ତାରିଖ ଦିନ ୧୦ ଘଟିକା ସମୟରେ ଆରମ୍ଭ ହେବ ଓ ସମସ୍ତ କଳା ପ୍ରଦର୍ଶନୀ ୦୯.୧୨.୨୦୨୪ ତାରିଖ ଦିନ ଚାରୁ ଓ କଳା ମହାବିଦ୍ୟାଳୟ, ଜୟପୁର ଠାରେ ହେବ । ଚଳିତ ବର୍ଷ ମଂଚ ନାଟକ ଜୟପୁର ଗୀତାଞ୍ଜଳି ମଣ୍ଡପ ଠାରେ ଅନୁଷ୍ଠିତ ହେବ ୦୩.୧୨.୨୦୨୪ ତାରିଖ ଦିନ ଉଦଘାଠନ ହେବ ଓ ଶେଷ ଦିନରେ ଅଥାର୍ଥ ୦୮.୧୨.୨୦୨୪ ତାରିଖ ଦିନ ପୁରସ୍କାର ବିତରଣ ଓ ଶେଷ ନାଟକ ପ୍ରଦର୍ଶନ ହେବ ଏବଂ କ୍ରୀଡ଼ା ପ୍ରତିଯୋଗିତାର ଉଦଘାଟନ ୨୯.୧୨.୨୦୨୪ ତାରିଖ ଦିନ ହେବ କୋଟପାଡ ଠାରେ ଫୁଟବଲ ମ୍ୟାଚ ହେବ । ଆଜିର ଏହି ବୈଠକରେ ବ୍ୟୟ ଆୟର ମଧ୍ୟ ଅଲୋଚନା ହୋଇ ଥିଲା । ଏହି ବୈଠକରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ଜିଲ୍ଲା ସାଂସ୍କୃତିକ ଅଧିକାରୀ ପ୍ରୀତିସୁଦ୍ଧା ଜେନା, ଜ୍ଞାନଜିତ ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦ। ଗାଦବା, ସଭାପତ୍ୟ କଳା ଓ କଳାକାର ମନୋଜ କୁମାର ପାତ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ, ଚାରୁ ଓ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଯୁଧୀଷ୍ଟେର ମଲ୍ଲିକ, ସମସ୍ତ କଳାକାର ଓ ସମବଡିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୀ ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ମଧୁର ସଂସାର'ର କାହାଣୀରେ ଆସିଛି ନୂଆ ମୋଡ



ଭୁବନେଶ୍ୱର, ୧୨/୧୧ (ନି.ପ୍ର): ଓଡିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖି ଆଗରେ ରଖି ଭେଟିଦିଏ ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ । ସବୁଥର କାହାଣୀରେ ନୂତନତ୍ୱ ଓ ରୋମାଞ୍ଚ ଭରିଦିଏ ଜୀ ସାର୍ଥକ । ଯାହାକୁ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଦର୍ଶକେ ନିଜ ଜୀବନ ସହିତ ସଂଯୋଗ କରିପାରନ୍ତି। ଯାହା ଦ୍ୱାରା ଜୀ ସାର୍ଥକ ସାଜିଛି ଲୋକଙ୍କର ପ୍ରଥମ ପସନ୍ଦର ମନୋରଞ୍ଜନ ଚ୍ୟାନେଲ । ଦର୍ଶକଙ୍କ ଭଲ ପାଇବାକୁ ଧ୍ୟାନରେ ରଖି ନୂଆ ବର୍ଷରୁ ଆରମ୍ଭ ହୋଇଥିଲା ମେଗା ଧାରାବାହିକ 'ମଧୁର ସଂସାର' ଯାହାକୁ ମିଳିଛି ଅଶେଷ ଭଲ ପାଇବା। ଏବେ କାହାଣୀରେ ହେବାକୁ ଯାଉଛି ବଡ଼ ପରିବର୍ତ୍ତନ।

କିଛି ଦିନ ପୂର୍ବରୁ ମଧୁ ହିଁ ବନିତା ମିଶ୍ର ବୋଲି ବଡ଼ ସତ୍ୟ ସାମନାକୁ ଆସିବାପରେ ସୁଲେଖା ମଧୁକୁ ବିବାହ ବିଚ୍ଛେଦ ପାଇଁ ତିନି ମାସର ସମୟ ଦେଇଛି। ମଧୁ ନିଜ ସଂପର୍କ ଓ ପରିବାରର ରକ୍ଷା ପାଇଁ ଦୃଢ଼ ସଂକଳ୍ପବଦ୍ଧ ଏବଂ ଇଶାର ସବୁ କୁଚକ୍ରାନ୍ତକୁ ସାମନା କରିବାକୁ ସେ ପ୍ରସ୍ତୁତ। ଅନ୍ୟ ପକ୍ଷରେ ରୂପାଲୀ ଓ ଶ୍ରେୟସଙ୍କ ନୂଆ ସମ୍ପର୍କ ଦେଖି ମଧୁ ନିଜ ସାଙ୍ଗକୁ କିଛି ଉଚିତ୍ ମନ୍ତବ୍ୟ ଓ ଉପଦେଶ ଦେଇଛି ଯାହାଦ୍ୱାରା ତାଙ୍କ ସଂପର୍କ ଆହୁରି ନିବିଡ଼ ହୋଇପାରିବ। ତେବେ ମଧୁ ନିଜ ବିବାହ ବନ୍ଧନକୁ ବଞ୍ଚେଇପାରିବ କି ନାହିଁ ? ଶ୍ରେୟସଙ୍କ ପ୍ରେମ କାହାଣୀ ଖୁସିରେ ଭରିବ ତ ? ଏ ସମସ୍ତ ପ୍ରଶ୍ନର ଉତ୍ତର ଜାଣିବାକୁ ଦେଖନ୍ତୁ ପ୍ରତ୍ୟେକ ସୋମବାର ରୁ ଶନିବାର ସନ୍ଧ୍ୟା ୭ଟାରୁ ମେଗା ଧାରାବାହିକ 'ମଧୁର ସଂସାର' ଏବଂ ଧାରାବାହିକ ସହିତ ଯୋଡି ହୋଇ ରୁହନ୍ତୁ ବୋଲି ଅନୁରୋଧ କହିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ଶ୍ରୀ ପ୍ରତୀକ ସିଲ୍ ।

# ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର

ବଲାଙ୍ଗିର, ୧୨/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ଜିଲ। ଆଇନ ସେବା ପ୍ରାଧିକରଣଙ୍କ ଅଧ୍ୟକ୍ଷ ଡକ୍ଟର ପବିତ୍ର ମୋହନ ସାମଲଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପଥରଚେପକ୍ଷ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଏହି ଆଇନ ସଚେତନତା ଶିବିରରେ ବଲାଙ୍ଗିର ଜିଲ୍ଲା ଅତିରିକ୍ତ ନ୍ୟାୟାଧିଶ(ପୋକସୋ) ଗୋପବନ୍ଧୁ ଗଡନାୟକ ଯୋଗଦାନ ଦେଇ ପୋକସୋ ଆଇନ ସମ୍ବନ୍ଧରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ କିଶୋର ନିଜ ବକ୍ତବ୍ୟରେ ଅଧିନିୟମ ଓ ନାଗରିକଙ୍କର ମୌଳିକ ଅଧିକାର ସହିତ ଛାତ୍ରଛାତ୍ରୀ ମାନଙ୍କର ରାଷ୍ଟ୍ରପ୍ରଗତିରେ ଥିବା ଭୂମିକା ଏବଂ ପ୍ରାଧିକରଣ ଦ୍ୱାରା ଦିଆ ଯାଉଥିବା ମାଗଣା ଆଇନ ସେବା ସଂପର୍କରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଶ୍ରୀମତୀ ସସ୍ମିତା ବାରିକ୍ ଉପ ଆରକ୍ଷୀ ଅଧିକ୍ଷିକ, ବଲାଙ୍ଗିର ଉକ୍ତ ଆଇନ ଉପରେ ପୁଲିସ୍ ବିଭାଗର ଦାୟିତ୍ୱ ଏବଂ କର୍ତବ୍ୟ ଓ ବିପଦ ଆସିବା ଆଗରୁ କିପରି ସତର୍କତା ଅବଲମ୍ବନ କରିବା ତାହା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଶିବିରରେ ସିଡବ୍ଲ୍ୟୁସି ର ସଭ୍ୟ ଏସ୍ ଲତାଶ୍ରୀ ସିଡବ୍ଲ୍ୟୁସି ର ଦାୟିତ୍ୱ ଉପରେ ସୂଚନା ପ୍ରଦାନ କରିଥିଲେ । ଶିବିରକୁ ବିଦ୍ୟାଳୟ ର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ପରିଚାଳନା କରିଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ପରିଶେଷରେ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣଙ୍କ ଥିମ୍ ଗୀତ ପରିବେଷଣ କରାଯାଇ ନିଶୁଳ୍କ ଆଇନ ସେବା ସଂଖ୍ୟା ୧୫୧୦୦ ର ପ୍ରଚାର ପ୍ରସାର କରାଯାଇଥିଲା ।

## କବୟିତ୍ରୀ ଚାରୁଲତା ଭୂୟାଁଙ୍କ କବିତା ପୁସ୍ତକ ଉନ୍ମୋଚନ

କେନ୍ଦ୍ରାପଡ଼ା, ୧୨/୧୧ (ନି.ପ୍ର): କେନ୍ଦ୍ରାପଡ଼ା ସାନ୍ଧ୍ୟା ମହାବିଦ୍ୟାଳୟ ପରିସରରେ ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ କବି ଇଂ ଅକ୍ଷୟ ପାଣିଙ୍କ ସଂଯୋଜନାରେ ଉପସ୍ଥିତ ମଞ୍ଚାସୀନ ଅତିଥୀ ପ୍ରେମାନନ୍ଦ ଖଣ୍ଡୁଆଳ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, କବି ଡକ୍ଟର ଫନୀ ମହାନ୍ତି, ପ୍ରଫେସର ଡଃ ନନ୍ଦ କିଶୋର ପରିଡ଼ା, ଇଂ ଯାମିନୀକାନ୍ତ ଦାସ, ପୂର୍ବତଟ ରେଳ ବିଭାଗର ବରିଷ୍ଠ ଅଧିକାରୀ କବି ନିରାକାର ଦାସ, ପ୍ରଫେସର ଡଃ ଶ୍ରୀଧର ସାମଲ ଏବଂ ପ୍ରାବନ୍ଧିକ ଡଃ ବାସୁଦେବ ଦାସଙ୍କ କର କମଳରେ ବିଶିଷ୍ଟ ଲେଖିକା, ଶିକ୍ଷୟିତ୍ରୀ ଓ କବୟିତ୍ରୀ ଶ୍ରୀମତୀ ଚିରୁଲତା ଭୂୟାଁଙ୍କ ପୁସ୍ତକ ତଥା ବନଫୁଲ ପ୍ରକାସନ ଦ୍ୱାରା ପ୍ରକାଶିତ କବିତା ସଂକଳନ ସମୟର ସ୍ୱର ମନ୍ତ୍ର ସମ୍ମୁଖରେ ଉପସ୍ଥିତ ଥିବା ବହୁ କବି, ଶିକ୍ଷକ, ଶିକ୍ଷୟିତ୍ରୀ, ଲେଖକ, ଲେଖିକା, ପାଠକ ଓ ପାଠିକାମାନଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିବା ବିଶେଷ ସୂତ୍ରରୁ ଖବର ନେବାରୁ ଜଣାପଡ଼ିଛି।

# ବିଶିଷ୍ଟ ଗବେଷକ ଡ. ଧରଣୀଧର ନାଥ ପାଇଲେ ୭ମ ଡ. ନଗେନ୍ଦ୍ରନାଥ ପ୍ରଧାନ ସ୍ମୃତି ସମ୍ମାନ

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ବିଶିଷ୍ଟ ସାହିତ୍ୟ ସାଧକ, ଗବେଷକ, ସମାଜସେବୀ ତଥା ସଂଗଠକ ସ୍ୱର୍ଗତଃ ପ୍ରଫେସର ଡକ୍ଟର ନଗେନ୍ଦ୍ରନାଥ ପ୍ରଧାନଙ୍କ ୮୯ତମ ଜନ୍ମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ପକ୍ଷରୁ ଏହାର ଅନୁଗୋଳ ଜିଲ୍ଲା ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସରଙ୍କ ଅଧ୍ୟକ୍ଷତାରେ ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ, ଗବେଷକ ତଥା କୃତବିଦ୍ୟ ସ୍ରଷ୍ଟା ଡକ୍ଟର ଧରଣୀଧର ନାଥଙ୍କୁ ୭ମ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ-୨୦୨୪ରେ ସମ୍ମାନିତ କରିବାସହ ମାନପତ୍ର, ଉପଢୌକନ, ନାରିକେଳ ସହିତ ଅର୍ଥରାଶି ପ୍ରଦାନ କରାଯାଇଅଛି। କାର୍ଯ୍ୟକ୍ରମର ଆରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ଜ୍ୱଳନ କରାଯାଇ ସଭାର ଶୁଭାରମ୍ଭ କରାଯାଇଥିଲା। ମଂଚରେ ଆସୀନ ଅତିଥି ମାନଙ୍କ ସ୍ୱାଗତ ଓ ପରିଚୟ ପ୍ରଦାନ ରାମକୃଷ୍ଣ ତ୍ରିପାଠୀ କରିଥିଲେ।

ଉପଦେଷ୍ଟା ଶ୍ରୀ ବିଜୟ ମୋଦି ଶ୍ରୀ ନଗେନ୍ଦ୍ର ନାଥ ପ୍ରଧାନଙ୍କର ସରଳ ଓ ଅମାୟିକ ବ୍ୟବହାର ସମ୍ପର୍କରେ ନିଜର ଅନୁଭୂତି ବଖାଣି ଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡ. ଧରଣୀଧର ନାଥ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହିତ ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ଗବେଷଣାତ୍ମକ ସାହିତ୍ୟ ସାଧନା ଓ ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ ମାର୍ଗ ଦର୍ଶନରେ ସରସ୍ୱତୀ ଶିଶୁ ମନ୍ଦିର ଗୁଡ଼ିକ କିପରି ସର୍ବଶ୍ରେଷ୍ଠ ବିଦ୍ୟାଳୟ ହୋଇପାରିଥିଲା ତାହା ବର୍ଣ୍ଣନା କରିଥିଲେ।

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶାର ସାଧାରଣ ସାମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ଶ୍ରୀ ନଗେନ୍ଦ୍ର ନାଥ ପ୍ରଧାନଙ୍କର ସାମଗ୍ରିକ ଜୀବନ କିପରି ପ୍ରେରଣାଦାୟୀ ଥିଲା ଓ ଭାଷା ସାହିତ୍ୟ ତଥା ଭାରତୀୟ ସଂସ୍କୃତିର ଉତ୍ଥାନରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋକ ପାତ କରିଥିଲେ।

ଶ୍ରୀ ଦୁର୍ଯୋଧନ ସାହୁ ମାନପତ୍ର ପାଠ କରିଥିବା ବେଳେ ସାହିତ୍ୟ ପରିଷଦର ଜିଲ୍ଲା ଅଧ୍ୟକ୍ଷ ପ୍ରଫେସର ଶ୍ରୀ ଶାନ୍ତନୁ କୁମାର ସର ଡ. ଧରଣୀ ଧର ନାଥଙ୍କୁ ଅଭିନନ୍ଦନ ଜଣାଇବା ସହିତ ଡ. ନଗେନ୍ଦ୍ର ନାଥ ପ୍ରଧାନଙ୍କ କୃତି ଓ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ।ଶେଷରେ ଡ. ସଦାନନ୍ଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀ ବଜରଙ୍ଗ ଅଗ୍ରୱାଲ, ଇଂ ଅରୁଣ ସାହୁ ଆଦି ସାହିତ୍ୟ ପ୍ରେମୀ ତଥା ବିଦ୍ୟାମନ୍ଦିରର ଛାତ୍ର ଛାତ୍ରୀ ଗଣ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହିତ ପରିଷଦର ସଂଗଠନ ସମ୍ପାଦକ ଶ୍ରୀ ନାରାୟଣ ନାୟକ, ସାଧାରଣ ସମ୍ପାଦକ ଡକ୍ଟର ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ପିଲାଚୋର ସନ୍ଦେହରେ ବୁଲା ବିକାଳୀଙ୍କୁ ମାଡ ଅଭିଯୋଗ, ଉତ୍ତେଜନା

କେନ୍ଦ୍ରାପଡ଼ା, ୧୨/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରେ ପିଲାଚୋର ସନ୍ଦେହରେ ବୁଲା ବିକାଳୀଙ୍କୁ ଗାଁ ଲୋକେ ପିଟିଥିବା ଅଭିଯୋଗ ହୋଇଛି । ପ୍ଲାଷ୍ଟିକ୍ ବିକାଳୀ ଦମ୍ପତିଙ୍କୁ ଅଟକ ରଖିବା ସହ ନିସ୍ତୁକ ପିଟିଛନ୍ତି ଗାଁ ଲୋକେ । ଏକ ୫ ବର୍ଷିୟ ପିଲାକୁ ଏହି ଦମ୍ପତି ଚୋରି କରିବା ନେଇ ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି । ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି । ଉଭୟଙ୍କୁ ଥାନାରେ ଅଟକ ରଖିବା ସହ ପଚରାଉଚରା ଚଳାଇଛି । ପଟ୍ଟାମୁଣ୍ଡାଇ-ରାଜନଗର ରୋଡ଼ ଶାସନ ଛକରେ ଦୁଇ ଶିଶୁ (ଜଣେ ୫ ବର୍ଷ ଓ ଜଣେ ୭ ବର୍ଷର) ଯାଉଥିବା ବେଳେ ୫ ବର୍ଷିୟ ଶିଶୁ ସାଇକୁ ଏକ ଡ୍ରମ୍ ରେ ପୁରାଇ ଦୁଇ ଜଣ ବୁଲାବିକାଳୀ ତାଙ୍କୁ ସେଠାରୁ ନେଇ ପଳାଇ ଯାଉଥିବା ସମୟରେ ୭ ବର୍ଷିୟ ଶିଶୁ ଜଣକ ପାଟି କରିଥିଲା । ଏହି ସମୟରେ ସାଇ ଡ୍ରମ୍ ଭିତରୁ ବାହାରକୁ ଡେଇଁ ପଡିଥିଲା ଏବଂ ଶିଶୁଟି ତଳେ ପଡି ଖଣ୍ଡିଆଖାବରା ହୋଇଥିବାର ଅଭିଯୋଗ ହୋଇଛି । ଏହି ଖବର ପାଇବା ପରେ ଗ୍ରାମବାସୀ ସେଠାରେ ରୁଣ୍ଡ ହୋଇଥିଲେ । ଦୁଇ ବୁଲା ବିକାଳୀଙ୍କୁ ଘେରି ଯାଇଥିଲେ । ଏବଂ ସେମାନଙ୍କୁ ଧରି ଆଣି ନିମପୁର ପଂଚାୟତ କାର୍ଯ୍ୟାଳୟରେ ଦୀର୍ଘ ସମୟ ଧରି ଅଟକ ରଖିଥିଲେ । ଏବଂ ସ୍ୱାମୀକୁ ଅର୍ଥାତ୍ ସେହି ପୁରୁଷ ଲୋକଟିକୁ ସେଠାରେ ମାଡ ମାରିଥିବା ଅଭିଯୋଗ ହୋଇଛି । ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ନେଇଛି ପୋଲିସ । ଉଭୟଙ୍କୁ ଅଟକ ରଖିବା ସହ ପଚରାଉଚରା ଚଳାଇଛି । ଏମାନେ ମଧ୍ୟପ୍ରଦେଶରୁ ଆସି ପଟ୍ଟାମୁଣ୍ଡାଇ ନିକଟ ଏକ ଗ୍ରାମରେ ରହୁଥିଲେ । ଏବଂ ଏଠାରେ ବ୍ୟବସାୟ କରୁଥିବା ଜଣାପଡିଛି ।

# ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠରେ ହବିଷ୍ୟାଳୀ ଉତ୍ସବ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୧୨/୧୧ (ନି.ପ୍ର): ପବିତ୍ର ତୁଳସୀ କ୍ଷେତ୍ରର କ୍ଷେତ୍ରାଧିପତି ତଥା କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠରେ କେନ୍ଦ୍ରାପଡ଼ା ଦିବ୍ୟ ଜୀବନ ସଙ୍ଘ ତଥା ଗରାପୁର ଶିବାନନ୍ଦ ଆଶ୍ରମ ପକ୍ଷରୁ କାର୍ତିକ ହବିଷ୍ୟାଳୀ ବ୍ରତ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଝୁଲଣ ମଣ୍ଡପ ପରିସରରେ ଅନୁଷ୍ଠିତ ଉତ୍ସବରେ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ୨ଶହରୁ ଅଧିକ ହବିଷ୍ୟାଳୀ ମା'ମାନଙ୍କୁ ତୁଳସୀକ୍ଷେତ୍ରରେ ଶ୍ରୀମା'ଙ୍କ ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ ହବିଷ୍ୟାଳି ବ୍ରତ ପାଳନ କରୁଥିବାରୁ ସେମାନଙ୍କର ଶୁଭକାମନା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ନୃସିଂହ ଟିକିଲି ମଠର ମହନ୍ତ ବାବାଜୀ ହୃଷିକେଶ ଦାସ, ଗୁଲନଗର ପଂଚାୟତର ସରପଂଚ ସନ୍ଧ୍ୟାରାଣୀ ସାହୁ, ପୂର୍ବତନ ସରପଂଚ ଅଭିମନ୍ୟୁ ଗୋଛାୟତ, କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ କାର୍ତିକ ପଂଚୁକ ହବିଷ୍ୟାଳୀ ବ୍ରତ ପାଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହିତ ତୁଳସୀକ୍ଷେତ୍ରରେ ହବିଷ୍ୟାଳୀ ବ୍ରତ ପାଳନର ବ୍ୟବସ୍ଥା ପାଇଁ ଶ୍ରୀମା'ଙ୍କ ଉଦ୍ୟମକୁ ପ୍ରସଂଶା କରିଥିଲେ। ଆଶ୍ରମ ପକ୍ଷରୁ ବିଗତ ୮ବର୍ଷ ହେବ ଏହି ହବିଷ୍ୟାଳୀ ବ୍ରତର ଆୟୋଜନ କରାଯାଇ ଆସୁଅଛି। ଶେଷରେ ସାମ୍ବାଦିକ ଚିତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ହବିଷ୍ୟାଳୀମାନେ ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ରାଇଦାମୋଦର ବେଶ, ଅଁଳା ବେଢ଼ା ପରିକ୍ରମା, ମନ୍ଦିର ପରିକ୍ରମା ପ୍ରଭୃତି କରିବା ପରେ ଝୁଲଣ ମଣ୍ଡପରେ ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ହବିଷ୍ୟାଳୀମାନଙ୍କୁ ଶ୍ରୀମା ଭାଗବତ ଗୀତା ଉପରେ ବହୁ ମୂଲ୍ୟବାନ ଆଧାତ୍ମିକ ପ୍ରବଚନ ପ୍ରଦାନ କରିବା ପରେ ଭଜନ ଓ କୀର୍ତନ କରାଯାଇଥିଲା। ଏହାପରେ ଯାତ୍ରୀନିବାସରେ ମଧ୍ୟାହ୍ନ ଭୋଜନ ପରେ ସେମାନେ ବିଶ୍ରାମ ନେଇଥିଲେ। ସନ୍ଧ୍ୟାରେ ହବିଷ୍ୟାଳୀମାନେ ଶ୍ରୀଜୀଉଙ୍କ ଝୁଲଣ ମଣ୍ଡପରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ହବିଷ୍ୟାଳୀ ମା'ମାନେ ଯୋଗଦେଇ ରୀତିନୀତି ଅନୁଯାୟୀ ଈଶ୍ୱର ଆରାଧନା ସହିତ ଆଧାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଏହି ଉତ୍ସବ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରୀମା'ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରତ୍ୟେକ ଦିନ ବହୁ ସାଧୁସନ୍ଥ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# କଟକ ବିଦ୍ୟାଧରପୁରର କାଳୀ ମେଳନ



ସୁଷମା ପରିଜା

କଟକ ସହରର ପୂର୍ବାଞ୍ଚଳରେ ଅବସ୍ଥିତ ବିଦ୍ୟାଧରପୁର ଗ୍ରାମଟି କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପାଇଁ ସାରା ବିଶ୍ୱରେ ଯେତିକି ପ୍ରସିଦ୍ଧ, ଏଠାକାର କାଳୀ ମେଳନ ପାଇଁ ସାରା ରାଜ୍ୟରେ ସେତିକି ପ୍ରସିଦ୍ଧ। କାର୍ତ୍ତିକ ମାସ ଅମାବାସ୍ୟାରେ ସର୍ବତ୍ର ମହାକାଳୀଙ୍କର ଶ୍ୟାମ ରଙ୍ଗର ମୃଣ୍ମୟୀ ପ୍ରତିମା ପୂଜିତ ହେଉଥିବା ବେଳେ ଏହି ଗ୍ରାମରେ ପୂଜିତ ହୋଇଥାନ୍ତି ଠିକ୍ କଲିକତାର ମା' ଦକ୍ଷିଣ କାଳୀଙ୍କ ଭଳି ମା'ମହାକାଳୀଙ୍କର ଗାଢ଼ କଳା ରଙ୍ଗର ମୃଣ୍ମୟୀ ପ୍ରତିମା ଯାହା ଓଡ଼ିଶାର ଅନ୍ୟ କେଉଁଠାରେ ଦେଖିବାକୁ ମିଳିବା ଲେନାହିଁସେ। ମହାନଦୀ କୂଳରେ ଅବସ୍ଥିତ ଏହି ଗ୍ରାମରେ ଛତିଶି ପାଟକର ଲୋକମାନେ ବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ବ୍ରାହ୍ମଣ, କରଣ ଏବଂ ବଣିଆଙ୍କ ସଂଖ୍ୟା ଅଧିକ। ସେମାନେ ମୁଖ୍ୟତଃ ଚାଷବାସ ଏବଂ ଇଟା ଭାଟି କରି ସେମାନଙ୍କର ଜୀବିକା ନିର୍ବାହ କରିଥାନ୍ତି। ନଦୀକୂଳିଆ ସ୍ଥାନ ହୋଇଥିବାରୁ ସେଠାରେ ପ୍ରଚୁର ପରିମାଣରେ ଧାନ ଏବଂ ପନିପରିବା ଚାଷ ହୋଇଥାଏ ଯାହା କଟକର ପୂର୍ବାଞ୍ଚଳ ରେ ଶାସକ କରୁଥିବା ଲୋକମାନଙ୍କ ଚାହିଦା ମେଣ୍ଟାଇବା ସହ ଛତ୍ର ବଜାରର ପରିବା ବଜାରକୁ ମଧ୍ୟ ସମୃଦ୍ଧ କରିଥାଏ।

ପ୍ରାୟ ପାଞ୍ଚଶହ ବର୍ଷ ତଳେ ଜୀବନ ଜୀବିକା ସନ୍ଧାନରେ କଲିକତାର ବର୍ଦ୍ଧମାନରୁ ଦୁଇଟି ବଙ୍ଗାଳୀ ବ୍ରାହ୍ମଣ ପରିବାର ଆସି ବିଦ୍ୟାଧରପୁରରେ ବସବାସ କଲେ। ତନ୍ମଧ୍ୟରୁ ଗୋଟିଏ ହେଲେ ଗୋସ୍ୱାମୀ ପରିବାର ଏବଂ ଅନ୍ୟଟି ହେଲେ ଚାଟାର୍ଜୀ ପରିବାର। ଲୋକମୁଖରେ ଶୁଣାଯାଏ ଯେ ଗୋସ୍ୱାମୀ ପରିବାର ଗ୍ରାମର ଗୋଟିଏ ମୁଣ୍ଡରେ ଚାଳିଆଟିଏ କରି ପୂର୍ବାଞ୍ଚଳରେ ପ୍ରଥମ କରି ମୃଣ୍ମୟୀ ପ୍ରତିମା ନିର୍ମାଣ କରି ବଙ୍ଗୀୟ ପଦ୍ଧତିରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ କରିଥିଲେ। ସେଠାରେ ପ୍ରଥମ ବର୍ଷ କେବଳ ତାଙ୍କର ପରିବାରର ଲୋକମାନେ ସାମିଲ ହେଉଥିବା ବେଳେ ପରବର୍ତ୍ତୀ ବର୍ଷ ଠାରୁ ସ୍ଥାନୀୟ ଅଧିବାସୀମାନେ ସେହି ସାମିଲ୍ ହେବା ଆରମ୍ଭ କରିଥିଲେ। ସେହି ବର୍ଷ ଚାଟାର୍ଜୀ ପରିବାରର ଶ୍ରୀ ବିଶ୍ୱେଶ୍ୱର ଚାଟାର୍ଜୀ ବର୍ଦ୍ଧମାନରୁ ମା' କାଳୀଙ୍କର ଛୋଟ ପ୍ରତିମାଟିଏ ଆଣି ବିଦ୍ୟାଧରପୁର ଗାଆଁ ମଝିରେ ନିଜ ଗୃହ ନିକଟରେ ଛୋଟ ମନ୍ଦିରଟିଏ ଗଢାଇ ସେଠାରେ ଦେବୀଙ୍କୁ ସ୍ଥାପନା କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। କାଳୀମେଲାରେ ମା'ଙ୍କର ମୃଣ୍ମୟୀ ପ୍ରତିମା ନିର୍ମାଣ କରି କାର୍ତ୍ତିକ ମାସ ଅମାବାସ୍ୟାରେ କାଳୀପୂଜାର ଆୟୋଜନ କଲେ। ଚାଟାର୍ଜୀ ପରିବାର ଦ୍ୱାରା ବଙ୍ଗୀୟ ପଦ୍ଧତିରେ ଖୁବ୍ ନିଷ୍ଠାପର ଭାବରେ ଦେବୀ ମହାକାଳୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ। ଧୀରେ ଧୀରେ ତହିଁ ରେ ସ୍ଥାନୀୟ ଅଧିବାସୀମାନେ ଆନନ୍ଦରେ ଅଂଶ



ଗ୍ରହଣ କରି ଚାଟାର୍ଜୀ ପରିବାରକୁ ସାହାଯ୍ୟ ସହଯୋଗ ପ୍ରଦାନ କରିଥିଲେ ସୁଦ୍ଧା ଚାଟାର୍ଜୀ ପରିବାରର ମୁଖ୍ୟ ହିଁ କାଳୀ ମାଆଙ୍କର ମୁଖ୍ୟ ପୂଜକ ରହିଛନ୍ତି। ଏବେ ମଧ୍ୟ ସେହି ପରିବାରର ଦେବାଶିଷ ଚକ୍ରବର୍ତ୍ତୀ ସେହି କାଳୀଙ୍କର ମୁଖ୍ୟ ପୂଜକ ରହିଛନ୍ତି। ସମୟାନୁକ୍ରମେ ସେହି ଗ୍ରାମର ଅନ୍ୟ ସାହି ମାନଙ୍କ ରେ ବିଭିନ୍ନ ସ୍ଥାନରେ ଅନ୍ୟାନ୍ୟ ଦେବାଦେବୀ ଯଥା ଶିବ ପାର୍ବତୀ, ଗଣେଶ, ଶ୍ରୀକୃଷ୍ଣଙ୍କର ବିଭିନ୍ନ ଲୀଳା ଖେଳାର ପ୍ରତିମୂର୍ତ୍ତି ମାନ ନିର୍ମାଣ କରି ମେଢ ତିଆରି ହେଲା ଏବଂ ସେଥିରେ ବିଭିନ୍ନ ରକମର ଆଲୋକ ସଜ୍ଜା, ସୁନ୍ଦର ତୋରଣ ନିର୍ମାଣ କରି ଏହି ଉତ୍ସବଟି ଏକ ବର୍ଣ୍ଣାଢ୍ୟ ସମାରୋହରେ ପରିଣତ ହୋଇଥିଲା। ଅମାବାସ୍ୟା ପରେ ମଧ୍ୟ ଆଉ ଦୁଇ ଚାରିଦିନ ଧରି ପୂଜାର୍ଚ୍ଚନା କରାଯିବା ପରେ ବିସର୍ଜନ ହୋଇ ଶେଷଦିନ ଭସାଣି ପୂର୍ବରୁ ଏହି ସବୁ ମେଢ଼ ମାନଙ୍କୁ ଏକତ୍ରିତ ରଖି ବିଦ୍ୟାଧରପୁରର ଦୋଳମଣ୍ଡପ ସାହି (ସ୍ଥାନୀୟ ଭାଷାର ଦୋଳମୁଣ୍ଡାଇ) ଠାରେ ମେଳଣ ଆରମ୍ଭ ହୋଇଥିଲା। ଏହି ସମୟରେ ଏଠାରେ କଟକ ବାଲିଯାତ୍ରା ଭଳି ବିଭିନ୍ନ ପ୍ରକାର ଅସ୍ଥାୟୀ ଦୋକାନ ବଜାର ବସେ, ବିଶେଷକରି ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ଆଣି ଦୂରଦୂରାନ୍ତରୁ ବେପାରୀ ମାନେ ଆସିଥାନ୍ତି ବିଦ୍ୟାଧରପୁରର ଏହି ମେଳନକୁ । କାର୍ତ୍ତିକ ଅମାବାସ୍ୟାଠାରୁ ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ଭଳି କି ଭଳି ବାଣ, ଆତସବାଜି, ଚକ୍ରି ଦୋଳି, ରାମଦୋଳି ଏଠିକା ମେଳନର ମୁଖ୍ୟ ଆକର୍ଷଣ। ଏହି ମେଳଣଟି ଦେଖିବା ପାଇଁ ଆଖପାଖ ବାର ଖଣ୍ଡ ମଉଜାର ଲୋକମାନେ ଏଠାକୁ ଆସିଥାନ୍ତି। ବିଶେଷ କରି ମା' କାଳୀଙ୍କୁ ଦର୍ଶନ କରି ତାଙ୍କର ଆଶୀର୍ବାଦ ନେବା ପାଇଁ।

କିଛି ବର୍ଷ ପରେ ମାଆ କାଳୀଙ୍କର ମୁଖ୍ୟ ମନ୍ଦିର ପାର୍ଶ୍ୱରେ ଆଉ ଏକ ପ୍ରତିମୂର୍ତ୍ତି ନିର୍ମାଣ କରି ପ୍ରଥମ କାଳୀଙ୍କୁ ବଡ କାଳୀ ଏବଂ ନୂତନ ନିର୍ମିତ କାଳୀଙ୍କୁ ସାନ କାଳୀ ନାମ ଦିଆଯାଇଥିଲା। ସେମାନଙ୍କୁ ଦୁଇ ଭଉଣୀ ମଧ୍ୟ କୁହାଯାଏ। ଅତୀତର ସେହି ପୁରୁଣା ଚାଳିଆଟି ପ୍ରଥମେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବଖୁରିକିଆ କୋଠାଘରରେ ପରିବର୍ତ୍ତିତ ହୋଇଥିଲା। ତାହା ଏବେ ମାର୍ବଲ ଛାଉଣୀ କରାଯାଇଛି ସ୍ଥାନୀୟ ଏକ ମହିଳା ସମିତିର ସହଯୋଗରେ। ଦ୍ୱିତୀୟ କାଳୀ ମେଲା ରେ ମଧ୍ୟ ଗ୍ରାମବାସୀ ମାନଙ୍କ ସାହାଯ୍ୟ ସହଯୋଗରେ ଏକ ନୂତନ କୋଠା ଘର ତିଆରି ହୋଇଛି ଏବଂ ସେଇଟି ମଧ୍ୟ ମାର୍ବଲ୍ ଛାଉଣୀ ହୋଇଛି। ବିଦ୍ୟାଧରପୁରର ମା' କାଳୀ ବଡ ପ୍ରତ୍ୟକ୍ଷ ଦେବୀ। ଗ୍ରାମବାସୀମାନଙ୍କର ଅଖଣ୍ଡ ବିଶ୍ୱାସ ତାଙ୍କ ଉପରେ। ବଡ ବୁଢା ମାନେ କୁହନ୍ତି" ଏଇ ଦୁଇ ଭଉଣୀ ଗାଆଁକୁ ସକଳ ବିପତ୍ତିରୁ ରକ୍ଷା କରନ୍ତି। ପ୍ରତିଦିନ ଅର୍ଦ୍ଧ ରାତ୍ରୀରେ ସେମାନେ ଘୋଡ଼ାରେ ବସି ଗ୍ରାମ ପରିକ୍ରମା କରିଥାନ୍ତି। ଗ୍ରାମବାସୀଙ୍କ ଭଲ ମନ୍ଦ ବୁଝିଥାନ୍ତି। କାହାର ଶରୀର ଅସୁସ୍ଥ ହେଲେ, କେହି କିଛି ବିପଦରେ ପଡ଼ିଲେ, କେହି ଚାକିରି,



ବ୍ୟବସାୟ କି ଉଚ୍ଚତର ପାଠପଢା ଆରମ୍ଭ କଲେ ସେହି ପରିବାରର ଲୋକେ ମା' କାଳୀଙ୍କ ନିକଟରେ "ପଣା ହାଣ୍ଡି" ମାନସିକ କରିଥାନ୍ତି । ମାନସିକ ପୂରଣ ହେଲା ପରେ ଏହି ପୂଜା ସମୟରେ ନୂଆ ହାଣ୍ଡିରେ ହାଣ୍ଡିଏ ପଣା ଉତ୍ସର୍ଗ କରିଥାନ୍ତି ମାଆଙ୍କୁ। ଆହୁରି ଗୋଟିଏ ବିଶେଷତ୍ୱ ଅଛି ବିଦ୍ୟାଧରପୁର ମା'କାଳୀଙ୍କର । ଅନ୍ୟ ସବୁ ସ୍ଥାନରେ ମେଢ଼ ସବୁ ଅନ୍ୟାନ୍ୟ ଭାରୁଆ ମାନଙ୍କ ଦ୍ୱାରା ଉଠାହୋଇ ସେହିମାନଙ୍କ କାନ୍ଧରେ ବୁହା ହୋଇ ଯାଇ ନିକଟସ୍ଥ ନଦୀ ମାନଙ୍କରେ ବିସର୍ଜନ ହୋଇଥାନ୍ତି କିନ୍ତୁ ବିଦ୍ୟାଧରପୁର ମା'କାଳୀ ବାହାର ଲୋକ ନୁହେଁ ସେହି ଗ୍ରାମର ଯୁବକ ମାନଙ୍କ କାନ୍ଧରେ ଉଠା ହୋଇ ସେଇ ମାନଙ୍କ କାନ୍ଧରେ ବୁହା ହୋଇ ଯାଇ ଗାଁ ପାଖର ତାଳଦଣ୍ଡା କେନାଲ ରେ ବିସର୍ଜନ ହୋଇଥାନ୍ତି। ମା' କାଳୀ ମେଳନକୁ ଯାଆନ୍ତି ନାହିଁ, ଅର୍ଦ୍ଧ ରାତ୍ରୀରେ ବିସର୍ଜନ ପୂଜା ପରେ ସିଧା ସଳଖ ଯୁବକ ମାନଙ୍କ କାନ୍ଧରେ ବୁହା ହୋଇ ଯାଇ ବିସର୍ଜନ ହୋଇଥାନ୍ତି କେନାଲ୍ ରେ। ଗାଆଁର ପ୍ରତ୍ୟେକ ଯୁବକ ଯିଏ ଯେଉଁଠାରେ ବି ଥାଆନ୍ତୁ ନା' କାହିଁକି, ମାଆଙ୍କୁ କାନ୍ଧରେ ବୁହାଇନେବା ପାଇଁ ନିଶ୍ଚିତ ଭାବରେ ଆସିଥାନ୍ତି ଏହି ଦିନ। ସେମାନେ ମା' କାଳୀଙ୍କୁ କାନ୍ଧେଇ ନେବାକୁ ନିଜର କର୍ତ୍ତବ୍ୟ ଏବଂ ସୌଭାଗ୍ୟ ବୋଲି ମନେ କରିଥାନ୍ତି । ବିସର୍ଜନ ପାଇଁ କାନ୍ଧରେ ବୁହା ହୋଇ ଯିବା ବେଳେ ମା' କେଉଁଠି ଅଟକନ୍ତି ନାହିଁ, ବାଟରେ ମା' କାଳୀଙ୍କ ଅଟକିବାକୁ ଅଶୁଭ ବୋଲି ମନେ କରିଥାନ୍ତି ଗ୍ରାମବାସୀମାନେ, ସେଥିପାଇଁ କାନ୍ଧରେ ବୁହାଇନେବା ଯୁବକମାନେ ଧାଇଁ ଧାଇଁ ଚାଲିଥାନ୍ତି। ମାଆଙ୍କୁ କେନାଲରେ ବିସର୍ଜନ କରି ଫେରିବା ପରେ ମାନସିକ ପଣା ହାଣ୍ଡି ସବୁ ସାହି ପଡିଶା ରେ ବଣ୍ଟାକୁଣ୍ଟା ହୋଇଥାଏ। ବନ୍ଧୁବାନ୍ଧବ ଘରକୁ ପଠା ଯାଇଥାଏ। ମାଆଙ୍କୁ ବିଦାୟ ଦେଲା ବେଳକୁ ରାସ୍ତାର ଦୁଇ କଡେ ବଡ଼ ବୁଢା ମାନେ ହାତ ଯୋଡ଼ି ଠିଆ ହୋଇ ଆଖି ରୁ ଲୁହ ପୋଛି କହିଥାନ୍ତି.." ମାଆ କାଳୀ ଲୋ, ଆମର ଯାହା ଦୋଷା ଦୋଷ ଥିବ କ୍ଷମା କରିଦେବୁ। ଯା' ଏବର୍ଷ ପାଇଁ ବିଦାୟ ଦେଉଛୁ। କେଜାଣି ଆର ବର୍ଷକୁ ମୁଁ ଆସିଲା ବେଳକୁ ଆମେ ଥିବୁ କି ନାହିଁ !! ଆମ ପିଲାମାନଙ୍କୁ ଶୁଭ ଦୃଷ୍ଟିରେ ଚାହିଁଥିବୁ ଲୋ' ମାଆ !!!


+ଶାରଳା ଭବନ,ପୋତା ପୋଖରୀ, କଟକ-୪
ମୋ: ୯୩୩୭୨୭୨୬୪୭


# ପଞ୍ଚୁକରେ ଘରେ ପ୍ରସ୍ତୁତ କରନ୍ତୁ ହବିଷ ଡାଲମା



ଏବେ ପବିତ୍ର କାର୍ତ୍ତିକ ମାସର ପଞ୍ଚୁକ ବ୍ରତ ଆରମ୍ଭ ହୋଇ ଯାଇଛି। ଘରେ ଘରେ ଅରୁଆ ଅନ୍ନ ସାଙ୍ଗକୁ ପ୍ରସ୍ତୁତ ହେଉଛି ହବିଷ ଡାଲମା। ଏହା ଖାଇବାକୁ ଯେତିକି ସ୍ୱାଦିଷ୍ଟ, ପ୍ରସ୍ତୁତ କରିବା ବି ସେତିକି ସହଜ । ତେଣୁ ଆଜି ଆସନ୍ତୁ ଜାଣିବା ହବିଷ ଡାଲମାର ପ୍ରସ୍ତୁତ ପ୍ରଣାଳୀ।

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି, କଦଳି, ସାରୁ, ଖମ୍ବ ଆଳୁ, ପାଣି କଖାରୁ, କନ୍ଦମୂଳ,ଓଉ, ନଡ଼ିଆ କୋରା,ଅଦା, କଞ୍ଚାଲଙ୍କା ଶୁଖିଲା ଲଙ୍କା, ଲୁଣ, ଗୁଆ ଘିଅ, ଜିରା ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମୁଗ ଡାଲିକୁ ଭଲ ଭାବେ ଧୋଇ ଦିଅନ୍ତୁ। ଗ୍ୟାସ୍‌ରେ ଏକ ହାଣ୍ଡି ବସାଇ ପାଣି ଗରମ କରନ୍ତୁ। ପାଣି ଫୁଟିଲେ ସେଥିରେ ପ୍ରଥମେ ମୁଗ ଡାଲି ପକାଇ ଦିଅନ୍ତୁ। ମୁଗ ଡାଲି ଅଧା ସିଝିଗଲେ ସେଥିରେ ସାରୁ, ଖମ୍ବ ଆଳୁ, କନ୍ଦମୂଳ, ପାଣି କଖାରୁ ପକାଇ ଦିଅନ୍ତୁ।

ପରିବା ଦରସିଝା ହୋଇଯିବା ପରେ ସେଥିରେ ଖଣ୍ଡ ଖଣ୍ଡ କଦଳି ସହ ଓଉକୁ ଅଧା ଛେଚିକି ପକାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ନଡ଼ିଆ କୋରା ଓ ଅଦା, କଞ୍ଚାଲଙ୍କା ଛେଚାକୁ ପକାନ୍ତୁ। ଏବେ ସେଥିରେ ଆବଶ୍ୟକ ମୁତାବକ ଲୁଣ ପକାଇ ଦିଅନ୍ତୁ।

ଅନ୍ୟ ଏକ ପାତ୍ରରେ ଗୁଆଘିଅ, ଶୁଖିଲା ଲଙ୍କା, ଜିରାର ଛୁଙ୍କ ପ୍ରସ୍ତୁତ କରନ୍ତୁ। ଡାଲମା ପ୍ରସ୍ତୁତ ହୋଇ ଆସିଲା ବେଳକୁ ସେଥିରେ ଏହି ଛୁଙ୍କ ପକାଇ ଘୋଡ଼ାଇ ଦିଅନ୍ତୁ। ଏହାପରେ ସେଥିରେ ଜିରା ଓ ଶୁଖିଲା ଲଙ୍କାରେ ପ୍ରସ୍ତୁତ ଗୁଣ୍ଡ ପକାଇ ଦିଅନ୍ତୁ।

ଏବେ ଗରମଗରମ ଅରୁଆ ଭାତ ସହ ପରଷି ଦିଅନ୍ତୁ ହବିଷ ଡାଲମା। ଏହା ଖାଇବାକୁ ଖୁବ ସୁଆଦିଆ।

# ମ୍ୟାକଡୋନାଲ୍ଡ ବର୍ଗରରୁ ବ୍ୟାପୁଛି ଇଷ୍ଟେରିଆ କୋଲି: ଜାଣନ୍ତୁ ଲକ୍ଷଣ



ଆମେରିକାରେ ଇ.କୋଲି ବା ଇଷ୍ଟେରିଆ କୋଲି ବ୍ୟାକ୍ଟେରିଆ (ଜୀବାଣୁ) ସଂକ୍ରମଣ ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ବିଭିନ୍ନ କାରଣରୁ ବ୍ୟାକ୍ଟେରିଆ ସଂକ୍ରମଣ ହେଉଥିବା ଅନୁମାନ କରାଯାଉ ଥିବାବେଳେ ଅନ୍ୟ ଏକ ମୁଖ୍ୟ କାରଣ ଭାବେ ମ୍ୟାକଡୋନାଲ୍ଡ ବର୍ଗରକୁ ଦାୟୀ କରାଯାଉଛି। ଏହି ବର୍ଗରରେ ବ୍ୟାକ୍ଟେରିଆ ଥିବା କାରଣରୁ ସଂକ୍ରମଣ ବୃଦ୍ଧି ପାଉଥିବା କୁହାଯାଉଛି। ଫେଡେରାଲ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କ କହିବାନୁସାରେ, ମ୍ୟାକଡୋନାଲ୍ଡର କ୍ୱାର୍ଟର ପାଉଣ୍ଡର୍ସ ସହ ଲିଙ୍କ୍ ଥିବା ଇଷ୍ଟେରିଆ କୋଲି ସଂକ୍ରମଣ କାରଣରୁ ୧୩ଟି ରାଜ୍ୟରେ ଅତି କମରେ ୭୫ ଜଣ ସଂକ୍ରମିତ ହୋଇଛନ୍ତି। ୨୨ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର କିଡନୀ ରୋଗ ସମସ୍ୟା ଜଟିଳ ହୋଇ ଯାଇଥିବା ରୋଗ ନିୟନ୍ତ୍ରଣ ଏବଂ ନିରାକରଣ କେନ୍ଦ୍ର କହିଛି। ଏପରିକି ଆମେରିକାର କଲୋରଡୋରେ ଜଣଙ୍କର ଜୀବନ ବି ଯାଇ ସାରିଲାଣି।ଏହାକୁ ନେଇ ଆମେରିକାରେ ବର୍ତ୍ତମାନ ଆତଙ୍କ ଖେଳିଯାଇଛି। ମ୍ୟାକଡୋନାଲ୍ଡ ମଧ୍ୟ ବର୍ଗର ବିକ୍ରି ବନ୍ଦ ରଖିଛି। ତେବେ ଇଷ୍ଟେରିଆ କୋଲି ସଂକ୍ରମଣ ଲକ୍ଷଣ ଏବଂ କେଉଁମାନଙ୍କ ପାଇଁ ଅଧିକ ବିପଜ୍ଜନକ, ଜାଣନ୍ତୁ...

*ଇଷ୍ଟେରିଆ କୋଲି ଲକ୍ଷଣ* :

ଦୂଷିତ ଖାଦ୍ୟ ପଦାର୍ଥ ଖାଇବା ପରେ ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ଇ.କୋଲି ଜୀବାଣୁ ସଂକ୍ରମଣର ଲକ୍ଷଣ ଦେଖାଯାଏ। ଜ୍ୱର, ବାନ୍ତି, ଝାଡ଼ା କିମ୍ବା ମଳରେ ରକ୍ତ ପଡିବା ଏବଂ ଡିହାଇଡ୍ରେସନ୍ ଭଳି ଲକ୍ଷଣ ଦେଖା ଦେଇପାରେ। ଏହା ବ୍ୟତୀତ ଖୁବ୍ କମ୍ କିମ୍ବା ଆଦୌ ପରିସ୍ରା ନ ଲାଗିବା, ଅତ୍ୟଧିକ ଶୋଷ ଲାଗିବା ଏବଂ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ହୋଇପାରେ।

*କେଉଁ ବୟସଙ୍କ ପାଇଁ ବିପଦ ଅଧିକ ?:*

୫ ବର୍ଷରୁ କମ୍ ପିଲା, ବୃଦ୍ଧ, ଗର୍ଭବତୀ ମହିଳା କିମ୍ବା ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ଲୋକଙ୍କ ପାଇଁ ଇ.କୋଲି ସଂକ୍ରମଣ ଅଧିକ ବିପଜ୍ଜନକ ହୋଇପାରେ। ଯଦି ଉପୋରସ୍ତ ଲକ୍ଷଣ ଥାଏ ଏବଂ ଏହି ବୟସ ବର୍ଗର ବ୍ୟକ୍ତି ହୋଇଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ନଚେତ୍ ବ୍ୟାକ୍ଟେରିଆ ଅଧିକ ସଂକ୍ରମିତ ହୋଇଯିବା ପରେ ଉପଶମ ହେବା ଜଟିଳ ହୋଇଯାଏ।

# ଦାଗହୀନ କ୍ଷତ ଉପଶମ



ରଗର୍ସ ବିଶ୍ୱବିଦ୍ୟାଳୟ ଓ ଗ୍ଲାସ୍‌ଗୋ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ନିକଟରେ ଏଭଳି ଏକ କୌତୂହଳୀ ଆବିଷ୍କାର କରିଛନ୍ତି, ଯଦ୍ୱାରା କୌଣସି କ୍ଷତ ଶୁଖିଗଲା ପରେ ଚର୍ମ ଉପରେ କିଛି ଦାଗ ରହିବ ନାହିଁ। ଅନ୍ତନାଳୀରେ ବଢୁଥିବା 'ହେଲିଗ୍ମୋସୋମୋଏଡ୍‌ସ ପଲିଗାଇରସ୍' ନାମକ ପରଜୀବୀ ଗୋଲକୃମି ପ୍ରଜାତିରୁ ଉଦ୍ଧୃତ ଏକପ୍ରକାର ପ୍ରୋଟିନ୍ ହିଁ କ୍ଷତରେ ଦ୍ରୁତ ଉପଶମ ଆଣିବା ସହ କୌଣସି ଚିହ୍ନ ରହିବାକୁ ଦେଉନାହିଁ ବୋଲି ଦାବି କରାଯାଇଛି। ଫଳରେ ଏଣିକି ଆଉ କ୍ଷତ ଚିକିତ୍ସାର ପାର୍ଶ୍ୱପ୍ରତିକ୍ରିୟା ସ୍ୱରୂପ ତ୍ୱଚା ଉପରେ ରହିଯାଉଥିବା ଦାଗ ଦେଖିବାକୁ ମିଳିବନି। ପରୀକ୍ଷାମୂଳକ ଭାବେ ମୂଷା ଦେହରେ ଏହାର ଫଳାଫଳ ସକାରାତ୍ମକ ରହିଥିବା ବେଳେ କ୍ଷତ ଚିକିତ୍ସା କ୍ଷେତ୍ରରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଚର୍ମର ବାହ୍ୟଭାଗକୁ ପ୍ରଭାବିତ କରୁଥିବା ସାମାନ୍ୟ କ୍ଷୁଦ୍ର କଟା ଘା' କି କ୍ଷତ ଆପେ ଆପେ ଭରଣା କରିବା ପାଇଁ ମନୁଷ୍ୟ ଚର୍ମର ଏକ ଅନ୍ତର୍ନିହିତ ଗୁଣ ରହିଛି। ତେବେ ଚର୍ମର ଭିତର ଭାଗ ପ୍ରଭାବିତ ହେଉଥିବା ବୃହତ୍ତର ବା ଗଭୀର କ୍ଷତରେ ଚର୍ମତନ୍ତୁ ଛିଣ୍ଡି ଯାଇଥାଏ। ତେଣୁ ଘାଆ ଶୁଖିଗଲେ ବି ଚର୍ମର ଗଠନରେ ସ୍ଥାୟୀ ପରିବର୍ତ୍ତନ ସ୍ୱରୂପ ଦାଗ ରହିଯାଏ। ବେଳେ ବେଳେ ତାହା ଆଖପାଖ ମାଂସପେଶୀ ଓ ଗଣ୍ଠି ପରିଚାଳନାରେ ବାଧକ ସାଜିଥାଏ। ତେଣୁ ଏହି ସମସ୍ୟାର ସମାଧାନ ଲାଗି ବୈଜ୍ଞାନିକମାନେ ଗବେଷଣା ଚଳାଇ ଆସୁଥିଲେ। ଅନ୍ତନାଳୀରେ ବଢୁଥିବା ଏହି ଗୋଲକୃମି ଉପରେ ଗବେଷକମାନେ ଧ୍ୟାନ କେନ୍ଦ୍ରୀଭୂତ କରିଥିଲେ। ସଂପୃକ୍ତ କୃମିଗୁଡ଼ିକ ଅନ୍ୟ ଶରୀରରେ ବଞ୍ଚି ରହିବା ପାଇଁ ପରଶରୀରର ରୋଗପ୍ରତିରୋଧକ ପ୍ରଣାଳୀକୁ ପ୍ରତିରୋଧ କରିବାର କ୍ଷମତା ରଖିଥା'ନ୍ତି। ସେମାନଙ୍କ ଦେହରେ ଥିବା 'ଟିଜିଟି-ବିଟା ମିମିକ୍' (ଟିଜିଏମ୍) ନାମକ ଏକପ୍ରକାର ପ୍ରୋଟିନ୍ ସେଥିପାଇଁ ଦାୟୀ। ପରୀକ୍ଷାଗାରରେ ମୂଷା ଚର୍ମରେ ଏହି ପ୍ରୋଟିନ୍‌କୁ ପ୍ରୟୋଗ କରିବା ଦ୍ୱାରା କ୍ଷତ ଦ୍ରୁତ ବେଗରେ ଶୁଖିଯାଉଥିବା ଏବଂ ଚର୍ମ ଉପରେ ଦାଗ ରହୁ ନଥିବା ପରିଲକ୍ଷିତ ହୋଇଥିଲା। ଯଦିଓ ଏହି ଆବିଷ୍କାର ଏକ ଯୁଗାନ୍ତକାରୀ ଉପଲବ୍ଧି, ତେବେ ତାହାର ପ୍ରୟୋଗ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଭବିଷ୍ୟତରେ ମନୁଷ୍ୟ ଶରୀରରେ ତାହାର ପ୍ରୟୋଗ କରାଯାଇ ଇପ୍‌ସିତ ଫଳ ମିଳିପାରିବ ବୋଲି ଆଶା ରହିଛି।

# ଘର ନିକଟରେ ଲଗାନ୍ତୁ ଏହି ସବୁ ଗଛ: ମିଳିବ ଶୁଭଫଳ



ଘରେ ବାସ୍ତୁ ଦୋଷ ଦୂର କରିବା ପାଇଁ ସମସ୍ତେ ପୂଜା ପାଠ ଉପରେ ବିଶ୍ୱାସ କରିଥାନ୍ତି। କ'ଣ ଆପଣ ଜାଣିଛନ୍ତି କି ଘରେ ଗଛ ଲଗାଇବା ଦ୍ୱାରା ମଧ୍ୟ ବାସ୍ତୁ ଦୋଷ ଦୂର ହୋଇଥାଏ। କୁହାଯାଏ ଯେ, ଏମିତି କିଛି ଗଛ ରହିଛି ଯାହାକୁ ଲଗାଇବା ଦ୍ୱାରା ଘରେ ଉନ୍ନତି ହେବା ସହ ଘର ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ତା'ହେଲେ ଆସନ୍ତୁ ଜାଣିବା ଘର ନିକଟରେ କେଉଁ ଗଛ ଲଗାଇଲେ ବାସ୍ତୁଦୋଷ ଦୂର ହେବା ସହ ଶୁଭଫଳ ମିଳିଥାଏ।

ଅଶୋକ ଗଛ: ବାସ୍ତୁ ଅନୁସାରେ ଘର ନିକଟରେ ଅଶୋକ ଗଛ ଲଗାଇଲେ ଶୁଭ ହୋଇଥାଏ। ଏହାଦ୍ୱାରା ନକାରାତ୍ମକ ଶକ୍ତି ଦୂର ହେବା ସହ ସକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ।

ଅଶ୍ୱଗନ୍ଧା ଗଛ: ଅଶ୍ୱଗନ୍ଧା ଗଛରେ ଔଷଧୀୟ ଗୁଣ ରହିଛି। ବାସ୍ତୁ ଅନୁସାରେ ଘର ନିକଟରେ ଅଶ୍ୱଗନ୍ଧା ଗଛ ଲଗାଇଲେ ଘର ପାଇଁ ଶୁଭ ହୋଇଥାଏ। ଏହା ଦ୍ୱାରା ଘରର ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ।

ନଡ଼ିଆ ଗଛ: ଘର ନିକଟରେ ନଡ଼ିଆ ଗଛ ଥିଲେ ଶୁଭ ହୋଇଥାଏ। ନଡ଼ିଆ ଗଛ ଘର ନିକଟରେ ଥିଲେ ପରିବାର ସଦ୍ୟସଙ୍କର ମାନ-ସମ୍ମାନ ବୃଦ୍ଧି ହୋଇଥାଏ।

ବରଗଛ: ଘରର ପୂର୍ବ ଦିଗରେ ବର ଗଛ ଥିଲେ ଶୁଭ ହୋଇଥାଏ। ବର ଗଛରେ ଭଗବାନ ବସବାସ କରନ୍ତି ବୋଲି ବିଶ୍ୱାସ ରହିଛି। ଘରର ପଶ୍ଚିମ ଦିଗରେ ବର ଗଛ ରହିଲେ ଅଶୁଭ ହୋଇଥାଏ।

ବେଲ ଗଛ: ବେଲ ଗଛ ଘର ନିକଟରେ ରହିଲେ ଶୁଭ ହୋଇଥାଏ। ବେଲ ଗଛର ପତ୍ରକୁ ଦେବ ଦେବ ମହାଦେବଙ୍କ ନିକଟରେ ଅର୍ପଣ କରାଯାଇଥାଏ। ବେଲ ଗଛ ଘର ନିକଟରେ ରହିଲେ ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ହୋଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମନେ ରହିବେ ଚନ୍ଦ୍ରଚୂଡ଼

ଗତ ୧୦ ତାରିଖରେ ଭାରତର ୫୦ ତମ ପ୍ରଧାନ ବିଚାରପତି ଭାବେ ଅବସର ନେଇଥିବା ଡି ୱାଇ ଚନ୍ଦ୍ରଚୂଡ଼ ଅନେକ କାରଣରୁ ଅନେକ ବର୍ଷ ଯାଏଁ ସ୍ମରଣୀୟ ଓ ଚର୍ଚ୍ଚିତ ରହିବେ। ବିଶେଷକରି ତାଙ୍କର ବିଦାୟୀ ଅଭିଭାଷଣ ଓ ଅବସରକାଳୀନ ସାକ୍ଷାତକାର ଅବସରରେ ସେ ଦେଇଥିବା ମନ୍ତବ୍ୟ ଦେଶର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ନେଇ ଯେଉଁ ପରୋକ୍ଷ ଇଙ୍ଗିତ କରୁଛି, ତାହା ପରବର୍ତ୍ତୀ ସମୟରେ ଅନେକ ବୌଦ୍ଧିକ ଅନୁଶୀଳନର ଆଧାର ହେବ, ଏହା ନିଃସନ୍ଦେହ। ଏକ ଇଂରାଜୀ ଦୈନିକ ସମ୍ବାଦପତ୍ରକୁ ଦେଇଥିବା ସାକ୍ଷାତକାରରେ ବିଚାରପତି ଚନ୍ଦ୍ରଚୂଡ଼ କହିଛନ୍ତି ଯେ ଅନେକ ସମୟରେ ବିଚାରପତିମାନଙ୍କ ଉପରେ ରାଜନୈତିକ ଓ ଗଣମାଧ୍ୟମ ଚାପ ପଡ଼ିଥାଏ। କୌଣସି ମାମଲାରେ କୌଣସି ବିଚାରପତି ଦେଇଥିବା ରାୟ ଯଦି କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ସପକ୍ଷରେ ଯାଏ ନାହିଁ ସେମାନେ ସେମାନେ ବିଚାରପତିମାନଙ୍କୁ ସମାଲୋଚନା କରିବାକୁ ପଛାନ୍ତି ନାହିଁ। ଏଥିପାଇଁ ସମ୍ପୃକ୍ତ ଗୋଷ୍ଠୀ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ମଞ୍ଚକୁ ଉପଯୋଗ କରନ୍ତି। ନିଜ ସପକ୍ଷରେ ରାୟ ପ୍ରକାଶ ପାଇଁ କେତେକ ଗୋଷ୍ଠୀ ମଧ ବିଚାରପତିଙ୍କ ଉପରେ ଚାପ ଲଦିବାକୁ ଉଦ୍ୟମ କରନ୍ତି। ଏଭଳି ଚାପ ଦ୍ୱାରା ବିଚାରପତିଙ୍କ ରାୟ ପ୍ରକାଶ କରିବାର ନିରପେକ୍ଷତା ପ୍ରଭାବିତ ହୋଇଥାଏ। ତାଙ୍କର ଏଭଳି ମନ୍ତବ୍ୟ ରାଜନୈତିକ ମହଲ ଓ ସାମାଜିକ ଗଣମାଧ୍ୟମରେ ଗ୍ରହଣୀୟ ହୋଇପାରିନାହିଁ। ଏପରିକି କେତେକ ପୂର୍ବତନ ବିଚାରପତି ଓ ବରିଷ୍ଠ ଓକିଲ ମଧ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତାଙ୍କ ଉପରେ ଏପରି କି ଚାପ ପଡ଼ିଥିଲା ? ସେ ଦେଇଥିବା ରାୟ ଚାପ ପ୍ରଭାବିତ କି ? ଏଭଳି ଅନେକ ପ୍ରଶ୍ନ ଉଠିଛି ଏବଂ ଭବିଷ୍ୟତରେ ମଧ ଉଠିପାରେ। ବିଶେଷକରି ମହାରାଷ୍ଟ୍ରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ରାମଜନ୍ମଭୂମି-ବାବ୍ରୀ ମସଜିଦ ମାମଲା ରାୟ ନେଇ ଯେଉଁ ମନ୍ତବ୍ୟ ଦେଇଥିଲେ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ସେହି କାର୍ଯ୍ୟକ୍ରମରେ ଚନ୍ଦ୍ରଚୂଡ଼ କହିଥିଲେ ଯେ ଅଯୋଧ୍ୟା ମାମଲା ବିଚାରପତିମାନଙ୍କୁ ସଙ୍କଟରେ ପକାଇ ଦେଇଥିଲା। ସମାଧାନ ପାଇଁ ବାଟ ଫିଟୁ ନ ଥିଲା। ଶେଷରେ ସେ (ଚନ୍ଦ୍ରଚୂଡ଼) ଭଗବତ୍‌ଶ୍ରୟୀ ନେଇଥିଲେ। ଶେଷରେ ଅଯୋଧ୍ୟା ଭଳି ଜଟିଳ ଓ ସମ୍ବେଦନଶୀଳ ମାମଲା ରାୟ ଶୁଣାଇବାରେ ସହାୟକ ହୋଇଥିଲା। ସମ୍ବିଧାନ ନାମରେ ଶପଥ ନେଇଥିବା ବିଚାରପତି ଭଗବାନଙ୍କ ଭରସାରେ କିପରି ରାୟ ଶୁଣାଇଲେ ବୋଲି କେତେକ ମହଲ ଏବେ ପ୍ରଶ୍ନ କରିଛନ୍ତି। ଚନ୍ଦ୍ରଚୂଡ଼ ନିଃସନ୍ଦେହରେ ଦେଶର ଏମିତି ଜଣେ ବିଚାରପତି, ଯିଏକି ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସବୁଠାରୁ ବେଶି ଚର୍ଚ୍ଚାରେ ରହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଓ ପ୍ରଧାନ ବିଚାରପତି ଭାବେ ତାଙ୍କ ରାୟକୁ ନେଇ ଯେତିକି ଚର୍ଚ୍ଚା ହୋଇଛି ନ୍ୟାୟାଳୟ ବାହାରେ ତାଙ୍କର ବ୍ୟକ୍ତିଗତ ଆଚାର ଓ ମନ୍ତବ୍ୟକୁ ନେଇ ସେ ସେତିକି ବିତର୍କିତ ହୋଇଛନ୍ତି। ସେ ତାଙ୍କର ବିଦାୟୀ ଭାଷଣରେ ମଧ ଏହା ସ୍ୱୀକାର କରିଛନ୍ତି ଯେ ସାମାଜିକ ଗଣମାଧ୍ୟମରେ ଅନ୍ୟମାନଙ୍କ ତୁଳନାରେ ସେ ସର୍ବାଧିକ ସମାଲୋଚିତ ହୋଇଛନ୍ତି। ବିଚାରପତି ଧନଞ୍ଜୟ ଯଶୱନ୍ତ ଚନ୍ଦ୍ରଚୂଡ଼ କାହିଁକି ଏତେ ଚର୍ଚ୍ଚାରେ ରହିଲେ, ତାହା ଉପରେ ଆଲୋକପାତ କରିବାର ଆବଶ୍ୟକତା ରହିଛି। ଉଲ୍ଲେଖନୀୟ ହେଉଛି, ଯେ ସେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ତାଙ୍କୁ ନେଇ ଯେଭଳି ଚର୍ଚ୍ଚା ଆରମ୍ଭ ହୋଇଥିଲା, ଅବସର ବେଳେ ଠିକ୍ ବିପରୀତ ସ୍ଥିତି ଦେଖିବାକୁ ମିଳିଲା। ସେ ଦାୟିତ୍ୱ ନେବା ସମୟରେ କଠୋରପନ୍ଥୀମାନେ ତାଙ୍କୁ ସନ୍ଦେହଚକ୍ଷୁରେ ଦେଖିବା ଆରମ୍ଭ କରିଥିଲେ। ଅଥଚ ଅବସର ବେଳେ ଉଦାରବାଦୀମାନଙ୍କ ଦ୍ୱାରା ସବୁଠାରୁ ବେଶି ସମାଲୋଚିତ ହୋଇଛନ୍ତି। ୨୦୧୬ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ଯୋଗଦେବା ପରେ ଏଭଳି ଅନେକ ଐତିହାସିକ ରାୟ ସେ ଦେଇଛନ୍ତି, ଯେଉଁଥିରେ ରହିଛି ରାମଜନ୍ମଭୂମି-ବାବ୍ରୀ ମସଜିଦ ମାମଲା, ସମ୍ବିଧାନର ଧାରା ୩୭୦ ଉଚ୍ଛେଦ, ନିର୍ବାଚନୀ ବଣ୍ଡ, ବିମୁଦ୍ରାକରଣର ବୈଧତା, ବ୍ୟକ୍ତିଗତ ସମ୍ପତ୍ତିରେ ସରକାରଙ୍କ ଅଧିକାର, ଖଣିଜ ଉପରେ ରାଜ୍ୟମାନଙ୍କର ଟିକସ ଲାଗୁ ଅଧିକାର, ନ୍ୟାୟିକ ଆୟୋଗ ଆଇନ, ରାଫେଲ ଦୁର୍ନୀତି, ୟୁପି-ମଦ୍ରାସା ଆଇନ, ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟ, ବ୍ୟକ୍ତିଗତ ସମ୍ପତ୍ତି ଅଧିଗ୍ରହଣ, ବାଲ୍ୟ ବିବାହ, ସମଲିଙ୍ଗୀ ବିବାହ ଅନୁମତି, ପରକୀୟା ପ୍ରୀତି, ଆଦାନୀ -ହିଣ୍ଡନବର୍ଗ, ସଂରକ୍ଷଣ ଭିତରେ ସଂରକ୍ଷଣ, ଭୋଟ୍ ପାଇଁ ଲାଞ୍ଚ ମାମଲାରେ ସାଂସଦ/ବିଧାୟକଙ୍କ ବିରୋଧରେ ମୋକଦ୍ଦମା, ଅଭିବ୍ୟକ୍ତିର ସ୍ୱାଧୀନତା, ବ୍ୟକ୍ତିଗତ ଗୋପନୀୟତାର ସୁରକ୍ଷା, ସାବରିମାଳା, ମାଗଣା ବଣ୍ଟନ, ଆଧାର, ପରିବେଶ ସୁରକ୍ଷା, ବିଧାନସଭାରେ ସାମ୍ବିଧାନିକ ସଙ୍କଟ, ଇଭିଏମ୍‌ର ପ୍ରଚଳନ, କାର୍ଯ୍ୟସ୍ଥଳରେ ମହିଳାଙ୍କୁ ନିର୍ଯାତନା, ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଇତ୍ୟାଦି। ସେଥିମଧ୍ୟରୁ କେତେକ ସର୍ବଗୃହୀତ ଓ ସ୍ୱାଗତଯୋଗ୍ୟ ହୋଇଥିବା ବେଳେ ଅନ୍ୟ କେତେକ ଗୋଷ୍ଠୀଭିତ୍ତିକ ସମାଲୋଚିତ ହୋଇଛି। ସାମ୍ବିଧାନିକ ବିଧିବ୍ୟବସ୍ଥା ମଧ୍ୟରେ ବିଚାରପତି ରାୟ ଦେଉଥିବାରୁ କିଏ ସନ୍ତୁଷ୍ଟ ହେଉଛି କି ଅସନ୍ତୁଷ୍ଟ, ତାହାର କୌଣସି ଅର୍ଥ ନାହିଁ। କିନ୍ତୁ ବିଚାରପତି ଚନ୍ଦ୍ରଚୂଡ଼ଙ୍କ ରାୟ ଭାରତର ନ୍ୟାୟିକ ଇତିହାସରେ ଶିଳାଲିପି ହୋଇ ରହିଯିବ, ଏଥିରେ ଦ୍ୱିରୁକ୍ତି ନାହିଁ। ଭାରତ ଭଳି ଗଣତାନ୍ତ୍ରିକ ଦେଶରେ ବିଚାରପତିମାନଙ୍କ ମନ୍ତବ୍ୟକୁ ନେଇ ଏମିତି ସ୍ୱାଗତ-ସମାଲୋଚନା ଜାରି ରହିବ, ତାହା ବଡ଼ କଥା ନୁହେଁ।

# ଭାରତ ଉପରେ କଣ ରହିବ ଟ୍ରମ୍ପଙ୍କ ବିଜୟର ପ୍ରଭାବ ?



### ଡ. ସମନ୍ୱୟ ନନ୍ଦ

ଆମେରିକାର ସାଧାରଣ ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ବିଜୟୀ ହୋଇଛନ୍ତି। କମଳା ହାରିସ ପରାଜିତ ହୋଇଯାଇଛନ୍ତି। ଟ୍ରମ୍ପଙ୍କ କମଳା ହାରିସଙ୍କ ଉପରେ ବିଜୟ ଗୋଟିଏ ପ୍ରକାରର ଐତିହାସିକ। ଗତ ନିର୍ବାଚନରେ ପରେ ଆମେରିକାର ସମ୍ପୂର୍ଣ ଲେଫ୍ଟ – ଲିବରାଲ ଇକୋ ସିଷ୍ଟମ ତାଙ୍କୁ ଖଳନାୟକ ଭାବେ ପ୍ରସ୍ତୁତ କରିବା ସହ ତାଙ୍କୁ ଭିକ୍ଟିମାଇଜ କରିଥିଲା। ଏହାକୁ ସାରା ବିଶ୍ୱ ଦେଖିଥିଲା। ଗତ ନିର୍ବାଚନ ପରେ ଟ୍ରମ୍ପଙ୍କୁ ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ବାହାର କରି ଦିଆଯାଇଥିଲା। ଟ୍ରମ୍ପଙ୍କ ସମସ୍ତ ବିଜନେସକୁ ସବୁ ବ୍ୟାଙ୍କିଂ ପ୍ଲାଟଫର୍ମରୁ ବ୍ୟାନ କରି ଦିଆଯାଇଥିଲା। ନ୍ୟାୟପାଳିକାକୁ ତାଙ୍କ ବିରୁଦ୍ଧରେ ଲଗାଇ ଦିଆଯାଇଥିଲା। ଅନେକ ପ୍ରକାରର ଆପରାଧିକ ମାମଲା ତାଙ୍କ ବିରୁଦ୍ଧରେ ରୁଜୁ କରି ତାଙ୍କୁ ଶେଷ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଫିନିକ୍ସର କାହାଣୀ ଭଳି ଟ୍ରମ୍ପ ମଧ ପାଉଁଶରୁ ଉଠିଲେ ଓ ନିର୍ବାଚନରେ ବିଜୟ ଲାଭ କଲେ। ବୈଶ୍ୱିକ ଇକୋ ସିଷ୍ଟମ ଯେତେ ଶକ୍ତିଶାଳୀ ହେଉ ନା କାହିଁକି ଅପରାଜେୟ ନୁହେଁ ବୋଲି ଏହା ଦ୍ୱାରା ଟ୍ରମ୍ପ ପ୍ରମାଣିତ କରିଛନ୍ତି।

ଟ୍ରମ୍ପଙ୍କ ବିଜୟ ଓ ଆମେରିକାର ରାଷ୍ଟ୍ରପତି ଭାବେ ତାଙ୍କର ନୀତିର ଭାରତ ଉପରେ କଣ ପ୍ରଭାବ ପଡିବାର ସମ୍ଭାବନା ରହିଛି। ସେ ସମ୍ପର୍କରେ ବିଚାର କରିବା। ଭାରତ ଉପରେ ଟ୍ରମ୍ପଙ୍କ ନୀତିର ପ୍ରଭାବକୁ ମୋଟ ଉପରେ ତିନୋଟି ପ୍ରକାରରେ ବିଭାଜିତ କରାଯାଇ ପାରେ। ଗୋଟିଏ ହେଲା ଭାରତର ଅର୍ଥନୀତି ଉପରେ କଣ ପ୍ରଭାବ ପଡିବ। ଦ୍ୱିତୀୟଟି ହେଲା ଭାରତ ଉପରେ ହେଉଥିବା ସଭ୍ୟତା ଓ ସାଂସ୍କୃତିକ ଆକ୍ରମଣ ପ୍ରସଙ୍ଗରେ କଣ ପ୍ରଭାବ ପଡିବ ଓ ତୃତୀୟଟି ହେଲା ଭାରତର ରଣନୈତିକ ଓ ସୁରକ୍ଷା ଦୃଷ୍ଟିକୋଣରୁ କଣ ପ୍ରଭାବ ପଡିବ। ଗୋଟିଏ – ଗୋଟିଏ ଭାବେ ଏହା ଉପରେ ଆଲୋଚନା କରିବା।

ଭାରତର ଅର୍ଥନୀତି ଉପରେ ଟ୍ରମ୍ପଙ୍କ ନୀତିର ପ୍ରଭାବ ସମ୍ପର୍କରେ ଅନେକ ବିଶେଷଜ୍ଞ ମତ ଦେଉଛନ୍ତି ଯେ ଏହାର ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପଡିବ। ବିଶେଷଜ୍ଞ ମାନଙ୍କର ଏହି ମତ ସମ୍ପୂର୍ଣ ଭାବରେ ଠିକ। କାରଣ ଟ୍ରମ୍ପ ନିଜ ନିର୍ବାଚନୀ ପ୍ରଚାର ବେଳେ ଆମେରିକାକୁ ଶ୍ରେଷ୍ଠ ଆମେରିକା କରିବାର ସ୍ଲୋଗାନ ଦେଇ ନିର୍ବାଚନ ବିଜୟୀ ହୋଇଛନ୍ତି। ତେଣୁ ସେ ବାଣିଜ୍ୟ କ୍ଷେତ୍ରରେ ନିଜ ଦେଶର କ୍ଷତି କରି ଭାରତ ଓ ଅନ୍ୟ ଦେଶ ମାନଙ୍କୁ କୌଣସି ପ୍ରକାର ରିହାତି ଦେବେ ବା ଆମେରିକୀୟ ନାଗରିକ କିମ୍ବା ଆମେରିକୀୟ ଶିଳ୍ପକୁ କ୍ଷତି ହେବା ଭଳି କୌଣସି କାର୍ଯ୍ୟ ଆଦୌ କରିବେ ନାହିଁ। ସେ ନିଶ୍ଚିତ ଭାବେ ଭାରତ ଭଳି ଦେଶ ସହ ବାଣିଜ୍ୟ କ୍ଷେତ୍ରରେ ହାର୍ଡ ବାର୍ଗେନ କରିବେ। ଯେ କୌଣସି ଦେଶର ନେତା ତା ଦେଶର ସ୍ୱାର୍ଥ ପାଇଁ କାମ କଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହା ବାଦ ଟ୍ରମ୍ପ ଆମେରିକୀୟ ଲୋକ ମାନଙ୍କୁ କାମ କିପରି ମିଳିବ ସେ ନେଇ ମଧ କାମ କରିବେ। ଏହାର କ୍ଷତି ମଧ ଭାରତୀୟ ମାନଙ୍କ ଉପରେ ହେବାର ଆଶଙ୍କା ରହିଛି। ଆର୍ଥିକ କ୍ଷେତ୍ରରେ ଟ୍ରମ୍ପଙ୍କ ସହ ଭାରତକୁ କଥାବାର୍ତା କଲା ବେଳେ ଏହି ସବୁ ବିଷୟକୁ ଆଖି ଆଗରେ ରଖି ଭାରତକୁ ନିଜ ଦେଶର ସ୍ୱାର୍ଥ ଦୃଷ୍ଟିରୁ ପଦକ୍ଷେପ ନେବାକୁ ପଡିବ।

ଏବେ ଦ୍ୱିତୀୟ ପ୍ରସଙ୍ଗକୁ ଆସିବା। ଭାରତ ଉପରେ ହେଉଥିବା ସଭ୍ୟତାଗତ ଓ ସଂସ୍କୃତିଗତ ଆକ୍ରମଣ ଉପରେ ଏହାର କଣ ପ୍ରଭାବ ପଡିବ। ଭାରତ ଓ ହିନ୍ଦୁ ସଭ୍ୟତା ଉପରେ କଟ୍ଟରପନ୍ଥୀ ଇସଲାମିକ ବିଚାରଧାରାର ଜୋରଦାର ଆକ୍ରମଣ ଚାଲିଛି। ପଡୋଶୀ ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚାଲିଛି। ଡୋନାଲ୍ଡ ଟ୍ରମ୍ପ ଆମେରିକୀୟ ନିର୍ବାଚନର କିଛି ଦିନ ପୂର୍ବରୁ ନିଜର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅମାନବୀୟ ନିର୍ଯ୍ୟାତନାର କଥା ଉଲ୍ଲେଖ କରିଥିଲେ। ବର୍ତମାନ ଯାଏ ଅନ୍ୟ କେହି ବୈଶ୍ୱିକ ନେତା ଖୋଲାଖୋଲି ଭାବେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ଉଲ୍ଲେଖ କରିଥିବାର ଉଦାହରଣ ନାହିଁ। ଏପରିକି ଭାରତୀୟ ବଂଶୋଦ୍ଭବ ବୋଲି କୁହାଯାଉଥିବା କମଳା ହାରିସ ମଧ କେବେ ହେଲେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ପଦଟିଏ କହି ନାହାନ୍ତି। ଟ୍ରମ୍ପଙ୍କର ଏପରି ଅନେକ ଭାଷଣ ଅଛି ଯେଉଁଥିରେ ସେ ନିଜକୁ ହିନ୍ଦୁ ମାନଙ୍କର ବନ୍ଧୁ ବୋଲି କହିଛନ୍ତି। ସବୁଠାରୁ ବଡ କଥା ହେଲା ଆତଙ୍କବାଦର କୌଣସି ରିଲିଜିୟନ ନାହିଁ ବୋଲି ସାରା ବିଶ୍ୱର ନେତା ମାନେ କହୁଥିବା ବେଳେ ବୋଧ ହୁଏ ଟ୍ରମ୍ପ ହିଁ ବିଶ୍ୱର ଏକମାତ୍ର ନେତା ଯିଏ ରେଡିକାଲ ଇସଲାମ ବିରୁଦ୍ଧରେ ସାର୍ବଜନୀନ ଭାବେ କହି ସାରିଛନ୍ତି। ଭାରତ ବର୍ତମାନ ରେଡିକାଲ ଇସଲାମିଷ୍ଟ ଶକ୍ତି ମାନଙ୍କର ଟାର୍ଗେଟରେ ରହିଛି। ଏହି ରେଡିକାଲ ଇସଲାମିଷ୍ଟ ଶକ୍ତି ମାନଙ୍କ ପଛରେ ବାମପନ୍ଥୀ ଇକୋ ସିଷ୍ଟମ ରହିଛି। ଏହି ଶକ୍ତି ମାନେ ଟ୍ରମ୍ପଙ୍କ ବିରୁଦ୍ଧରେ ମଧ ଲାଗିଥିଲେ। ତେଣୁ ଏହି କ୍ଷେତ୍ରରେ ଉଭୟଙ୍କ ଶତ୍ରୁ ସମାନ। ତେଣୁ ଏ ପ୍ରସଙ୍ଗରେ ଟ୍ରମ୍ପଙ୍କ ନୀତି ଭାରତ ପାଇଁ ନିଶ୍ଚିତ ଭାବେ ସହାୟକ ହେବ। ତେବେ ଏଠାରେ ଆଉ ଏକ କଥା ଉଲ୍ଲେଖ କରାଯିବା ଜରୁରୀ। ପୂରା ବିଶ୍ୱକୁ କନଭର୍ଟ କରି ସମସ୍ତଙ୍କ ଗଳାରେ କ୍ରସ ଝୁଲାଇବାର ପ୍ରୟାସରେ ଲାଗିଥିବା ଚର୍ଚ୍ଚର ଚାପ ନିଶ୍ଚିତ ଭାବେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ରହିବ। ତେଣୁ ଏ ବାବଦରେ ଭାରତକୁ ଅତ୍ୟଧିକ ସତର୍କ ହେବାର ଆବଶ୍ୟକତା ରହିଛି।

ଏବେ ତୃତୀୟ ଓ ଭାରତର ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ ବିଷୟ। ଏହା ହେଉଛି ଭାରତର ନିରାପତା, ସୁରକ୍ଷା ଓ ରଣନୈତିକ ଦୃଷ୍ଟିକୋଣରୁ ଟ୍ରମ୍ପଙ୍କ ନୀତିର କଣ ପ୍ରଭାବ ହେବାର ସମ୍ଭାବନା ରହିଛି। ଟ୍ରମ୍ପଙ୍କ ନୀତିର କଣ ଜିଓ ପଲିଟିକାଲ ପ୍ରଭାବ ହେବ। ବୋଧ ହୁଏ ଏହି କ୍ଷେତ୍ରରେ ଭାରତକୁ ସର୍ବାଧିକ ଲାଭ ହେବାର ସମ୍ଭାବନା ରହିଛି। ଗତ କିଛି ଦିନ ଧରି ପାଶ୍ଚାତ୍ୟ ଦେଶ ମାନେ ବିଶେଷ କରି ଆମେରିକା ତାର କାନାଡା ପରି ସହଯୋଗୀ ଦେଶ ମାନଙ୍କ ଜରିଆରେ ଭାରତ ଉପରେ ଆକ୍ରମଣ କରି ଚାଲିଛି। କାନାଡାର ରାଷ୍ଟ୍ରାଧ୍ୟକ୍ଷ ଜଷ୍ଟିନ ଟ୍ରୁଡୋ ଓ ତାଙ୍କ ସରକାର ଭାରତ ବିରୋଧୀ ଶକ୍ତି ମାନଙ୍କ ହାତର ଖେଳନା ସାଜି ସବୁ କୂଟନୈତିକ ସୌଜନ୍ୟତାର ସୀମାକୁ ଉଲ୍ଲଂଘନ କରି ସାରିଛନ୍ତି। ଆତଙ୍କବାଦୀ ପନ୍ନୁ ଆମେରିକା ଓ କାନାଡାରେ ବସି ପ୍ରତିଦିନ ଭାରତ ବିରୁଦ୍ଧରେ ଭିଡିଓ ଜାରୀ କରୁଛି। ଟ୍ରମ୍ପଙ୍କ ଏହି ବିଜୟ ପରେ ଏହା ଉପରେ ନିଶ୍ଚିତ ଭାବେ ରୋକ ଲାଗିବ। ଆତଙ୍କବାଦୀ ପନ୍ନୁ ଏବେ ଗାତରେ ଯେପରି ସାପ ଲୁଚେ ସେପରି ଲୁଚିବା ଆରମ୍ଭ କରିବ।

ଅନ୍ୟ ପଟେ ଚୀନ ଟ୍ରମ୍ପଙ୍କ ଟାର୍ଗେଟରେ ରହିବ। ଟ୍ରମ୍ପ ଖୋଲାଖୋଲି ଭାବେ କହି ସାରିଛନ୍ତି ଯେ ଚୀନକୁ ଯାଇଥିବା ବ୍ୟବସାୟକୁ ସେ ପୁଣି ଥରେ ଆମେରିକାକୁ ଆଣିବେ। ଏହି କ୍ଷେତ୍ରରେ ଟ୍ରମ୍ପଙ୍କୁ ଭାରତର ସହଯୋଗର ଆବଶ୍ୟକତା ପଡିବ। ବିସ୍ତାରବାଦୀ ଚୀନର ପ୍ରଭାବକୁ ବୈଶ୍ୱିକ ସ୍ତରରେ କମ କରିବାକୁ ଯଦି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ ଭୂମିକା କେହି ନେଇ ପାରିବ ତେବେ ସେ ହେଉଛି ଭାରତ। ତେଣୁ ରଣନୈତିକ ଦୃଷ୍ଟିରୁ ଟ୍ରମ୍ପଙ୍କ ନୀତି ଭାରତ ପାଇଁ ଲାଭଦାୟକ ହେବାର ସମ୍ଭାବନା ରହିଛି।

ଲେଫ୍ଟ ଲିବରାଲ ଇକୋ ସିଷ୍ଟମ, ଆମେରିକାର ଡିପ ଷ୍ଟେଟ ତଥା ବୈଶ୍ୱିକ ଇସଲାମୀ ଶକ୍ତି ମାନେ ଏକଜୁଟ ହୋଇ ମଧ ଟ୍ରମ୍ପଙ୍କୁ ପରାଜିତ କରି ପାରି ନାହାନ୍ତି। ତେଣୁ ବର୍ତମାନ କିଛି ସମୟ ବା କିଛି ବର୍ଷ ପାଇଁ ବାମପନ୍ଥୁ ସାରା ବିଶ୍ୱକୁ ପ୍ରଭାବିତ କରୁ କରୁ ରହି ଯାଇଛି। ଗୋଟିଏ କଥା ମନେ ରଖିବାକୁ ପଡିବ ଯେ ବାମପନ୍ଥୁ କେବେ ହେଲେ ବିଶ୍ରାମ କରି ନ ଥାଏ। ଏହି ଯୁଦ୍ଧ ସତତ ଜାରୀ ରହିବ। ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ସମାପ୍ତ ନ କରିବା ଯାଏ ବାମପନ୍ଥୁର ଯୁଦ୍ଧ ସର୍ବଦା ଜାରୀ ରହିବ।

ତେବେ ଏଠାରେ ପ୍ରଶ୍ନ ଉଠେ ଯେ କମଳା ହାରିସ ଏହି ନିର୍ବାଚନରେ ବିଜୟୀ ହୋଇଥିଲେ କଣ ଭାରତକୁ ଅଧିକ କିଛି ଲାଭ ହୋଇଥାନ୍ତା। ଏହାର ଉତର ହେଲା ଆଦୌ ନୁହେଁ। କାରଣ ଯଦିଓ ଭୋଟ ହାସଲ କରିବା ପାଇଁ ନିଜକୁ ଭାରତୀୟ ବଂଶୋଦ୍ଭବ ବୋଲି କହିବାକୁ ଚେଷ୍ଟା କରିଛନ୍ତି ହେଲେ ଜଣେ ଭାରତୀୟ ଓ ହିନ୍ଦୁ ବଂଶୋଦ୍ଭବ ଭାବେ କମଳା ହାରିସ କେବେ ହେଲେ ଗର୍ବ ଅନୁଭବ କରି ନାହାନ୍ତି। ସେ ଉପରାଷ୍ଟ୍ରପତି ଥିବା ବେଳେ ସର୍ବଦା ଭାରତ ବିରୋଧୀ ଇସଲାମିଷ୍ଟ ଶକ୍ତି ମାନଙ୍କୁ ପ୍ରୋତ୍ସାହନ ଦେଇ ଆସିଥିଲେ। ତେଣୁ ସେ ଯଦି ନିର୍ବାଚନ ଜିତି ଥାନ୍ତେ ତେବେ ଭାରତ ପାଇଁ କମଳା ହାରିସଙ୍କ ସ୍ଥିତି କାନାଡାର ଟ୍ରୁଡୋଙ୍କ ପରି ହୋଇଥାନ୍ତା।




# ଯାତରାର ନାମ ବାଲିଯାତ୍ରା...



### ବିପିନ ବିହାରୀ ରାଉତ

ଯେତେ ଦେଖିଲେ ବି ଦେଖା ସରୁନଥିବା କି' ମନ ଭରୁନଥିବା ଯାତ୍ରାର ନାଁ ବାଲିଯାତ୍ରା। ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ସହ ବାଣିଜ୍ୟ ଓ ମଉଜର ମଧୁର ସିମ୍ଫୋନିର ନାଁ ବାଲିଯାତ୍ରା। ଓଡ଼ିଶାର ସର୍ବପୁରାତନ ତଥା ସର୍ବବୃହତ୍ ମୁକ୍ତାକାଶ ବାଣିଜ୍ୟିକ ସାଂସ୍କୃତ ମେଳାର ନାଁ ବାଲିଯାତ୍ରା। ହଜାରେ ବର୍ଷର ସହର କଟକରେ ବାଲିଯାତ୍ରା ରୂପକ ଯାତ୍ରାର ବୟସ ବି ପାଞ୍ଚ ଶହ ବର୍ଷରୁ ଅଧିକ ବୋଲି ଇତିହାସ କହେ। ଗୋଟିଏ ପଟେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା, ସାଧବପୁଅ ସଂସ୍କୃତି ଓ ଐତିହ୍ୟର ଜୟଗାନ। ଅନ୍ୟପଟେ ବିନ୍ଦାସ ମଜା, ମଜଲିସ, ବୁଲାବୁଲି, ଖିଆପିଆ, ମନୋରଞ୍ଜନର ଐକ୍ୟତାନ। ଏ ଦୁଇଟିଯାକ ସମାନ୍ତର ଟ୍ରାକ ଉପରେ ଗତି କରୁଥିବା ଯାତ୍ରା ବା ମହୋତ୍ସବର ନାଁ ହେଉଛି ବାଲିଯାତ୍ରା। କଟକିଆଙ୍କ ପାଇଁ ବାଲିଯାତ୍ରା ଅନ୍ୟ ଅନେକ ମେଳା ମଉଛବ ପରି ଯାହାତାହି ଯାତ୍ରା ନୁହେଁ। ବରଂ ଯାବତୀୟ ଜୀବନ ଜଞ୍ଜାଳ ଭିତରେ ସହରବାସୀଙ୍କ ପାଇଁ ଏଇଟି ଏକ ଖାସ ମୁଗ୍ଧ ଅନୁଭବ। ଝଲକାଏ ପୁଲକର ଏକ ବହୁ ପ୍ରତୀକ୍ଷିତ ଅବସର। କଟକିଆଙ୍କ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଂଶବିଶେଷ। ଦଶହରା ଯଦି କଟକର ଗଣ-ପର୍ବ ହୁଏ, ତେବେ ବାଲିଯାତ୍ରା ହେଉଛି ଗଣ ମହୋତ୍ସବ। ଯେଉଁଥିପାଇଁ ଧୂଳି, ବାଲିରେ ନାକ ରୁନ୍ଧି ହୋଇଯାଉଥିଲେ ବି ଭିଡ଼ରେ ନିଃଶ୍ୱାସ ଅଟକି ଯାଉଥିଲେ ବି ଲୋକେ ବାଲିଯାତ୍ରା ପଡ଼ିଆରେ ଅଧରାତି ଯାଏ ବୁଲୁଥାନ୍ତି। ଶୀତ କାକର ଭିତରେ ବି ଆଇସକ୍ରି ଚୁସ କରୁଥାନ୍ତି। ବାଲିଯାତ୍ରାର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ଏହାର ବିଶାଳ ଆକାର ଓ ବିପୁଳ ସମ୍ଭାର। ଉପର ଓ ତଳ ପଡ଼ିଆ ସମେତ ଚାରିକଡ଼କୁ ମାଡି ଏ ଯାତ୍ରା ବ୍ୟାପିଥାଏ ବେଶ କିଛି ମାଇଲ। ପୁଣି ଜିରାଠୁ ହୀରାଯାଏ, ସୁନାଠୁ ଶୁଖୁଆଏ, ଶିଳ, ଚକି, ଝାଡୁ, ବିଞ୍ଚଣାଠୁ ଅତ୍ୟାଧୁନିକ ସଉକିନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯାଏ.. ସବୁକିଛି ମିଳେ ଏଠି ଗୋଟିଏ ଠାରେ, କିଛିଟା ଶସ୍ତାରେ।

କୁହାଯାଏ ସତ୍ୟ ଯୁଗ ପରି ଯୁଗ ନାହିଁ, ଗଙ୍ଗା ପରି ନଦୀ ନାହିଁ, ଭାରତ ପରି ଦେଶ ନାହିଁ, କାର୍ତ୍ତିକ ପରି ମାସ ନାହିଁ, ବାଲିଯାତ୍ରା ପରି ଯାତ୍ରା ହିଁ ନାହିଁ। ହଜାରେ ବର୍ଷର ସମୃଦ୍ଧିରେ ପରିପୂର୍ଣ୍ଣ କଟକ ନଗରୀର ମହାନଦୀ କୂଳରେ ବେଶ ଯାକଜମକରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ନିଜ ସାଜସଜ୍ଜା, ଗହଳ, ରଙ୍ଗଢ଼ଙ୍ଗ ଆଉ ଆକାର ପ୍ରକାର ସବୁ ଯାତ୍ରାଠାରୁ ଭିନ୍ନ। ମନୋରଞ୍ଜନ ଓ ମହୋତ୍ସବର ମହଲ ହେଉଛି କଟକ ବାଲିଯାତ୍ରା। ଏହାର ଆକର୍ଷଣକୁ ମୂର୍ଚ୍ଛି ପାରେନା ମଣିଷ। ଯାତ୍ରା ପ୍ରତି ମୋହଲାଗେ। କିଛି କିଣେ, କିଛି ବିକେ। ଆସେ ଦୂର ଦୂରାନ୍ତରୁ। ଯାଏ କିଛି ସ୍ମୃତି ନେଇ। ସେ ସ୍ମୃତି ଲାଭର ହେଉ ବା କ୍ଷତିର, ସେ ସ୍ମୃତି ସଂଯୋଗର ହେଉ ବା ବିଯୋଗର, ତଥାପି କିଛି ନୂଆ ସମ୍ପର୍କର ବାଲିରେଣୁ ଦେହରେ ବୋଳି ହେବାକୁ ମନ ଅଟକିଯାଏ କଟକର ଏଇ ନଈପଠାରେ। ଦିନରେ ବାଲିଯାତ୍ରାରେ ପହଡ଼, ରାତିକି ଭିଡ଼। ଏହା ନ ଦେଖିଲେ ମନ ବୁଝେନା। ଥରେ ବୁଲିଆସିଲେ ଆଉ ଯିବାକୁ ବି ଇଚ୍ଛା ହୁଏ ନାହିଁ। ନୂଆ ଲୋକଟି ଗଳିର ସହର କଟକରେ ବାଟବଣା ହୁଏ ଅଥଚ ବାଲିଯାତ୍ରା ଠିକଣା ହଜାଏ ନାହିଁ। ଆଖୁ କିଆରିରେ ପଶିବା ଭଳି ଲାଗେ। ବହୁତ କିଣିବାକୁ ଇଚ୍ଛା କରି କିଛି କିଣିପାରେନା। ଇଏ ପରା ବାଲିଯାତ୍ରା। ବାଲିଯାତ୍ରାର ଘୋ ଘା ରେ ସହର ମୁଖରିତ ହୁଏ। ମା ଦୁର୍ଗାଙ୍କର ମେଲାଣି ପରେ ଇଏ ଥାଏ କଟକର ବର୍ଷ ତମାମର ଶେଷ ଗହଳି।

ଖ୍ରୀଷ୍ଟିୟ ପଞ୍ଚମ ଶତାବ୍ଦୀରେ ଚୀନ ଓ ଉତ୍କଳ ରାଜାଙ୍କ ମଧ୍ୟରେ ଉପଢ଼ୌକନ ବିନିମୟ ହେଉଥିବା ଲଳିତ ବିସ୍ତର ଓ ସିୟୁକି ପ୍ରଭୃତି ବୌଦ୍ଧ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି। ରୋମସାମ୍ରାଜ୍ୟ ସହିତ ମଧ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା। କଳିଙ୍ଗର ସୂକ୍ଷ୍ମ ବସ୍ତ୍ର ବ୍ୟତୀତ ସମ୍ବଲପୁର ହୀରା ମଧ ସେଠାରେ ବିଶେଷ ଆଦର ଲାଭ କରିଥିଲା। ସମ୍ରାଟ ଖାରବେଳଙ୍କ ରାଜତ୍ୱ କାଳରେ ପାରସ୍ୟ ଉପକୂଳରେ କଳିଙ୍ଗର ବାଣିଜ୍ୟ କାରବାର ଚାଲୁଥିବା କଥା ଜୟସ୍ୱାଲ ପ୍ରମାଣ କରିଛନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ କଳିଙ୍ଗର ସାଧବ ପୁଅ ପାଲଟଣା ବୋଇତ ମାନଙ୍କରେ ସ୍ୱଦେଶୀ ରେଶମୀ ପାଟ, ସୂକ୍ଷ୍ମ ବସ୍ତ୍ର, ବିଭିନ୍ନ ସୁଗନ୍ଧ ଦ୍ରବ୍ୟ, କାରିଗର ଶିଳ୍ପ ସାମଗ୍ରୀ ଓ ସମ୍ବଲପୁର ଅଞ୍ଚଳର ବିଖ୍ୟାତ ହୀରା ନେଇ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲିଦ୍ୱୀପ ପ୍ରଭୃତିକୁ ଯାତ୍ରା କରୁଥିଲେ। ଏହି ସେହି ଦ୍ୱୀପମାନଙ୍କର ଏହି ସାମଗ୍ରୀ ବିକ୍ରି କରି ସ୍ୱଦେଶ ଅଭିମୁଖେ ଅଜସ୍ର ଧନସଂପଦ ଧରି ବାହୁଡ଼ି ଆସୁଥିଲେ। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଜଣାଯାଏ ଯେ, ବର୍ଷର ଏହି ସମୟରେ ସାଧାରଣତଃ ଉତ୍ତର ଦିଗରୁ ପବନ ବହେ। ଯାହାଫଳରେ ପାଲଟଣା ବୋଇତଗୁଡ଼ିକ ଅନାୟାସରେ ଦରିଆ ପାର ହୋଇ ଉପରୋକ୍ତ ଦ୍ୱୀପମାନଙ୍କୁ ଯାତ୍ରା କରିପାରେ। ସେହିପରି ବେପାର ଶେଷ ବେଳକୁ ଆଷାଢ଼ ମାସର ଆରମ୍ଭରେ ପଶ୍ଚାତରୁ ପ୍ରବାହିତ ବାୟୁ ସଂଘାତ ଫଳରେ ଜାହାଜ ଗୁଡ଼ିକ ସୁରୁଖୁରୁରେ ବାହୁଡ଼ି ଆସେ। ତେଣୁ ବୋଇତ ଭସାଣବେଳେ ଉଚ୍ଚାରିତ 'ଆ, କା, ମା, ବୈ'ରୁ ଏହି ସମୟ ବାଣିଜ୍ୟ ପାଇଁ ଅନୁକୂଳ ପ୍ରତିପାଦିତ ହୋଇଥାଏ। ପ୍ରାଚୀନ କାଳରେ କଳିଙ୍ଗ ବାଣିଜ୍ୟ, ବ୍ୟବସାୟ, ସ୍ଥାପତ୍ୟ, ଶିଳ୍ପକଳା, ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଚରମସୀମାରେ ଉପନୀତ ହୋଇଥିଲା। ସେହି ଗୌରବକୁ ସ୍ମରଣ କରିବା ସକାଶେ ଏବେ ପାରାଦ୍ୱୀପ ଓ ଚାନ୍ଦବାଲି ଠାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହେଉଛି। ସେଦିନର ସତ୍ୟ ଆଜିର ସ୍ମୃତିରେ ପରିଣତ ହୋଇ କେବଳ ବାଲିଯାତ୍ରା ଓ ବୋଇତ ବନ୍ଦାଣ ମାଧ୍ୟମରେ ଆମମାନଙ୍କୁ ସାମାନ୍ୟ ଆନନ୍ଦ ମାତ୍ର ପ୍ରଦାନ କରୁଛି।

ବାଲିଯାତ୍ରାର ସବୁଠାରୁ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ ଓରମାସ ଷ୍ଟଲ। ଚଳିତ ବର୍ଷ କୋଣାର୍କ ମନ୍ଦିର ଶୈଳୀରେ ଏହାର ପ୍ରବେଶ ପଥଟି ହୋଇଛି। ଚଳିତ ବର୍ଷ ଷ୍ଟଲ ସଂଖ୍ୟା ୪୨୦ରେ ପହଞ୍ଚି ଥିବାବେଳେ ଗତ ବର୍ଷ ଏହାର ସଂଖ୍ୟା ଥିଲା ୩୫୦। ଗତ ବର୍ଷର ଗାଁ କୁଡ଼ିଆର ପ୍ରବେଶ ପଥର ତୋରଣ ସମସ୍ତଙ୍କର ଆଖି ଝଲସାଇ ଦେଇଥିଲା ଓ ଲୋକମାନେ ବାଲିଯାତ୍ରାର ଘୋ ଘା ଭିତରେ ଗାଁ କୁଡ଼ିଆର ଏକ ଜୀବନ୍ତ ଅନୁଭୂତି ପାଉଥିଲେ। ସେହିପରି ଚଳିତ ବର୍ଷର କୋଣାର୍କ ମନ୍ଦିରର ମୁଖଶାଳା ସମଗ୍ର ବିଶ୍ୱରେ ଓଡ଼ିଶାର ସ୍ଥପତି ଓ ଭାସ୍କର୍ଯ୍ୟର ମହାନ ଗାଥାକୁ ଆହୁରି ଉଚ୍ଚ ସୋପାନକୁ ନେଇଯିବ। ତିନିଲକ୍ଷ ବର୍ଗଫୁଟ ଅଞ୍ଚଳରେ ଚଳିତ ବର୍ଷ ଓରମାସର ଷ୍ଟଲ ପ୍ରସ୍ତୁତ ହୋଇଛି। ଏଠାରେ ଫୁଡ ଷ୍ଟଲ ଠାରୁ ଆମ ସ୍ୱୟଂ ସହାୟକ ସଂଗଠନର ଭଉଣୀ ମାନଙ୍କ ତନ୍ତବୁଣା ଶାଢ଼ୀ, ସେଲଫି ପଏଣ୍ଟରୁ ଗାଁ ହେଉ ବା ବିଦେଶୀ ମାଟିର ଘରୋଇ ଓ ଆକର୍ଷଣୀୟ ଭଳିକି ସାମଗ୍ରୀ ସହ ଓରମାସର ସ୍ୱତନ୍ତ୍ର ପ୍ରସ୍ତୁତ ଅନେକ ସାମଗ୍ରୀକୁ ମହିଳା ଗୋଷ୍ଠୀ ଭଉଣୀମାନେ ଉପସ୍ଥାପନ କରିବେ। ଅନେକ ପରମ୍ପରା ସ୍ମୃତି ବିଜଡ଼ିତ ସାମଗ୍ରୀ ଓ ଦୁଃସ୍ପ୍ରାପ୍ୟ ହୋଇଯାଉଥିବା ଖାଦ୍ୟର ଭଳିକି ଭଳି ପସାରା ଓରମାସ ଷ୍ଟଲରେ ଉପଲବ୍ଧ ହେବ। ଚଳିତ ବର୍ଷ ସମଗ୍ର ଭାରତର ୨୨ଟି ରାଜ୍ୟ ଓ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରୁ ବିଭିନ୍ନ ଷ୍ଟଲ ସାମିଲ ହେବେ ସେମାନଙ୍କ ସହିତ ମିଶନ ଶକ୍ତି, ନାବାର୍ଡ଼, ଟେକ୍ସଟାଇଲ ଓ ବିଭିନ୍ନ ଶିଳ୍ପ କେନ୍ଦ୍ରର ଷ୍ଟଲ ବଡ଼ ଅକାର୍ଷଣ କେନ୍ଦ୍ରବିନ୍ଦୁ ପାଲଟିବେ। ୩୦ଟି ସୁସ୍ୱାଦୁ ଖାଦ୍ୟ ଷ୍ଟଲ ଓରମାସ ପରିସରରେ ଖାଦ୍ୟପ୍ରେମୀ ମାନଙ୍କୁ ଆକୃଷ୍ଟ କରିବ ନିଶ୍ଚୟ। କେବଳ ଓଡ଼ିଶା ଖାଦ୍ୟ ନୁହେଁ ଗୁଜୁରାଟ, ରାଜସ୍ଥାନ, ପଞ୍ଜାବ ଓ ପଶ୍ଚିମବଙ୍ଗର ଖାଦ୍ୟ ସବୁ ମଧ ଏହି ଷ୍ଟଲରେ ଉପଲବ୍ଧର ବ୍ୟବସ୍ଥା ରହିଛି। ଓଡ଼ିଶାରେ ଚଳିତ ବର୍ଷ ବିଶ୍ୱ ମିଲେଟ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିବାରୁ ଏବଂ ଲୋକମାନଙ୍କ ଭିତରେ ମିଲେଟ ପ୍ରତି ଦୁର୍ବଳତା ଦିନକୁ ଦିନ ବଢୁଥିବାରୁ ଚାରଟି ଷ୍ଟଲରେ କେବଳ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ମିଳିବା ସହ ଅନ୍ୟ ୨୫ ପ୍ରକାର ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ମଧ ମିଳିବ। ୨୦୧୯-୨୦ରେ ଓରମାସ ୧୮.୪୭ କୋଟି ଟଙ୍କାର ବେପାରବଟା କରିଥିବାବେଳେ ୨୦୨୦-୨୧, ଓ ୨୦୨୧-୨୨ ମହାମାରୀ କରୋନା ପାଇଁ ବାଲିଯାତ୍ରା ଅନୁଷ୍ଠିତ ହୋଇନଥିଲା। ଗତ ବର୍ଷ ୨୪.୫୬ କୋଟିର ବେପାର ହୋଇଥିବାବେଳେ ଚଳିତ ବର୍ଷ ୪୦ କୋଟିରୁ ଉର୍ଦ୍ଧ୍ୱ କିଣା ବିକା ହେବାର ଅନୁମାନ କରାଯାଉଛି।

ହଜାର ବର୍ଷର ପରିଚୟରେ ସମୃଦ୍ଧ କଟକ ସହରର ବାଲିଯାତ୍ରା ସମୟରେ ସହର ଓ ସହର ଆଖପାଖ ଅଞ୍ଚଳର ଝିଅ ଝିଆଣୀମାନେ ବାପ ଘରକୁ ଆସିଥାନ୍ତି କେବଳ ବାଲିଯାତ୍ରା ପାଇଁ। ବନ୍ଧୁଘର ସଜ ହେଉ ବା ଝିଅ ବାହାଣୀ ପାଇଁ ଘର ଯୋଗାଡ଼ ଜିନିଷ, ମାଛ ଜାଲ ହେଉ ବା ହରେକ ରକମର କାଠ ସାମଗ୍ରୀ, ଲୁଗାପଟା ଠାରୁ ସବୁକିଛି.... ସବୁକିଛି ଏଇଠି ପାଇବେ। ଓଡ଼ିଶା ସରକାର ବାଲିଯାତ୍ରାର ବିଶ୍ୱସ୍ତରୀୟ ପ୍ରଚାର ପ୍ରସାର କରିବା ସହ ଏହାର ପୃଷ୍ଠ ପୋଷକତା ମଧ କରୁଛନ୍ତି। ବାଲିଯାତ୍ରା ସତରେ କଟକିଆଙ୍କ ପାଇଁ ଏକ ଭାବଗତ ଓ ପ୍ରାଣଗତ ପାର୍ବଣର ଅନ୍ୟତମ ବଡ଼ ଉତ୍ସାସ କହିଲେ ଅତ୍ୟୁକ୍ତି ହେବନାହିଁ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## କାର୍ତ୍ତିକର କୀର୍ତ୍ତି

### ପ୍ରଦୀପ୍ତ କୁମାର ଦାସ



ଶ୍ରେଷ୍ଠ ଦୁଇଭାଇ ଭକତି ବିଶ୍ୱାସ
ହୋଇ ହାତ ଧରାଧରି -
କାର୍ତ୍ତିକ ମାସରେ ମଣିଷ ମନରେ
ବିରାଜନ୍ତି କୃପା କରି,
ସେପାଇଁ ସଭିଏଁ ହୋଇ ତତପର
ଧରମରେ ଯାନ୍ତି ମାତି -
ହୋଇ ତର ତର କରନ୍ତି ସିନାନ
ପାହିବା ଆଗରୁ ରାତି,
ପୁଣ୍ୟ ନୀଳାଚଳେ ହବିଷ୍ୟାଶୀ ମାନେ
କରିଥାନ୍ତି ନାମ ଜପ -
ଶ୍ରୀଜଗନ୍ନାଥଙ୍କ ଦରଶନ କରି
ସାଧନ୍ତି କଠୋର ତପ,
ରାତି ତିନିଟାରୁ ଭାଙ୍ଗିଯାଏ ନିଦ
ବିଭୁ ପ୍ରେମେ ମାତେ ମନ -
ଆକାଶରେ ଥାଇ ମାରୁଥାଏ ହାଇ
କାର୍ତ୍ତିକ ପୁନେଇଁ ଜହ୍ନ,
ରଙ୍ଗ ବେରଙ୍ଗର ମୁରୁଜ ଛୁଆଁରେ
ଦେବାଦେବୀ ହସିଥାନ୍ତି -
ଚଉଁରା ମୂଳରେ କଲେ ଦରଶନ
ମନେ ଭରିଯାଏ ଶାନ୍ତି,
ନଈ ପୋଖରୀରେ ସୁସଜ୍ଜିତ ଡ଼ଙ୍ଗା
ପୁନେଇଁରେ ଭସାଯାଏ -
ଅତୀତର ନଉ ବାଣିଜ୍ୟର ସ୍ମୃତି
ଏଇଦିନ ଶୋଭା ପାଏ,
କାର୍ତ୍ତିକର କୀର୍ତ୍ତି କହିଲେ ନସରେ
ସଦା ସେତ ପୁଣ୍ୟମୟ -
ନିଷ୍ଠାରେ ପାଳିଲେ କାର୍ତ୍ତିକର ବ୍ରତ
ପାପ ତାପ ହୁଏ କ୍ଷୟ। ଅଅଅ


କଣ୍ଟାବଣିଆ,
ଛତ୍ରପଡ଼ା, ପ୍ରୀତିପୁର,ଯାଜପୁର
ମୋ - ୯୪୩୭୮୫୪୧୭୫


## ପ୍ରଣୟ ପ୍ରତିକ୍ଷା

### ସିଦ୍ଧେଶ୍ୱର ତ୍ରିପାଠୀ

ଶିହରିତ ଏଇ ମୋ ତନୁ ମନରେ
କିଏବା ଲଗାଏ ନିଆଁ
ତାଲୁଠୁ ତଳିପା ହୁଏ ଅଣାୟତ
ଖୋଜେ ତୁମ ମିଠା ଛୁଆଁ।

ତୁମ ଲାଜଭରା ଥରିଲା ଓଠକୁ
ଛୁଇଁବାକୁ ମନ ଚାହେଁ
ଗହନ ରାତିର ବହଳ ଅନ୍ଧାରେ
ଆସ ଆସ ଥରୁଟିଏ।

ଛାତିର ତାତିକୁ ଛାତିରେ ମାପିବ
ହେବ ନାହିଁ ଅମାନିଆଁ
ଶିହରିତ ଏଇ ମୋ ତନୁ ମନରେ
କିଏବା ଲଗାଏ ନିଆଁ।

ରାତିର ସାଥିରେ ତାତି ବଢୁଥିବ
ଅଙ୍ଗବାସ ହେବ ଦୂର
ମୋହିନୀ ମାୟାରେ ହୋଇ ବିହଳିତ
ହେବାଗୋ ନିକଟତର।

ତୁମ ଆଲିଙ୍ଗନେ ଏ ଜୀବନ ବାଟ
ଲାଗୁଥିବ ନୂଆ ନୂଆ
ଶିହରିତ ଏଇ ମୋ ତନୁ ମନରେ
କିଏବା ଲଗାଏ ନିଆଁ।

## ନାଆଁ ତା କାର୍ତ୍ତିକ ପୁନେଇଁ

### ଜୟନ୍ତ କୁମାର ମଲ୍ଲିକ୍

ଧରମ ମାସର ପବିତ୍ର ଦିନଟି
ନାଆଁ ତା କାର୍ତ୍ତିକ ପୁନେଇଁ -
ବୃନ୍ଦାବତୀ ପାଶେ ମୁରୁଜ ପକାନ୍ତି
ନାରୀଏ ବନେଇଁ ଚୁନେଇଁ,
ଶେଷ ପାଞ୍ଚଦିନ ପଞ୍ଚୁକ ପାଳନ୍ତି
ସଭିଏଁ ତ ମନ ଦେଇକି -
କାଗଜ ତିଆରି ଡଙ୍ଗା ଯେ ଭସାନ୍ତି
ନଈ ପୋଖରୀରେ ନେଇକି,
ଠାବେ ଠାବେ ହୁଏ ନାମ ସଂକୀର୍ତ୍ତନ
ପାଲା ପ୍ରବଚନ ଭଜନ -
ବରଷର ପାପ ଧୋଇ ଦେଇ
ଲୋକେ
କରିଥାନ୍ତି ପୁଣ୍ୟ ଅର୍ଜନ,
ଭିଡ଼ ଜମିଥାଏ ଠାକୁର ମନ୍ଦିରେ
ନନା ମନ ଖୁସି ହୁଅଇ -
କିଏ ଦାନ କରେ ଅକୁଣ୍ଠ ଚିତ୍ତରେ
କିଏଯେ ଅନ୍ୟକୁ ଖୁଆଇ,
ଏହି ସମୟରେ କଟକ ସହରେ
ହୋଇଥାଏ ବାଲି ଯାତରା -
ଧାର୍ମିକ ଯେତେକ ଧରମ କରନ୍ତି
ଉଗୁରି ହୁଅନ୍ତି ବାତରା।


ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

# ପାମ୍ ତେଲ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଧାରଣା ଭୁଲ୍ !

**୫୦୦୦ ବର୍ଷରୁ ଅଧିକ ସମୟ ଧରି ପାମ୍ ତେଲର ବ୍ୟବହାର ରହିଆସିଛି। ବିଶେଷ କରି ପଶ୍ଚିମ ଆଫ୍ରିକାର ଅନେକ ଅଞ୍ଚଳରେ ଏହି ତେଲକୁ ଶତାବ୍ଦୀ ଧରି ଖାଇବା ତେଲ ଭାବେ ବ୍ୟବହାର କରାଯାଉଥିଲା। କିନ୍ତୁ ପାମ୍ ତେଲ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଅନେକଙ୍କ ଧାରଣା ରହିଛି।**

**ଏହି ତେଲ ଖାଇବା ଦ୍ୱାରା ଖଉଖ(ଖରାପ କୋଲେଷ୍ଟ୍ରଲ) ବୃଦ୍ଧି ପାଏ ଏବଂ ହୃଦୟ ରୋଗ ବିପଦ ବଢ଼ିଯାଏ ବୋଲି ଏକ ଧାରଣା ରହିଛି। ପାମ୍ ତେଲକୁ ନେଇ ଏପରି ଧାରଣା ଠିକ୍ ନା ଭୁଲ୍, ଜାଣନ୍ତୁ...**

ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ(ଓଉଗଜ) ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିସନ୍ ଭାରତୀୟଙ୍କ ପୁଷ୍ଟିକର ଖାଦ୍ୟ ଗ୍ରହଣକୁ ଉନ୍ନତ କରିବା ପାଇଁ ତଥା ଏନସିଡି(ନନକମୁନିକେବଲ ଡିଜିଜ୍), ଯେପରିକି ମଧୁମେହ, ହୃଦରୋଗ, ଷ୍ଟ୍ରୋକ ଏବଂ ଶ୍ୱସନ ସମ୍ବନ୍ଧୀୟ ରୋଗକୁ କମାଇବା ପାଇଁ ଖାଦ୍ୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶଦାତା ଜାରି କରିଛି।

ଏହି ଖାଦ୍ୟପେୟ ନିର୍ଦ୍ଦେଶାବଳୀରେ ପାମ୍ ତେଲର ବ୍ୟବହାର ଉପରେ ଉଲ୍ଲେଖ କରାଯାଇଛି, ଯାହା ଖରାପ କୋଲେଷ୍ଟ୍ରେଲ ବୃଦ୍ଧି କରିଥାଏ ବୋଲି କୁହାଯାଏ।



*ପାମ୍ ତେଲର ସ୍ୱାସ୍ଥ୍ୟ ଉପକାରିତା:*

ପାମ୍ ଗଛର ଅଶୋଧିତ ମଞ୍ଜିରୁ ପାମ୍ ତେଲ ମିଳିଥାଏ। ଏଥିରେ ବିଟା-କାରୋଟିନ୍ (ଭିଟାମିନ୍ ଏ) ଭରପୂର ପରିମାଣରେ ଥାଏ। କିନ୍ତୁ ଅଶୋଧିତ ପାମ୍ ତେଲକୁ ବିଶୋଧନ କରିବା ପରେ ଏଥିରୁ କାରୋଟିନଗୁଡିକ ନଷ୍ଟ ହୋଇଯାଏ।

ଡାଏଟିସିଆନ୍ ତଥା ସ୍ୱାସ୍ଥ୍ୟ ପରାମର୍ଶଦାତା ନୀଲାଞ୍ଜନ ସିଂହ କହିଛନ୍ତି ଯେ, ଏହି ଉଦ୍ଭିଦ ଭିତ୍ତିକ ତେଲରେ କୋଲେଷ୍ଟ୍ରୋଲ୍ ନଥାଏ, ଦୀର୍ଘଦିନ ଧରି ଏପରି ଭୁଲ୍ ଧାରଣା ରହିଆସିଛି।

ସେ ଆହୁରି କହିଛନ୍ତି, ପାମ୍ ତେଲରେ ପ୍ରଚୁର ପରିମାଣରେ ଭିଟାମିନ୍-ଇ ଟୋକୋଟ୍ରିଏନୋଲ ଥାଏ, ଯାହା କୋଲେଷ୍ଟ୍ରଲ ହ୍ରାସ କରିବାରେ ସହାୟକ ହେଉଥିବା ଆଣ୍ଟିଅକ୍ସିଡାଣ୍ଟ। ଏହାକୁ ବିଶେଷକରି ପ୍ୟାକେଜ୍ଡ ଫୁଡ୍ ପ୍ରସ୍ତୁତିରେ ବ୍ୟବହାର କରାଯାଏ। ଏଥିରେ ମନୋସାଚ୍ୟୁରେଟେଡ ଫ୍ୟାଟି ଏସିଡ (ଗଟରଇ) ପ୍ରଚୁର ପରିମାଣରେ ଥିବାରୁ ଏହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ।

ବିଭିନ୍ନ ଅଧ୍ୟୟନରେ ଦର୍ଶାଇଛି ଯେ, ପାମ୍ ତେଲରେ ଗଟରଇର ଉପସ୍ଥିତି କାରଣରୁ ଏହା ଐଉଖ (ଭଲ କୋଲେଷ୍ଟ୍ରଲ)କୁ ବୃଦ୍ଧି କରିବା ସହ ଖଉଖ (ଖରାପ କୋଲେଷ୍ଟ୍ରଲ)କୁ ନିୟନ୍ତ୍ରଣରେ ରଖି ଏକ ସୁସ୍ଥ କୋଲେଷ୍ଟ୍ରଲ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥାଏ।

ଏହା ବ୍ୟତୀତ ପାମ୍ ତେଲରେ ନଡ଼ିଆ ତେଲ ଅପେକ୍ଷା ଅଧିକ ଅନୁକୂଳ ଫ୍ୟାଟି ଏସିଡ୍ ରହିଛି, ଯାହା ୮୫%ରୁ ଅଧିକ ସାଚ୍ୟୁରେଟେଡ। ସେହିପରି ପାମ୍ ତେଲ ମେଦବହୁଳତା ଏବଂ ହୃଦରୋଗର ଆଶଙ୍କା ବଢାଇଥାଏ ବୋଲି ଯେଉଁ ଧାରଣା ରହିଛି ତାହା ଭୁଲ୍ ବୋଲି ବୋଲି ସ୍ୱାସ୍ଥ୍ୟ ପରାମର୍ଶଦାତା ନୀଲାଞ୍ଜନ କହିଛନ୍ତି।

ସେହିପରି ନ୍ୟୁଟ୍ରିସନ ସ୍ପେସାଲିଷ୍ଟ ଡ. ଅରୁଣ କୁମାର କହିଛନ୍ତି, ପାମ୍ ତେଲ ହେଉ କି ଅନ୍ୟ କୌଣସି ତେଲ, ମଧ୍ୟମ ପରିମାଣରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ।

# ଚା' ସହିତ ଖାଉଛନ୍ତି କି ଏହି ୫ ଜିନିଷ, ଆଜି ହିଁ ଛାଡନ୍ତୁ; ନଚେତ ହେଇପାରେ ଏମିତି ଅବସ୍ଥା

**ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ। ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ।**

*ସିଝା ଅଣ୍ଡା:*

ଅନେକ ଲୋକ ଚା ସହିତ ଅଣ୍ଡା ଖାଇବାକୁ ପସନ୍ଦ କରନ୍ତି। ଯଦି ଆପଣ ମଧ ସେମାନଙ୍କ ମଧ୍ୟରେ ଅଛନ୍ତି ତେବେ ଟିକେ ସତର୍କ ରୁହନ୍ତୁ। କାରଣ ସିଝା ଅଣ୍ଡା ଖାଇବା ଦ୍ୱାରା ହଜମ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ତେବେ ବ୍ରେକଫାଷ୍ଟ୍ ଭାବରେ ଆପଣ ଓମଲେଟ୍ କିମ୍ବା ସାଣ୍ଡୱିଚ୍ ଖାଇପାରିବେ।

*ପକୋଡି:*

ବର୍ଷା ସମୟରେ ଅଧିକାଂଶ ଲୋକ ଚା' ସହିତ ପକୋଡି ଖାଇବାକୁ ପସନ୍ଦ କରନ୍ତି। ବେସନରୁ ପ୍ରସ୍ତୁତ ପକୋଡି, କଟ୍ ?ଲେଟ୍ ଏବଂ ଆଳୁଚପ୍ ଆଦି ସ୍ୱାଦିଷ୍ଟ ହୋଇପାରେ, କିନ୍ତୁ ଏହା ହଜମ ପ୍ରକ୍ରିୟାକୁ ଦୁର୍ବଳ କରିପାରେ। ତେବେ ଚା' ସହିତ ମିଶିଗଲେ ଏଥିରେ ଥିବା ପୋଷକ ତତ୍ତ୍ୱ ପେଟ ସମ୍ବନ୍ଧୀୟ ରୋଗକୁ ବଢେଇଦେଇପାରେ।

*ପାଣି:*

ଚା' ସହିତ ପାଣି ପିଇବା ମଧ ଶରୀର ପାଇଁ କ୍ଷତିକାରକ ବୋଲି ବିବେଚନା କରାଯାଏ। ହଜମ ପ୍ରକ୍ରିୟା ଉପରେ ଏହାର ଖରାପ ପ୍ରଭାବ ପଡିଥାଏ ଏବଂ ବଦହଜମୀ, ଖଟା ହେକୁଟି ଏବଂ ଏସିଡିଟି ଭଳି ସମସ୍ୟା ବଢିଥାଏ।

*ଲୁଣି ଖାଦ୍ୟ:*

ବର୍ତ୍ତମାନ ଆପଣ କହିବେ ଚା ସହିତ ଲୁଣି ଖାଦ୍ୟ ଖାଇବାରେ ଅସୁବିଧା କ'ଣ ? ଅନେକ ପ୍ରକାରର ଲୁଣି ଜିନିଷ ଚା' ସହିତ ପ୍ରତିକ୍ରିୟା ସୃଷ୍ଟି କରେ। ହଜମକୁ ନଷ୍ଟ କରିପାରେ। ଚା'ରେ ମିଳୁଥିବା ଟେନିନ୍ ଲୁଣି ଖାଦ୍ୟରୁ ମିଳୁଥିବା ପୋଷକ ତତ୍ତ୍ୱକୁ ନଷ୍ଟ କରିଦିଏ। ଯେଉଁଥିପାଇଁ ଲାଭ ବଦଳରେ ଶରୀର ପାଇଁ କ୍ଷତି ପାଇଥାଏ।

*ଲେମ୍ବୁ:*

ଅନେକ ଖାଦ୍ୟ ସାମଗ୍ରୀର ସ୍ୱାଦ ବଢାଇବା ପାଇଁ, ଲୋକମାନେ ଏଥିରେ ଲେମ୍ବୁ ମିଶାଇ ଏହାକୁ ଚା ସହିତ ବଡ ମଜାରେ ଖାଆନ୍ତି। ଏହା କରିବା ଦ୍ୱାରା ଲେମ୍ବୁରେ ଥିବା ଅମ୍ଳୀୟ ଉପାଦାନଗୁଡ଼ିକ ପେଟରେ ଏସିଡ୍ ସମସ୍ୟା ସୃଷ୍ଟି କରିପାରେ। ଏହା ପେଟ ଦରଜ ଏବଂ ହୃଦଘାତ ଭଳି ସମସ୍ୟାକୁ ବଢାଇପାରେ।












# ଗରମ ଭାତ ସହ ଖାଆନ୍ତୁ ଭାକୁର ମାଛ ପୋସ୍ତ



ଅଧିକାଂଶ ଲୋକଙ୍କୁ ମାଛ ଖାଇବା ବେଶ୍ ଭଲ ଲାଗେ। ମାଛକୁ ବିଭିନ୍ନ ପ୍ରକାରର ରୋଷେଇ କରି ସମସ୍ତେ ଖାଆନ୍ତି। କିଏ ମାଛକୁ ତେଲରେ ଡିପ୍ ଫ୍ରାଏ କରି ଖାଏ ତ ଆଉ କିଏ ତରକାରୀ କରି। କେବେ ଭାକୁର ମାଛ ପୋସ୍ତ ବନାଇ ଖାଇଛନ୍ତି ? ଆସନ୍ତୁ ଜାଣିବା କିପରି ତିଆରି କରିବା ଭାକୁର ମାଛ ପୋସ୍ତ।

ଆବଶ୍ୟକ ସାମଗ୍ରୀ: ଭାକୁର ମାଛ, ଏକ ଚାମଚ ହଳଦୀ ଗୁଣ୍ଡ, ୩ରୁ ୪ଟି କଞ୍ଚା ଲଙ୍କା, ଏକ କପ୍ ପୋସ୍ତ ବଟା, ୩ରୁ ୪ଟି କଟା ପିଆଜ ତେଲ ଏକ କପ୍, ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରୋହି ମାଛରେ ଲୁଣ ଓ ହଳଦୀ ଗୁଣ୍ଡ ଗୋଳାଇ ଗରମ ତେଲରେ ଅଳ୍ପ ଛାଣି ରଖନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ସଥିରେ ଜିରା, କଟା ପିଆଜ, କଞ୍ଚା ଲଙ୍କା ଓ ଗୋଟା ରସୁଣ ପାଖୁଡା ପକାଇ ଭାଜନ୍ତୁ। ଏ ସବୁ ଭାଜି ହେବା ପରେ ଛଣା ମାଛକୁ ସେଥିରେ ପକାଇ ତା'ପରେ କଟା ଟମାଟ ଓ ଲୁଣ ପକାଇ ଭାଜନ୍ତୁ। ପରେ ଏଥିରେ ପୋସ୍ତ ବଟାକୁ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଓ ସ୍ୱାଦ ଅନୁସାରେ ଲୁଣ ଦେଇ ଘୋଡାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ଭାକୁର ମାଛ ପୋସ୍ତ।

# ନିରାମିଷ ନୁହେଁ 'ଅଞ୍ଜିର' ହେଉଛି ଆମିଷ ଫଳ: ଜାଣନ୍ତୁ ଏହା ପଛର ସତ...





ଯେତେବେଳେ ବି ନିରାମିଷ ଖାଦ୍ୟ କଥା ଆସେ, ସେ ସମୟରେ ଫଳଗୁଡ଼ିକୁ ପ୍ରଥମ ପ୍ରାଥମିକତା ଦିଆଯାଏ । ସାଧାରଣତଃ ଫଳଗୁଡିକୁ ନିରାମିଷ ଭାବରେ ବିବେଚନା କରାଯାଏ । ତେଣୁ ଶାକାହାରୀମାନେ ଅନ୍ଧ ଭାବରେ ସେମାନଙ୍କ ଖାଦ୍ୟରେ ଫଳଗୁଡିକ ଅନ୍ତର୍ଭୁକ୍ତ କରଥାନ୍ତି । କିନ୍ତୁ ଯଦି ଆମେ ଆପଣଙ୍କୁ କହିବୁ କି ସମସ୍ତ ଫଳଗୁଡ଼ିକ ନିରାମିଷ ନୁହେଁ । ତେବେ ଆପଣ ଏହାକୁ ବିଶ୍ୱାସ କରିବେ କି ? ଯଦି ଆପଣ ସମସ୍ତ ଫଳକୁ ନିରାମିଷ ବୋଲି ମଧ ଭାବନ୍ତି, ତେବେ ଆଜି ଆମେ ଏହି ଆର୍ଟିକିଲରେ ଆପଣଙ୍କର ଏହି ଭୁଲ ଧାରଣାକୁ ଦୂର କରିବୁ । ସମସ୍ତେ ନିଶ୍ଚିତ ଭାବରେ ଅଞ୍ଜିରର ନାମ ଶୁଣିଥିବେ । ଯାହା ଇଂରାଜୀରେ ଫିଗ୍ସ କୁହନ୍ତି । ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଏବଂ ଏହାକୁ ଖାଇବା ଦ୍ୱାରା ଅନେକ ସମସ୍ୟା ଉପଶମ ହୋଇଥାଏ । ସାଧାରଣତଃ ଏହାକୁ ନିରାମିଷ ଭାବରେ ବିବେଚନା କରାଯାଏ କାରଣ ଏହା ଫଳ ବର୍ଗରେ ରହିଥାଏ । କିନ୍ତୁ ଆପଣ ଜାଣନ୍ତି କି ଋସଶତ୍ମ ଖାଇବା ଦ୍ୱାରା ଆପଣ ଏକ ମାଂସାହାରୀ ହୋଇପାରିବେ । ତେବେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବା ଏହା କେମିତି ସମ୍ଭବ । ତେବେ ଆସନ୍ତୁ ଜାଣିବା ଲସଶତ୍ମ ଖାଇଲେ ଆପଣ କିପରି ମାଂସାହାରୀ ହୋଇପାରିବେ। ମିଠା ଏବଂ ସ୍ୱାଦିଷ୍ଟ ଅଞ୍ଜିରକୁ ଏକ ଆମିଷ ଫଳ ଭାବରେ ବିବେଚନା କରାଯିବାର କାରଣ ହେଉଛି ଏହାର ପରାଗଣ ପ୍ରକ୍ରିୟ । ବାସ୍ତବରେ, ଅଞ୍ଜିରରେ ପରାଗଣ ପାଇଁ ବିରୁଡ଼ି ପ୍ରଜାତିର ଛୋଟ ଛୋଟ କୀଟ ଉପରେ ନିର୍ଭର କରେ । ଏହି କୀଟ ଛୋଟ ଛୋଟ ଗର୍ତ୍ତ ଦେଇ ଫଳ ମଧ୍ୟକୁ ପ୍ରବେଶ କରିଥାଏ । ଅଞ୍ଜିରର ଫୁଲ ଫଳ ଭିତରେ ଅଛି ଏବଂ ତେଣୁ ପରାଗଣ ପ୍ରକ୍ରିୟା ପାଇଁ ବିରୁଡ଼ି ପ୍ରଜାତିର ଛୋଟ ଛୋଟ କୀଟକୁ ଫଳ ଭିତରକୁ ଯିବାକୁ ପଡେ । ଯେତେବେଳେ ଏହି କୀଟ ଫଳ ଭିତରେ ଥାଏ, ସେ ସମୟରେ ସେମାନେ ଅଣ୍ଡା ଦେଇଥାନ୍ତି । ଏହାପରେ ପରାଗ ଅଞ୍ଜିରର ଫୁଲକୁ ଟ୍ରାନ୍ସଫର ହୋଇଥାଏ । ଏହାପରେ ଅଣ୍ଡାହୀନ ମହିଳା କୀଟ ଇନ୍ୟୁବେଡ୍ କରେ ଓ ପରେ ଅଞ୍ଜିର ଭିତରେ ମରିଯାଏ । ଯାହାକୁ ଅଞ୍ଜିରରେ ଥିବା ଫିସିନ୍ ଏନଜାଇମ୍ ଖାଇଦିଏ ଏବଂ ଏହାକୁ ଫଳ ସହିତ ମିଶାଇଦିଏ। ତେବେ ଏହି ପୂରା ପ୍ରକ୍ରିୟା ଉଭୟ ପ୍ରଜାତି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଏହି ପ୍ରକ୍ରିୟା ପରେ ଆପଣ ଅଞ୍ଜିରକୁ ନିରାମିଷ କିମ୍ବା ଆମିଷ ଭାବେ ବିବେଚନା କରନ୍ତି, ଏହା ଆପଣଙ୍କ ନିଷ୍ପତ୍ତି ।



# ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ, ତା' ହେଲେ ସୁଧାରି ନିଅନ୍ତୁ ଏହି ତ୍ରୁଟି




ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଆପଣଙ୍କ ଅଜାଣତରେ ହେଉଥିବା ୪ଟି ଭୁଲ୍ ପାଇଁ ଆପଣଙ୍କୁ ହୁଏତ ଏପରି ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଇପାରେ। ତା' ହେଲେ ଆସନ୍ତୁ ଜାଣିବା କ'ଣ ଏହି ତ୍ରୁଟି ଓ କିପରି ଏହାକୁ ସୁଧାରିବା।

ବାସ୍ତୁ ଶାସ୍ତ୍ର ଅନୁଯାୟୀ, ପାଣିର ଅଯଥା ଅପଚୟ କରନ୍ତୁ ନାହିଁ। ଅନାବଶ୍ୟକ ସ୍ଥଳେ ପାଣି ଟ୍ୟାପ ଖୋଲନ୍ତୁ ନାହିଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ତେଣୁ ସବୁବେଳେ ପାଣି ଟ୍ୟାପକୁ ଭଲ ଭାବେ ବନ୍ଦ କରନ୍ତୁ । ତ୍ରୁଟି ଥିଲେ ଏହାକୁ ତୁରନ୍ତ ସଜାଡ଼ି ନିଅନ୍ତୁ । ଘରର ଆଲମିରା ବା ଟଙ୍କାପଇସା ଆଦି ରଖୁଥିବା ସ୍ଥାନକୁ କେବେବି ଖୋଲା ଛାଡ଼ନ୍ତୁ ନାହିଁ। ଏପରି ହେବା ଦ୍ୱାରା ଆପଣଙ୍କୁ ସବୁବେଳେ ଧନର ଅଭାବ ଅନୁଭବ ହୋଇଥାଏ। ତେଣୁ ସବୁବେଳେ ସବୁବେଳେ ଏହାକୁ ବନ୍ଦ କରି ରଖନ୍ତୁ। ଆଲମିରା ସବୁବେଳେ ଖୋଲା ରହିବା ଦ୍ୱାରା ଧନର ଦେବୀ ମା' ଲକ୍ଷ୍ମୀଙ୍କ କୋପ ଦୃଷ୍ଟି ପଡ଼ିଥାଏ। ଯେଉଁ ଘର ସବୁବେଳେ ସଫାସୁତୁରା ରହି ନ ଥାଏ, ଉକ୍ତ ଘରେ ମା' ଲକ୍ଷ୍ମୀଙ୍କ ପାଦ ପଡ଼ି ନ ଥାଏ। ଆଉ ମା' ଲକ୍ଷ୍ମୀ ପ୍ରସନ୍ନ ନ ରହିଲେ, ତାଙ୍କ ଆଗମନ ନ ହେଲେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହିବା ଥୟ। ତେଣୁ ଯଥା ସମ୍ଭବ ଘରକୁ ସବୁବେଳେ ପରିଷ୍କାର ରଖନ୍ତୁ । ଘରେ ଥିବା ତୁଳସୀ ଗଛକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଯଦି ବିନା କୌଣସି କାରଣରେ ସବୁବେଳେ ତୁଳସୀ ଗଛ ଶୁଖି ଯାଉଛି ତେବେ ଏହାର ପରିଣାମ ଶୁଭଙ୍କର ନୁହେଁ। ଏପରି ହେଲେ ଆପଣ ସବୁବେଳେ ଅଭାବ, ଅନଟନରେ ଘାଣ୍ଟି ହେବେ। ଆର୍ଥିକ ଦୁର୍ଗତି ପିଛା ଛାଡ଼ିବନି। ତେଣୁ ଯଥା ସମ୍ଭବ ଘରେ ଥିବା ତୁଳସୀ ଗଛକୁ ସବୁବେଳେ ବଞ୍ଚାଇ ରଖନ୍ତୁ।

# ରାଉରକେଲା ଇସ୍ପାତ କାରଖାନାରେ ବିଶ୍ୱ ଗୁଣବତ୍ତା ଦିବସ ପାଳିତ




ରାଉରକେଲା, ୧୨/୧୧ (ନି.ପ୍ର):"ନେତୃତ୍ୱ ରୂପେ ଉଭା ହେବା ତଥା ଆମର ପ୍ରତିଷ୍ଠାନକୁ ସ୍ଥାୟୀ ଏବଂ ମାପନୀୟ କରିବା ପାଇଁ ଆମକୁ ଅନୁପାଳନୀୟ ପରିମାପକରୁ ଉର୍ଦ୍ଧ୍ୱରେ କାର୍ଯ୍ୟ କରିବାକୁ ହେବ," ବୋଲି ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଆନୁକୂଲ୍ୟରେ ନଭେମ୍ବର ୧୧ ତାରିଖରେ ଆୟୋଜିତ ବିଶ୍ୱ ଗୁଣବତ୍ତା ଦିବସ ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଉଲ୍ଲେଖ କରିଛନ୍ତି। ଏହି କାର୍ଯ୍ୟକ୍ରମ କାରଖାନାର ମୁଖ୍ୟ ଗେଟ ନିକଟରେ ଥିବା 'ଶିଳ୍ପ କୋଣାର୍କ' ପରିସରର ସୁରକ୍ଷା, ଗୁଣବତ୍ତା ଏବଂ ପରିବେଶ କ୍ଷେତ୍ରରେ ଆୟୋଜିତ ହୋଇଥିଲା। ଏହି ଅବସରରେ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ବହୁ ସିଜିଏମ୍ , ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ।ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ଶ୍ରୀ ଭୌମିକ କହିଥିଲେ ଯେ, "ଆମର କାର୍ଯ୍ୟର ସମସ୍ତ ଦିଗରେ ଗୁଣବତ୍ତା, ସଂଗଠନର ଅଭିବୃଦ୍ଧି ଏବଂ ଏହାକୁ ସ୍ଥାୟୀ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଆମକୁ ଗୁଣବତ୍ତା ଉପରେ ଧ୍ୟାନ କେନ୍ଦ୍ରିତ କରି ଆମର ଗ୍ରାହକ ଏବଂ ପଣଧାରୀଙ୍କୁ ସର୍ବୋଚ୍ଚ ମାନର ସେବା ପ୍ରଦାନ କରିବା ଆବଶ୍ୟକ। " ଚଳିତ ବର୍ଷର ଗୁଣବତ୍ତା ସପ୍ତାହ ପାଳନର ବିଷୟବସ୍ତୁ 'ଅନୁପାଳନରୁ ପ୍ରଦର୍ଶନ ପର୍ଯ୍ୟନ୍ତ' ଉପରେ ବିସ୍ତାରରେ ଆଲୋକପାତ କରି ଡ଼ିଆଇସି ସାମୁଦାୟିକଙ୍କୁ କାର୍ଯ୍ୟ ଦକ୍ଷତାକୁ ଉନ୍ନତ କରିବା ପାଇଁ ଧାର୍ଯ୍ୟ ନିୟମର ଅନୁପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହା ପୂର୍ବରୁ ଡ଼ିଆଇସି ଗୁଣବତ୍ତା ପତାକା ଉତ୍ତୋଳନ କରିଥିଲେ। ସମବେତ ଅଂଶଗ୍ରହଣକାରୀଙ୍କୁ ଶ୍ରୀ ବେହୁରିଆରେ ଓଡିଆରେ ଗୁଣବତ୍ତା ଶପଥ ପାଠ କରାଇଥିବାବେଳେ ଶ୍ରୀ ଆଲୋକ ବର୍ମା ଏବଂ ଶ୍ରୀ ତରୁଣ ମିଶ୍ର ଯଥାକ୍ରମେ ହିନ୍ଦୀ ଏବଂ ଇଂରାଜୀରେ ଏହି ଶପଥ ପାଠ ସମ୍ପନ୍ନ କରିଥିଲେ। ଏମଏସ ବିଭାଗର ସିଜିଏମ ଶ୍ରୀ ପି କେ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଜିନେସ ଏକ୍ସଲେନ୍ସ ବିଭାଗର ଜିଏମ, ଶ୍ରୀ ଅନୁବିନ୍ଦ ମହାନ୍ତି ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ୟୁଏମଏସ ଉପରେ ଆଧାରିତ ଲିଫଲେଟ କାର୍ଯ୍ୟକ୍ରମରେ ବିତରିତ ହୋଇଥିଲା ଏବଂ ସମସ୍ତେ ଗୁଣବତ୍ତା ବ୍ୟାଜ ପରିଧାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ବିଚାରକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ହତ୍ୟା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଅତିରିକ୍ତ ଏସପିଙ୍କ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା

ବଲାଙ୍ଗିର, ୧୨/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ସଲଣ୍ଡି ଗାଁ ର ଶତାଧିକ ପୁରୁଷ ଓ ମହିଳା ଜ୍ଞାନ ପ୍ରକାଶ ବେହେରାଙ୍କ ହତ୍ୟାର ଗୁମର ଖୋଲିବାକୁ ଆଜି ରାଜରାସ୍ତାକୁ ଓହ୍ଲାଇଥିଲେ। ସୂଚନା ଅନୁସାରେ ୧୪/୧୦/୨୪ ଦିନ ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ସଲଣ୍ଡି ଗାଁ ର ଦୈତ୍ୟାରି ବେହେରାଙ୍କ ପୁଅ ଜ୍ଞାନ ପ୍ରକାଶ ବେହେରା (୨୭) ନିଜ ମୋଟର ସାଇକେଲ (ଓ ଡି ୦୩ ୟୁ ୫୬୧୯) ଯୋଗେ ଘରୁ ବାହାରି କୁଆଡେ ଯାଇ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରି ନପାଇବାରୁ ବେଲ ପଡ଼ା ଥାନା କୁ ୧୬/୧୦/୨୪ ଦିନ ଅଭିଯୋଗ କରିବା ପାଇଁ ଆସିଥିବା ବେଳେ ବେଲପଡା ପୋଲିସ ତାଙ୍କ ଅଭିଯୋଗ ପତ୍ର ରଖିନଥିଲେ ପୁଣି ସନ୍ଧ୍ୟା ସମୟରେ ଅଭିଯୋଗ ପତ୍ର ରଖିଥିଲେ ବା ପୂର୍ବରୁ ଗୋଟିଏ ମୋଟରସାଇକେଲ ବେଲ ପଡ଼ା ଥାନା ଅନ୍ତର୍ଗତ ଥୁଣ୍ଡିବାହାଲ ଓ ଭାଲୁଖାଇ ମଝି ଜଙ୍ଗଲ ରୁ ପାଇଥିବାରୁ ସେ ବାଇକ୍ ଟି ଜ୍ଞାନ ପ୍ରକାଶ ବେହେରା ଙ୍କ ବୋଲି ଚିହ୍ନଟ କରାଯାଇଥିଲା। ସଲଣ୍ଡି ଗାଁ ର ଶହ ଶହ ଲୋକ ଉକ୍ତ ଜଙ୍ଗଲ କୁ ଯାଇ ଖୋଜାଖୋଜି କରିବା ପରେ ରାତିରେ କିଛି ପତା ମିଳିନଥିବାରୁ ଫେରି ଆସିଥିଲେ। ପୁଣି ୧୭/୧୦/୨୪ ଦିନ ସକାଳୁ ଖୋଜାଖୋଜି କରିବା ପରେ ଜଙ୍ଗଲ ଭିତରେ ଏକ ମୃତଦେହ ମିଳିଥିଲା ଏବଂ ତାହା ଜ୍ଞାନ ପ୍ରକାଶ ବେହେରାଙ୍କ ବୋଲି ଜଣାପଡିଥିଲା। ଘଟଣା ସ୍ଥଳରେ ବେଲ ପଡ଼ା ପୋଲିସ ଓ ବଲାଙ୍ଗିର ଫରେନ୍ସି ଟିମ୍ ପହଂଚି ତଦନ୍ତ ଆରମ୍ଭ କରିଥିଲେ। ପରିବାର ବର୍ଗଙ୍କ ଠାରୁ ତାହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରାଯାଇଥିଲେ ସୁଦ୍ଧା ପୋଲିସ କୁ କୌଣସି ସୁରାକ ମିଳିନଥିଲା। ଫରେନ୍ସି ରିପୋର୍ଟ ଆସିବା ପରେ ହତ୍ୟା ବୋଲି ସ୍ପଷ୍ଟୀକରଣ ହେବାପରେ ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ବେଳେ ପରିବାର ଲୋକେ ବଲାଙ୍ଗିର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ତାପରେ ମଧ୍ୟ ପୋଲିସ ପ୍ରଶାସନ ଅପରାଧୀ ମାନଙ୍କୁ ଧରିବାରେ ଅସକ୍ଷମ ହେବାରୁ ଗାଁ ଲୋକେ ନ୍ୟାୟ ପାଇବା ଆଶାରେ ଆଜି ରାଜରାସ୍ତାକୁ ଓହ୍ଲାଇଥିଲେ। ସଲଣ୍ଡି ଗାଁ ବସଷ୍ଟାଣ୍ଡ ତଥା ବଲାଙ୍ଗିର କଣ୍ଟାବାଞ୍ଜି ରାସ୍ତା ୪୨ ନମ୍ବର ରାଜପଥକୁ ଆଜି ସକାଳ ୮ଟା ୩୦ ରୁ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ,ବେଲପଡା ଥାନା ଅଧିକାରୀ ଅନନ୍ତ ପ୍ରଧାନ, ପାଟଣାଗଡ଼ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା, ଖପ୍ରାଖୋଲ ପୋଲିସ ଓ ବଲାଙ୍ଗିର ରୁ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ରହି ଆନ୍ଦୋଳନ ପ୍ରତ୍ୟାହୃତ କରିବା ପାଇଁ ଚେଷ୍ଟା କଲେ। କିନ୍ତୁ ଗ୍ରାମବାସୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଆସିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ କରାଯିବ ବୋଲି କହିଥିଲେ । ଶେଷରେ ବଲାଙ୍ଗିର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ଘଟଣାସ୍ଥଳରେ ପହଂଚି ପରିବାର ବର୍ଗଙ୍କୁ ବୁଝାସୁଝା କରି ଯଥାଶୀଘ୍ର ଆସାମୀ ମାନଙ୍କୁ ଧରାଯିବ ଏବଂ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକମାନେ ୩ଟା ୩୦ ସମୟରେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ପରିବାର ବର୍ଗ ଓ ଗ୍ରାମବାସୀମାନେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଙ୍କୁ ଉଚିତ ପଦକ୍ଷେପ ନେବାକୁ ଏକ ଲିଖିତ ଅଭିଯୋଗ ଦେଇଥିବା ବେଳେ ଉକ୍ତ ହତ୍ୟାକାଣ୍ଡ ର ତଦନ୍ତ ବେଲପଡା ପୋଲିସ ନକରି ସିଧା ଆରକ୍ଷୀ ଅଧିକ୍ଷକ ଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅପରାଧୀ ମାନଙ୍କୁ ଧରିବେ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ପ୍ରତିଶ୍ରୁତି ଦେଇଛନ୍ତି। ଯଦି କମ୍ ଦିନ ମଧ୍ୟରେ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନକରାଯାଏ ତାହେଲେ ପୁଣି ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମବାସୀ କହିଛନ୍ତି। ଏବେ ଦେଖିବାକୁ ବାକି ରହିଲା ଯେ ଏଭଳି ହତ୍ୟାକାଣ୍ଡରେ ପୋଲିସ ବିଭାଗ କିଭଳି ପଦକ୍ଷେପ ନେଉଛନ୍ତି ଓ ଅଭିଯୁକ୍ତ ମାନଙ୍କୁ ଗିରଫ କରୁଛନ୍ତି।

# ନିଖିଳ ଉତ୍କଳ ଆଇନଜୀବୀ ସଂଘର ୫୩ତମ ବାର୍ଷିକ ସମ୍ମିଳନୀ ନିମନ୍ତେ ଖବରଦାତା ସମ୍ମିଳନୀ

ମାଲକାନଗିରି, ୧୨/୧୧ (ନି.ପ୍ର): ନିଖିଳ ଓଡିଶା ଆଇନଜୀବି ସଂଘର ୫୩ତମ ବାର୍ଷିକ ସମ୍ମିଳନୀ ମାଲକାନଗିରିରେ ଡିସେମ୍ବର ୨୯ ଓ ୩୦ ହେବାକୁ ଥିବା ବେଳେ ମାଲକାନଗିରି ଜିଲ୍ଲା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆଜି ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ଆଇନଜୀବି ଆସୋସିଏସନ ସଭାପତି ନୃସିଂହ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଘ ଅଧ୍ୟକ୍ଷ ଜ୍ଞାନ ରଂଜନ ମହାନ୍ତି, ସାଧାରଣ ସମ୍ପାଦକ ସଞ୍ଜିତ ପାଣିଗ୍ରାହୀ, ଉପ ସଭାପତି ଜଗନ୍ନାଥ ମିଶ୍ର, ସମ୍ପାଦକ ମନୋରଞ୍ଜନ ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର, ସହ ସମ୍ପାଦକ ମଧୁସୂଦନ ପଣ୍ଡା, ସାଙ୍ଗଠନିକ ସମ୍ପାଦକ ମୋହନ କୁମାର ପଣ୍ଡା ପ୍ରମୁଖ ରାଜ୍ୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।ଏହି ସମ୍ମିଳନୀରେ ମହାମହିମ ରାଷ୍ଟ୍ରପତି ଦ୍ରୋପଦି ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ,କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମେତ ଅତିଥି ଙ୍କୁ ନିମନ୍ତ୍ରଣ ଦିଆଯାଇଛି।ଏଥି ସହ ସୁପ୍ରିମକୋର୍ଟ ବିଚାରପତି, ସୁପ୍ରିମକୋର୍ଟ ସଭାପତି କପିଳ ଶିବଲ,ଓଡ଼ିଶା ହାଇକୋର୍ଟ ର ମୁଖ୍ୟ ବିଚାରପତି, ଜଷ୍ଟିସ ମାନେ ଯୋଗଦେବା କାର୍ଯ୍ୟକ୍ରମ ଥିବା ସଂଘ ସଭାପତି ଜ୍ଞାନ ରଂଜନ କହିଛନ୍ତି।ଏହି କଯ୍ୟକ୍ରମ ରେ ଆଇନିଜୀବୀ ମାନଙ୍କ ସୁରକ୍ଷା ଆଇନି, ସ୍ୱାସ୍ଥ୍ୟ ବୀମା ଭଳି ବହୁ ସମସ୍ୟା ଉପରେ ଆଲୋଚନା ହେବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ସାମ୍ବାଦିକ ବନ୍ଧୁ ମାନଙ୍କୁ ଅନୁରୋଧ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ମାଲକାନଗିରିର ଆଇନଜୀବି ଆସୋସିଏସନ ର ସମ୍ପାଦକ ଲମ୍ବୋଧର ତୁରୁକୁ, ଆସୋସିଏସନ ର କାର୍ଯ୍ୟକାରୀ ସଭାପତି ଜୋସେଫ ଯେମମ୍ମ, ଜିଲା ଓକିଲ ସଂଘ ର ସମ୍ପାଦକ ବିଜୁ ସରକାର, ସହକାରୀ ସମ୍ପାଦକ ଭୂତୋଷ ବିଶ୍ୱାସ, ମୁସ୍କାନ ଦେବନାଥ। ମହେଶ୍ୱର, ରବୀନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ସଅଳ ଅନୁଷ୍ଠିତ ହେବ ଧ୍ୱଜାବନ୍ଧା ନୀତି

ପୁରୀ, ୧୨/୧୧ (ନି.ପ୍ର): ପବିତ୍ର କାର୍ତିକ ମାସରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗି ରହିଥିବାରୁ ଶ୍ରୀମନ୍ଦିର ଧ୍ୱଜାବନ୍ଧା ନୀତି ସମୟରେ ପରିବର୍ତନ କରାଯାଇଛି । ସଂଧ୍ୟା ବଦଳରେ ଅପରାହ୍ନ ୩ଟା ୩୦ ରୁ ୪ଟା ମଧ୍ୟରେ ଧ୍ୱଜା ବନ୍ଧା ନୀତି ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢ଼ୀଙ୍କ ଏହି ନିର୍ଦ୍ଦେଶ ପରେ ଚୁନରା ସେବକଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତାକାଲି ଠାରୁ ପଂଚୁକ ବ୍ରତ ପାଇଁ ଶ୍ରୀମନ୍ଦିରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ଆବର୍ଜନାମୟ ପୋଖରୀ ଗୁଡିକର ପୁନଃରୁଦ୍ଧାର ଓ ବ୍ୟବହାର ଉପଯୋଗୀ କରିବାକୁ ଦାବି

ଘଟଗାଁ, ୧୨/୧୧ (ନି.ପ୍ର): ସହର ଓ ଏହାର ଆଖପାଖ ଅଂଚଳରେ ଥିବା ପୋଖରୀ ଗୁଡିକର ସୁରକ୍ଷା ଓ ସଫେଇ ଉପରେ ଦୃଷ୍ଟି ଦିଆଯାଉ ନଥିବାରୁ ପୋଖରୀ ଗୁଡିକ ଆବର୍ଜନାମୟ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିଛି । ଯାହାଫଳରେ ନିକଟସ୍ଥ ଅଂଚଳର ଲୋକମାନେ ସେମାନଙ୍କର ନିତ୍ୟ ବ୍ୟବହାର୍ଜ୍ୟ ଜଳ ପାଇଁ ଦହଗଞ୍ଜ ହେଉଥିବାର ଦେଖାଯାଇଛି। ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ପ୍ରତି ଅଂଚଳରେ ବସବାସ କରୁଥିବା ଗରିବ, ମଧ୍ୟବିତ ଶ୍ରେଣୀ ଲୋକମାନେ ସାଧାରଣତଃ ନିଜ ନିଜର ପ୍ରତିଦିନ ଆବଶ୍ୟକ ପଡୁଥିବା ବାହ୍ୟବ୍ୟବହୃତ ପାଇଁ ଜଳ ଯଥା - ସ୍ନାନ, ଲୁଗାପଟା ଓ ଅନ୍ୟ ଆସବାବ ସାମଗ୍ରୀ ଧୋଇବା, ଯାନ ଧୋଇବା, ଘର ନିର୍ମାଣରେ ଆବଶ୍ୟକ ଜଳ, ପଶୁ ପକ୍ଷୀ, ସ୍ନାନ, ପ୍ରଭୃତି ସାଙ୍ଗକୁ ଶୁଦ୍ଧି କାର୍ଯ୍ୟ ପ୍ରଭୃତି ପାଇଁ ଏହି ପୋଖରୀ ଗୁଡିକର ଜଳ ବେଶ ସାହାଯ୍ୟ କରିଥାଏ, ହେଲେ ପୋଖରୀ ଗୁଡିକର ସୁରକ୍ଷା, ମରାମତି ତଥା ପୁନଃଉଦ୍ଧାର ଉପରେ ଗୁରୁତ୍ୱ ଦିଆଯାଉନଥିବାରୁ ପୋଖରୀ ଗୁଡିକ ଆବର୍ଜନାମୟ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିଛି ଏବଂ ଲୋକ ମାନେ ବାଧ ହୋଇ ନିଜ ନିଜର ବାହ୍ୟବ୍ୟବହୃତ ଜଳର ଆବଶ୍ୟକତା ନିମନ୍ତେ ପାନୀୟ ଜଳକୁ ବ୍ୟବହାର କରୁଛନ୍ତି। ଯାହାଫଳରେ ଜିଲ୍ଲାରେ ପାନୀୟ ଜଳର ସମସ୍ୟା ମଧ ଦେଖାଯାଉଛି। ତେଣୁ ଯଦି ପ୍ରତି ଅଂଚଳରେ ପରିତ୍ୟକ୍ତ ହୋଇ ପଡ଼ିଥିବା ପୋଖରୀ ଗୁଡିକର ପୁନଃରୁଦ୍ଧାର କରାଯାଇ ବ୍ୟବହାର ଉପଯୋଗୀ କରାଯିବା ଉପରେ ଗୁରୁତ୍ୱ ଦିଆଗଲେ ପାନୀୟ ଜଳର ଅପବ୍ୟବହାର ବହୁଳ ଭାବେ ହ୍ରାସ ପାଇ ପାରନ୍ତା ବୋଲି ବୁଦ୍ଧିଜୀବି ଓ ଜନସାଧାରଣରେ ଦାବୀ ହୋଇଛି ।

# ଡ୍ରେନ ଗୁଡିକର ମରାମତି ପାଇଁ ଦାବି

କେନ୍ଦୁଝର, ୧୨/୧୧ (ନି.ପ୍ର): କେନ୍ଦୁଝର ସହର ସମେତ ଏହାର ଆଖ ପାଖ ଅଂଚଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ ଗୁଡିକର ମରାମତି ଅଭାବରୁ ଡ୍ରେନ ଗୁଡିକ ଭାଙ୍ଗିରୁଜି ଆବର୍ଜନା ପାଣି ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। ଡ୍ରେନ ଗୁଡିକର ମରାମତି ଓ ଭାରି ସାମଗ୍ରୀ ମାନ ରଖୁଥିବା ବ୍ୟକ୍ତି ମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ଡ୍ରେନଗୁଡିକ ଧୀରେ ଧୀରେ ଭାଙ୍ଗିରୁଜି ବିପଦପୂର୍ଣ୍ଣ ଅବସ୍ଥାରେ ପହଁଚିଛି। ଡ୍ରେନ ଗୁଡିକର କଭର ଗୁଡିକରେ ଗର୍ତହେବା ସହ କେଉଁଠି ଡ୍ରେନର ଉପର ପ୍ଲେଟ ଗୁଡିକ ଡ୍ରେନ ଭିତରେ ଖସି ପଡିଛି। ଯାହା ଫଳରେ ଡ୍ରେନ ରେ ଆବର୍ଜନା ପାଣି ଠିକ ଭାବେ ନିଷ୍କାସନ ହୋଇନପାରି ପାଣି ଜମି ରହି ପଚି ଦୁର୍ଗନ୍ଧ ସୃଷ୍ଟି ହେଉଛି, ଏବଂ ତତ ସହିତ ମଶା ମାଛି ମାନଙ୍କର ଉତ୍ପତି ସ୍ଥଳ ପାଲଟିଛି। ଡ୍ରେନ ଗୁଡିକର ଉପର କଭରରେ ଗର୍ତ ଓ ପ୍ଲେଟ ଗୁଡିକ ଭିତରେ ଖସିପଡ଼ିଥିବାରୁ ସେହି ରାସ୍ତା ଦେଇ ଯାଉଥିବା ଛୋଟ ଛୋଟ ପିଲା, ବୃଦ୍ଧ ବୃଦ୍ଧା, ଗାଇ ଗୋରୁ, ଛେଳି ସବୁ ଡ୍ରେନ ଉପର ଦେଇ ଯିବା ସମୟରେ ଡ୍ରେନରେ ପଡିଯିବାର ଆଶଙ୍କା ସୃଷ୍ଟି ହୋଇଛି।

# ନାବାଳିକାକୁ ଅପହରଣ: ଅଭିଯୁକ୍ତ ଗିରଫ

ଜୟପୁର, ୧୨/୧୧ (ନି.ପ୍ର): ନାବାଳିକାକୁ ଅପହରଣ ଅଭିଯୋଗରେ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଭଦ୍ରାୟା ସାହିର ଭି ଭେଙ୍କଟ ରମନା (୩୦)। ସୂଚନା ଅନୁଯାଇ ଜଣେ ନବାଳିକା ଗତ ୮ ତାରିଖରେ ନିଖୋଜ ହୋଇଥିଲା । ଏନେଇ ପରିବାର ଲୋକେ ଗତ ୯ ତାରିଖରେ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ସୂଚନା ପାଇ ଅଭିଯୁକ୍ତ ଜଣକ ନାବାଳିକାକୁ ଟାଉନ ଥାନା ନିକଟରେ ଛାଡି ଚମ୍ପଟ ମାରିଥିଲା । ଏନେଇ ଆଜି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ଜମନକିରା ବ୍ଲକରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୧୨/୧୧ (ନି.ପ୍ର): ଆଜି ଜମନକିରା ବ୍ଲକ କାର୍ଯ୍ୟାଳୟ ପରିସରରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ କୁମାର ଭାମୁଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଅନୁଷ୍ଠିତ ମୋଟ ୫୬ ଟି ଆବେଦନ ଗ୍ରହଣ କରାଯାଇ ଥିଲା, ଯେଉଁଥିରୁ ୪୪ ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧୨ ଟି ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା । ଉକ୍ତ ଅଭିଯୋଗ ଶୁଣାଣି ଅବସରରେ ୦୧ ଜଣ ହିତାଧିକାରୀ ଙ୍କୁ ହୁଇଲ ଚେୟାର, ୦୧ ଜଣ ହିତାଧିକାରୀ ଙ୍କୁ ଲେପ୍ରୋସୀ କିଟ୍ ପ୍ରଦାନ କରାଯାଇଥିଲା।

# ଏମଜି ରୋଡରେ ଜବରଦଖଲ ଉଚ୍ଛେଦ ନେଇ ମାପଚୁପ ଆରମ୍ଭ

ଜୟପୁର, ୧୨/୧୧ (ନି.ପ୍ର): ଜୟପୁର ସହରର ଜୀବନ ରେଖା କୁହାଯାଉଥିବା ଏମଜି ରୋଡରେ ଜବର ଦଖଲ ଉଚ୍ଛେଦ ନେଇ ଆଜି ମାପଜୁପ ଆରମ୍ଭ କରାଯାଇଛି । ଜୟପୁର ପୌର ପାଳିକା ଓ ରାଜସ୍ୱ ବିଭାଗର ମିଳିତ ଭାବେ ମାପଜୁପ କରାଯାଇଛି । ଜୟପୁର ଉପ ଜିଲାପାଳ ତଥା ପୌର ନିବାହୀ ଅଧିକାରି ଆକାବରମ ଶଶ୍ୟା ରେଡ୍ଡି ଙ୍କ ନିଦ୍ଦେଷ କ୍ରମେ ରାଜସ୍ୱ ପରିଦର୍ଶକ ହରିହର ଶତପଥି, ରାଜସ୍ୱ ନିରିକ୍ଷକ ସୁରଜ କୁମାର ପଣ୍ଡା ଙ୍କ ସହ ପୌର କର୍ମଚାରି ମାନେ ମାପଜୁପ କରିଥିଲେ । ଜବର ଦଖଲକାରିଙ୍କୁ ୩ ଦିନିଆ ନୋଟିସ ଦିଆଯାଇଛି । ୩ ଦିନ ଭିତରେ ନିଜେ ଜବରଦଖଲ ନହଟେଇଲେ ପୌରପାଳିକା ଉଚ୍ଛେଦ କରିବ । ହି ରାସ୍ତା ମାପ ବେଳେ ସରକାରୀ ବାଳିକା ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ଓ୍ୱେଲ୍ କମ୍ ଛକରେ ୨୮ଫୁଟ ରହିଥିବା ବେଳେ କେଉଁଠି ୩୦, କେଉଁଠି ୪୦ ଏବଂ ଡ଼ିଆଇଇଟି ନିକଟରେ ଓସାର ସର୍ବାଧିକ ୫୩ ଫୁଟ ରହିଥିବା ଜଣାଯାଇଥିଲା । ରାସ୍ତାର ଯେଉଁ ଭାଗରେ ୪୦ ଫୁଟ ଓସାରରୁ କମ୍ ରହିଛି ତାହାକୁ ୪୦ ଫୁଟିଆ ଓସାର କରିବାକୁ ପ୍ରଶାସନ ଯୋଜନା କରି ଚିହ୍ନ ଦେଇଥିଲା । ଗତ ୨୦୧୬ ମସିହା ଏବଂ ୨୦୨୨ ମସିହାରେ ଏହି ରାସ୍ତା ଚଉଡ଼ା ପାଇଁ ମାପଚୁପ ହୋଇଥିବା ବେଳେ ପୁଣି ୨୦୨୪ ମସିହା ଅଗଷ୍ଟ ୨୨ ତାରିଖ ଦିନ ମଧ୍ୟ ପୌରପାଳିକା ଏବଂ ରାଜସ୍ୱ କର୍ମଚାରୀଙ୍କ ଉପସ୍ଥିତିରେ ମାପ ହୋଇଥିଲା । ଆଜି ଓ୍ୱେଲ୍ କମ୍ ଛକ ଠାରୁ ବେଲ ରୋଡ ଯାଏ ଚିହ୍ନଟ କରାଯାଇଛି । ଜବର ଦଖଲ ଯୋଗୁଁ ରାସ୍ତା ସଙ୍କୁଚିତ ହୋଇ ପଡିଛି । ଫଳରେ ପ୍ରତ୍ୟେକ ଦିନ ଟ୍ରାଫିକ ଜାମ ହୋଉଛି । ସାଧାରଣ ଜନତା ବହୁ ହଇରାଣ ହରକତ ହେଉଛନ୍ତି । ଉକ୍ତ ରାସ୍ତାରେ ଦୈନିକ ବଜାର ପ୍ରବେଶ ପଥ, ବଡ ବଡ ହୋଟେଲ, ବ୍ୟାଙ୍କ, ଦୋକାନ ରହିଛି । ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଉକ୍ତ ରାସ୍ତା ଉପରେ ନର୍ଭର କରୁଛନ୍ତି । ଟ୍ରାଫିକ ଜାମ ରହୁଥିବାରୁ ଜବର ଦଖଲ ଉଚ୍ଛେଦ କରିବା ପାଇ ଜୟପୁର ବାସୀ ବାହୁବାର ଦାବି କରୁଥିଲେ । ଏହାକୁ ଗୁରୁତ୍ୱର ସହ ନେଇ ଆଜି ପ୍ରଶାସନ ତରଫରୁ ଚିହ୍ନଟ ଆରମ୍ଭ କରାଯାଇଛି । ଚିହ୍ନଟ ହେବା ପରେ ଜବର ଦଖଲ ଉଚ୍ଛେଦ କରାଯିବ ।

# ଶିକ୍ଷାନବୀଶ ଆଇଏଏସଙ୍କୁ ଜିଲ୍ଲାପାଳଙ୍କ ମାର୍ଗଦର୍ଶନ

ପୁରୀ, ୧୨/୧୧ (ନି.ପ୍ର): ଭାରତୀୟ ପ୍ରଶାସନିକ ସେବା ୨୦୨୩ ବ୍ୟାଚର ୧୨ ଜଣ ଆଇଏଏସ ପ୍ରୋବେସନର ବା ଶିକ୍ଷାନବୀଶ ପୁରୀ ଜିଲ୍ଲା ଗସ୍ତରେ ରହିଛନ୍ତି। ସେମାନେ ଚଳିତ ମାସ ୧୦ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟ, ବିପଣୀ କେନ୍ଦ୍ର, ପର୍ଯ୍ୟଟନ ସ୍ଥଳ ଇତ୍ୟାଦି ପରିଦର୍ଶନ କରି ଜ୍ଞାନ ଆହରଣ କରିବେ। ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ସମସ୍ତ ଶିକ୍ଷାନବୀଶ ଆଲୋଚନା କରିଥିଲେ। ଜଣେ ଆଇଏଏସ ଅଧିକାରୀର ଦାୟିତ୍ୱ, କର୍ତବ୍ୟ, ସାଧାରଣ ଲୋକଙ୍କ ପ୍ରତି ବ୍ୟବହାର, ସମସ୍ୟା ଓ ତାହାର ସମାଧାନ, ଉନ୍ନୟନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ଇତ୍ୟାଦି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଅବଗତ କରାଇଥିଲେ। ପୁରୀ ବିଭିନ୍ନ ପ୍ରକଳ୍ପ ଓ ପର୍ଯ୍ୟଟନ ସ୍ଥଳର ବିକାଶକୁ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପରେ ଶିକ୍ଷାନବୀଶ ମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ। ଅପରାହ୍ନରେ ଜିଲ୍ଲା ସ୍କୁଲ ପରିଦର୍ଶନ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ମାନେ ମଧ୍ୟ ଶିକ୍ଷାନବୀଶ ମାନଙ୍କ ସହ ବାର୍ତାଳାପ କରି ସେମାନଙ୍କ ଅନୁଭୂତି, ଅଭିଜ୍ଞତା ଓ ଆଇଏଏସ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଜିଲ୍ଲାପାଳଙ୍କ ସହ ଉପସ୍ଥିତ ଥିଲେ। ଶିକ୍ଷାନବୀଶ ଶୁଭନ ଶର୍ମା, ଦୀପିକା ଗୌତମ, ଭାରତ ପ୍ରଦୀପ ଡି, ଏମଡି ତବିସ ହାସନ, ପନ୍ନା କରନ କୁମାର ମାନସୁଖଭାଇ, ଦେଶମୁଖ ରାଜଶ୍ରୀ ସାନ୍ତାରାମ, ରିତୁ ଯାଦବ,ପଟେଲ ଅମିତେଶ କମଲେଶ ଭାଇ, ମୁକିଲାନ ଆର, ଅରିବ ସାଙ୍ଘିର, ରାଣା ଦେ, ସଚିତ ସିଂ ଏହି ଗସ୍ତରେ ସାମିଲ ଅଛନ୍ତି। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଏହି ଗସ୍ତରେ ସହଯୋଗ କରୁଛନ୍ତି।

# ବାଲେଶ୍ୱର ବଇଁଚା ଯୁବ ସଂଗଠନର ମାଗଣା ସ୍ୱାସ୍ଥ୍ୟ ସେବା




ବାଲେଶ୍ୱର , ୧୨/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବଇଁଚା ପଞ୍ଚାୟତ ରେ ଯୁବ ସଂଗଠନର ସଭାପତି ତପନ କୁମାର ବେହେରା ଅଧ୍ୟକ୍ଷତାରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିରକୁ ଜିଲ୍ଲା ପରିଷଦରେ ସଭାପତି ଶ୍ରୀଯୁକ୍ତ ନାରାୟଣ କୁମାର ପ୍ରଧାନ ଫିତା କାଟି ଉଦଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଏଲାପାଠୀ , ହୋମିଓପାଥି, ଆୟୁର୍ବେଦିକ ଅଂଶଗ୍ରହଣ କରିଥିଲେ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସଙ୍ଗେ ସଙ୍ଗେ ଔଷଧ ବଣ୍ଟନ କରିଥିଲେ । ଏହି ଶିବିରରେ ବାଲେଶ୍ୱର ଜିଲ୍ଲାର ସଦର ବିଧାୟକ ମାନସ କୁମାର ଦତ୍ତ, ଗୌରାଙ୍ଗ ଦାସ , ପର୍ଶୁରାମ ବେହେରା , ସମାଜ ସେବୀ ଆଶ୍ରିତା ତରେଇ ସେକ୍ରେଟାରୀ ଧର୍ମେନ୍ଦ୍ର ରାଉତ ,ଉପଦେଷ୍ଟା ସୁବା ମୃତାର ,ସରପଞ୍ଚ ରବି ନାରାୟଣ ପ୍ରଧାନ,ସଞ୍ଜୀବ ବେହେରା ,ରମାକାନ୍ତ ମହାନ୍ତି , ତ୍ରିଲୋଚନ ମହାନ୍ତି, ଦୁର୍ଗା ପ୍ରସାଦ ମହାନ୍ତି , ଅନୁପ ଦାସ ,ଦିନେଶ ନାୟକ ପ୍ରମୁଖ ଯୁବ ସଂଗଠନର କର୍ମୀ ଯୁବକ ମାନେ ଉପସ୍ଥିତ ଥିଲେ।

# ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୧୨/୧୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ଜିପିଓ ଭାଗିରିଥି ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା. ସହକାରି ନିବାହି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଏପିଓ ସନ୍ତୋଷି ମହାପାତ୍ର, ସରପଂଚ ରୁକ୍ମଣି ଗାଦବାଙ୍କ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ରାସ୍ତା ମରାମତି, ରାସ୍ତା ନିର୍ମାଣ ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା ।

# ରାସ୍ତା କଡ଼ରେ ନିମ୍ନମାନର ହେଲମେଟ ବିକ୍ରି ଉପରେ ରୋକ ଲଗାଇବାକୁ ଦାବି

ଘଟଗାଁ, ୧୨/୧୧ (ନି.ପ୍ର): ରାସ୍ତା କଡ଼ ମାନଙ୍କରେ ନିମ୍ନମାନର ହେଲମେଟ ବିକ୍ରି ଉପରେ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ନିମ୍ନମାନର ହେଲମେଟ ବିକ୍ରି ବୃଦ୍ଧି ସହିତ ଉକ୍ତ ନିମ୍ନମାନର ହେଲମେଟ ବ୍ୟବହାର ମଧ ବଢିବାରେ ଲାଗିଛି। କାରଣ ହେଲମେଟ ଚେକିଂ ବେଳେ ପୋଲିସ ଓ ଆରଟିଓ ବିଭାଗର ଫାଇନ ରୁ ନିଜକୁ ବଂଚାଇବା ଲାଗି ବଜାରରେ ମିଳୁଥିବା ଶସ୍ତା ଓ ନିମ୍ନମାନର ହେଲମେଟ ପିନ୍ଧି ନିଜକୁ ଜୋରିମାନାରୁ ବଂଚାଇଥାନ୍ତି। ହେଲେ ଦୈବାତ ଯଦି ଦୁର୍ଘଟଣା ଘଟେ ତେବେ ଏହି ଶସ୍ତା ଓ ନିମ୍ନମାନର ହେଲମେଟ ସେମାନଙ୍କୁ ସେତେଟା ସୁରକ୍ଷା ଦେଇପାରି ନଥାଏ ବରଂ ନିମ୍ନମାନର ହେଲମେଟ ଆହରଣ ଦ୍ୱାରା ଦୁର୍ଘଟଣା ହେଲେ ଆଘାତ ଆହୁରି ଜଟିଳ ହେବାର ଆଶଙ୍କା ସୃଷ୍ଟି ହୁଏ, ତେଣୁ ଏଭଳି ନିମ୍ନମାନର ହେଲମେଟ ବିକ୍ରି ଓ ବ୍ୟବହାର ନିଷିଦ୍ଧ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ହେଲମେଟ ଏକ ଜୀବନ ରକ୍ଷାକାରୀ ଉପକରଣ ହୋଇଥିବା ବେଳେ ଏହାର ଗୁଣାତ୍ମକ ମାନରେ କୌଣସି ସାଲିସ କରାଯିବା ଅନୁଚିତ, ତେଣୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ହେଲମେଟ ବ୍ୟବହାର ଓ ବଜାର ମାନଙ୍କରୁ ନିମ୍ନମାନର ହେଲମେଟ ବିକ୍ରି ନିଷେଦ୍ଧ ଉପରେ କଠୋର ପଦକ୍ଷେପର ଆବଶ୍ୟକତା ରହୁଛି।

# ତମାଖୁ ମୁକ୍ତ ଅଭିଯାନ ୨.୦ର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ: ମୟୂରଭଞ୍ଜର ପ୍ରତ୍ୟେକଟି ଗାଁ ହେବ ଏବେ ତମାଖୁ ମୁକ୍ତ

ବାରିପଦା, ୧୨/୧୧ (ନି.ପ୍ର): ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମସ୍ତ ବିଶ୍ୱରେ ଚିନ୍ତାର କାରଣ ହୋଇଥିବା ବେଳେ ସାରା ରାଜ୍ୟରେ ବର୍ତ୍ତମାନ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨.୦ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଦିନ ଜିଲ୍ଲା ସ୍ୱାସ୍ଥ୍ୟ ଉପବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ତମାଖୁ ମୁକ୍ତ ଅଭିଯାନ ୨.୦ ପ୍ରଗତି ବୈଠକ ଅନୁଷ୍ଠିତ ହୋଇଅଛି। ଏହି ବୈଠକରେ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇଥିବା ଏବଂ ଆଗକୁ ହେବାକୁ ଥିବା ଏହି ସଚେତନତା ଅଭିଯାନର ସମସ୍ତ ପଦକ୍ଷେପ ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ପ୍ରଭାତ କୁମାର ବେହେରା ସମସ୍ତ ଉପସ୍ଥିତ ଅଧିକାରୀଙ୍କ ଅବଗତି ନିମନ୍ତେ ସୂଚନା ପ୍ରଦାନ କରିଥିଲେ। ତମାଖୁର ବ୍ୟବହାର କମ କରିବା ପାଇଁ ଜିଲ୍ଲାରେ ହୋଇଥିବା ଡ୍ରଗ ସଚେତନତା ଅଭିଯାନ ବିଷୟରେ ଆଲୋକପାତ କରା ଯାଇଥିଲା ଏବଂ ୨୦୨୨-୨୪ ମଧ୍ୟରେ ୪୭ଟି ସ୍କ୍ୱାର୍ଡ ଜିଲ୍ଲାରେ କାର୍ଯ୍ୟକାରୀ ହୋଇ ସମୁଦାୟ ୫୯୦୪୦ ଟଙ୍କା ଫାଇନ ଆଦାୟ ହୋଇଛି । ବିଭିନ୍ନ ସ୍ଥାନ ଯଥା, ସ୍କୁଲ, କଲେଜ, ସର୍ବସାଧାରଣ ସ୍ଥାନ, ପ୍ରତିଟି ପଂଚାୟତ ସମେତ ବର୍ତ୍ତମାନ ସୁଦ୍ଧା ୧୦ଟି ବ୍ଲକର ୧୧୭ ଜଣ ସରପଞ୍ଚଙ୍କୁ ଏହି ପ୍ରଶିକ୍ଷଣପ୍ରଦାନ କରାଯାଇଛି ଏବଂ ଆଗକୁ ମଧ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ସୂଚନାନୁସାରେ, ବର୍ତ୍ତମାନ ସୁଦ୍ଧା ୧୬୦ଟି ସ୍କୁଲରେ ଯୁବପିଢିଙ୍କ ମଧ୍ୟରେ ତମ୍ବାଖୁ ଜନିତ ସମସ୍ୟା ଓ ତହିଁରେ ସଚେତନତା ସୃଷ୍ଟି କରିବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ଶପଥ ପାଠ, ପ୍ରଶିକ୍ଷଣ ଜିଲ୍ଲା ସ୍ୱାସ୍ଥ୍ୟ ସଂଚାଳକଙ୍କ ଦ୍ୱାରା ଦିଆ ଯାଉଛି। ଜିଲ୍ଲାର ୨୦ ଗାଁ ମାନଙ୍କୁ ତମାଖୁ ମୁକ୍ତ କରାଯିବ ଏବଂ ତହିଁରେ ୩୦ରୁ ଉର୍ଦ୍ଧ୍ୱ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ପ୍ରଚାର ପ୍ରସାର କରିବାର ଯୋଜନା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଛି। ସୂଚନା ଥାଉକି, ଚଳିତ ବର୍ଷ ଆରମ୍ଭ ହୋଇଥିବା ତମାଖୁ ମୁକ୍ତ ଅଭିଯାନ ୨.୦ ସେପ୍ଟେମ୍ବର ୨୪ ରୁ ଆରଂଭ ହୋଇଛି ଏବଂ ଏହା ୨୪ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ତେଣୁ ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ସୋସିଆଲ ମିଡ଼ିଆକୁ ଏକ ବୃହତ ଆଧାର କରା ଯାଇଛି, ଯାହା ଫଳରେ ଅଧିକରୁ ଅଧିକ ଜନସାଧାରଣଙ୍କ ପାଖରେ ଏହି ବାର୍ତ୍ତା ପହଂଚାଇବା ପାଇଁ ଲକ୍ଷ୍ୟ ରଖା ଯାଇଛି। ଏହି ପ୍ରାବଧାନ ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ପୋଲିସ ପ୍ରଶାସନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ଶିକ୍ଷା, ଗୃହ ଏବଂ ନଗର ଉନ୍ନୟନ, କ୍ରୀଡା ଏବଂ ଯୁବ ବ୍ୟାପାର, ଆଦିବାସୀ କଲ୍ୟାଣ ବିଭାଗ ସମସ୍ତଙ୍କୁ ନେଇ ଏହି ତମାଖୁ ମୁକ୍ତ ଅଭିଯାନ ୨.୦ର ସଂଚାଳନ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ସଚେତନତା ମାରାଥନ, ରାଲି, ରେଡ଼ିଓ ବାର୍ତ୍ତା , ଲୋକକଳା, ଚିତ୍ର ପ୍ରଦର୍ଶନୀ, ସୋସିଆଲ ମିଡ଼ିଆ ପ୍ରଚାର ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ତମାଖୁ ବର୍ଜନ ବିଷୟରେ ଜନସଚେତନତା ଜାରି କରା ଯିବ। ଜାତୀୟ ତମାଖୁ ନିୟନ୍ତ୍ରଣ ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନ ଶୃଙ୍ଖଳା ପରିପ୍ରେକ୍ଷୀରେ ଏହି ଅଭିଯାନକୁ ସଫଳ କରିବା ପାଇଁ ଗଣମାଧ୍ୟମ ଏବଂ ଲୋକ ସମ୍ପର୍କର ବିଶେଷ ଆବଶ୍ୟକତା ଅଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ କହିଥିଲେ। ଏହି ବୈଠକକୁ ଶ୍ରୀ ନିହାର ରଞ୍ଜନ ପୃଷ୍ଟି ସଂଚାଳନ କରିଥିବା ବେଳେ, ଅତିରିକ୍ତ ଚିକିତ୍ସାଧିକାରୀ ଡଃ ଜ୍ଞାନେନ୍ଦ୍ର ମହାନ୍ତି, ଡଃ ଶାନ୍ତନୁ କୁମାର ଦାଶ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ନିର୍ବାହୀ ଅଧିକାରୀ ସୁଶ୍ରୀ ଶୁଭଶ୍ରୀ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଚ୍ଛାୟତ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣଚନ୍ଦ୍ର ସେଠୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ମାନେ ଉପସ୍ଥିତ ଥିବାର ସୂଚନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ।

# କପ୍ତିପଦା ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ



କପ୍ତିପଦା, ୧୨/୧୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ବଡଖଲାଡି ପଞ୍ଚାୟତରେ ଥିବା ଜବାହରଲାଲ ଉଚ୍ଚ ବିଦ୍ୟାଳୟ ପରିସରରେ କପ୍ତିପଦା ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଜ୍ଞାନମେଳାର ଉଦଘାଟକ ଥିଲେ ତୃତୀୟ ଶ୍ରେଣୀରେ ବୃତ୍ତି ପାଇଥିବା ଶରତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର କୁମାର ଆଦିତ୍ୟ ସାଇକ୍ରିଷ୍ଣା ପାତ୍ର । ଏହି ଅବସରରେ ବିଇଓ ଦୀପକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବିଡିଓ ସିଦ୍ଧେଶ୍ୱର ନାୟକ, ମୁଖ୍ୟବକ୍ତାଭାବେ ଶାମାଖୁଣ୍ଟାର ବରିଷ୍ଠ କୃଷି ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ବିଇଓ ଲକ୍ଷ୍ମୀଧର ସିଂ, ସାଂଗଠନିକ ସଂପାଦକ ନିରଂଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ମାତ୍ର କପ୍ତିପଦା ବ୍ଲକର ମୋଟ ୨୬ଗୋଟି ଗ୍ରାମ ପଞ୍ଚାୟତ । ସେଥିମଧ୍ୟରୁ ୯ଗୋଟି ଗ୍ରାମ ପଞ୍ଚାୟତ କରଂଜିଆ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଛି । ମାତ୍ର ସୌଜନ୍ୟତା ଦୃଷ୍ଟିରୁ କରଂଜିଆ ବିଧାୟକ ପଦ୍ମଚରଣ ହାଇବୁରୁଙ୍କୁ ଉକ୍ତ ବିଜ୍ଞାନମେଳା ପାଇଁ ନିମନ୍ତ୍ରଣ କାର୍ଡଟିଏ ଆୟୋଜକଙ୍କ ତରଫରୁ ପ୍ରଦାନ କରାଗଲା ନାହିଁ । ଫଳରେ ସେହି ୯ଗୋଟି ପଞ୍ଚାୟତ ଅଞ୍ଚଳରେ ଥିବା ବିଦ୍ୟାଳୟମାନଙ୍କର ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟ/ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ଅତୀତରେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଜ୍ଞାନମେଳାରେ ବ୍ଲକର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କର ଯୋଗଦାନ ରହୁଥିଲା । ମାତ୍ର ଚଳିତଥର ବରିଷ୍ଠ ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କୁ ଅଣଦେଖା କରାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନଙ୍କ ଠାରୁ ୩୫୦ଟଙ୍କା ରୁ ଆରମ୍ଭ କରି ୨୧୦୦ଟଙ୍କା ପର୍ଯ୍ୟନ୍ତ ଚାନ୍ଦା ଆଦାୟ କରାଯାଇଥିଲେ ମଧ୍ୟ ବିଜ୍ଞାନମେଳାର କାର୍ଯ୍ୟକ୍ରମ ସେହିଭଳି ଆଖିଦୃଶିଆ ହୋଇନଥିଲା । ମୋଟ ୧୬୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ସେଥିମଧ୍ୟରୁ ୭୨ଟି ପ୍ରାଥମିକ ବିଦ୍ୟାଳୟ ସ୍ତରରେ,୪୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଓ ୪୫ଟି ହାଇସ୍କୁଲ ସ୍ତରରେ । ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ ଅଶ୍ୱିନୀ କୁମାର ବେହେରା, ଜୟନ୍ତ କୁମାର ଛାଟିଆ, ବିଜୟ ପାଣିଗ୍ରାହୀ, ଗରିଜାଶଙ୍କର ପାତ୍ର, ଦୀପକ ପୃଷ୍ଟି ଓ ପ୍ରତ୍ୟୁଷା ମଂଜରୀ ବେହେରା । ଉଦଯାପିତ କରିଥିଲେ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିବା ପରାଶବଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମିତାଞ୍ଜଳୀ ବେହେରା । ବିଇଓ ଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉଦଯାପନୀ ସଭାରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ,ମୁଖ୍ୟବକ୍ତାଭାବେ ବରିଷ୍ଠ ଚର୍ମରୋଗ ବିଶେଷଜ୍ଞ ଡାକ୍ତର ମାନସ ରଂଜନ ପୁହାଣ, ସମ୍ମାନିତ ଅତିଥିଭାବେ ବିଆରସିସି ଘନଶ୍ୟାମ ସିଂ,ଅତିରିକ୍ତ ବିଇଓ ଅକ୍ଷୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ସମ୍ମାନିତ ହେଲେ ଧୀର ବସା



ବାରିପଦା , ୧୨/୧୧ (ନି.ପ୍ର): ଓଡିଶା ନାଟକ ଜଗତର ଅନ୍ୟତମ ଚର୍ଚ୍ଚିତ ଚେହେରା ଧୀର ବସା ଓ ୧୯୭୦ ରୁ ନାଟକ ସହିତ ଜଡିତ ହୋଇ ସେ ଆଉ ପଛକୁ ଫେରିନାହାନ୍ତି ଓ ନିକଟ ଅତୀତରେ ବାଲେଶ୍ୱର ସ୍ଥିତ ଗାନ୍ଧୀସ୍ମୃତି ଭବନରେ ନାୟିକା ଅନୁଷ୍ଠାନ ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ନାଟକ ମହୋତ୍ସବରେ ଶ୍ରୀ ବସାଙ୍କୁ 'ନାୟିକା ବାଲେଶ୍ୱର ସମ୍ମାନ' ରେ ସମ୍ମାନିତ କରାଯାଇଛି ଓ ଖବର ପାଇବା ପରେ ବିଭିନ୍ନ ମହାଲରୁ ତାଙ୍କ ପାଇଁ ଅଭିନନ୍ଦନ ର ସୁଅ ଛୁଟିଛି ଓ ପ୍ରକାଶ ଥାଉକି ଶ୍ରୀ ବସା ୧୦୦ ରୁ ଅଧିକ ନାଟକରେ ଅଭିନୟ କରିବା ସହ ୧୫୦ ରୁ ଉର୍ଦ୍ଧ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି ଓ ଭୁବନେଶ୍ୱର ଦୂରଦର୍ଶନ ଓ କଟକ ଆକାଶବାଣୀର ସେ ଜଣେ ସ୍ୱୀକୃତି ପ୍ରାପ୍ତ କଳାକାର ଓ ଶ୍ରେଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ଭାବେ ସେ ବହୁବାର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଛନ୍ତି ଓ ତନ୍ମଧ୍ୟରୁ ୨୦୧୫ ମସିହାରେ ଓଡିଶା ସରକାରଙ୍କ ଠାରୁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ଓ ୨୦୧୮ ମସିହାରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଭୂମିପୁତ୍ର ସମ୍ମାନ ଉଲ୍ଲେଖନୀୟ ।

# ମହାକାର୍ତ୍ତିକରେ ହରି କଥା ଆୟୋଜିତ

ବାଲେଶ୍ୱର, ୧୨/୧୧ (ନି.ପ୍ର): ବାଲେଶ୍ୱର ମିର୍ଜାପୋଖରୀ ମିଶ୍ର ସାହି ଶିବ ମନ୍ଦିର ନିକଟରେ ଏକ ଦିବସୟ ହରି କଥା ଆୟୋଜିତ ହୋଇଯାଇଛି । ଏହି ହରିକଥା କୁ ମନ୍ଦିର କମିଟି ର ଆବାହକ ଡକ୍ଟର ଗୌର ସାଧନ ମିଶ୍ର ଉଦଘାଟନ କରିଥିଲେ। ସନ୍ଧ୍ୟା ସାତ ଘଟିକା ରୁ ପ୍ରବଚକ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ପ୍ରବଚନ ଦେଇଥିଲେ । ସେ ତାଙ୍କ ପ୍ରବଚନ ରେ ଅନ୍ୟ ମାସ ସହିତ ମହା ଯୋଡ଼ା ନ ହୋଇ ମହା କାର୍ତ୍ତିକ କାହିଁକି କୁହାଯାଏ, କାର୍ତ୍ତିକ ମାହାତ୍ମ୍ୟ, କାର୍ତ୍ତିକ ମାସରେ ଦାନ ର ମହତ୍ୱ ଶ୍ରୋତା ମାନଙ୍କୁ ବୁଝାଇ ଥିଲେ । ଏହି ପୁଣ୍ୟ କାର୍ଯ୍ୟକ୍ରମ କୁ ଶ୍ରୀ ଗୌର ସୁନ୍ଦର ମିଶ୍ର, ଶ୍ରୀ ବୀରେନ୍ଦ୍ର କର, ବିଶ୍ୱ ଭୂଷଣ ମହାନ୍ତି, ମିଲି ପଣ୍ଡା ଓ ନିହାରିକା ନାୟକ ପରିଚାଳନା କରିଥିଲେ । ପ୍ରବଚନ ଶେଷରେ ସମସ୍ତ ଙ୍କୁ ପ୍ରସାଦ ବଣ୍ଟନ କରା ଯାଇଥିଲା ।

# କେନାଲ ଘାଟ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

ବାଲିଆପାଳ , ୧୨/୧୧ (ନି.ପ୍ର): ବାଲିଆପାଳ ବ୍ଲକ ସାଉଡି ପଞ୍ଚାୟତ ସାଉଡି ଗ୍ରାମ ଠାରେ ଏକ କେନାଲ ଘାଟ ନିର୍ମାଣ ପାଇଁ ଗ୍ରାମ ବାସୀ ଓ ପଞ୍ଚୁକ ବ୍ରତଧାରୀ ମହିଳା ମାନେ ମଙ୍ଗଳ ବାର ଦାବି କରିଛନ୍ତି । ବିଶିକା ଦେଇପୁର, ବୁଢ଼ି ରାଣୀ, ହନୁମାନ ଛକ ଆଦି ସ୍ଥାନର ମହିଳା ମାନେ ପ୍ରତିବର୍ଷ ପଞ୍ଚୁକ ବ୍ରତ ପାଇଁ ଏହି ଠାରେ କେନାଲ ରେ ବୁଡ଼ ପକାଇବା ସହିତ ବାଲୁକା ପୂଜା କରିଥାନ୍ତି ।ପ୍ରାୟେ ଦଶ ବର୍ଷ ହେବ ସେମାନେ ପଞ୍ଚୁକ ବ୍ରତ ପାଳନ କରି ଆସୁଛନ୍ତି ।ଗ୍ରାମର ବାଚସ୍ପତି ମଲ୍ଲିକ, ପରେଶ ଚନ୍ଦ୍ର ମଲ୍ଲିକ, ଜନ୍ମେଜୟ ମଲ୍ଲିକ, ମିତିକା ମଲ୍ଲିକ, ଗିରିଧାରୀ ମଲ୍ଲିକ ପ୍ରମୁଖ ଏଠାରେ ପକ୍କା ଘାଟ ନିର୍ମାଣ ପାଇଁ ସରକାରଙ୍କ ତଥା ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବିର୍ଲା ଟାୟାର୍ସର ମିଳିତ ଶ୍ରମିକ ସଂଗଠନ ଶାନ୍ତିପୂର୍ଣ୍ଣ ଧାରଣା



ବାଲେଶ୍ୱର : ବାଲେଶ୍ୱର ଜିଲ୍ଲାର ଥିବା ବିର୍ଲା ଟାୟାର୍ସ କମ୍ପାନୀ ର ମିଳିତ ଶ୍ରମିକ ସଂଗଠନ ବିର୍ଲା ଟାୟାର୍ସ ଫାଟକ ସମ୍ମୁଖରେ ୫ ତାରିଖରୁ ସକାଳ ୫ଘଟିକା ଠାରୁ ଶାନ୍ତି ପୂର୍ଣ୍ଣ ଧାରଣାକୁ ଚାଲୁ ରଖିଛନ୍ତି , ସେକ୍ରେଟାରୀ ସତ୍ୟ ନାରୟଣ ଆଚାର୍ଯ୍ୟ ନେତୃତ୍ୱରେ ୮ଟି ଶ୍ରମିକ ସଂଗଠନ ମିଳିତ ଭାବରେ ବିର୍ଲା ଟାୟାର୍ସ ଫାଟକ ସମ୍ମୁଖରେ ୫ ତାରିଖରୁ ସକାଳ ୫ଘଟିକା ଠାରୁ ଶାନ୍ତି ପୂର୍ଣ୍ଣ ଧାରଣାକୁ ଚାଲୁ ରଖିଛନ୍ତି । ଶ୍ରମିକ ମାନେ ଦିନ ରାତି , ଶୀତ ଓ କାକର , ଖରା କୁ ନ ଡ଼ରି ରୋଷେଇ ବାସ କରି ଖାଇ ବସିଛନ୍ତି । ପ୍ରଶାସନ ଏ ପର୍ଯ୍ୟନ୍ତ ସମସ୍ୟା ସମାଧାନ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାଁନ୍ତି । ଶ୍ରମିକ ମାନଙ୍କ ଦାବି ହେଉଛି ଯେତେକ ପୁରୁଣା ଶ୍ରମିକ ଙ୍କୁ ଥଇଥାନ କରିବା । ତାପରେ ସରକାର ଅନ୍ୟ ପିଲାଙ୍କୁ ନିଯୁକ୍ତି ଦେବେ ଓ ସରକାର ଯଦି ୫୦ ବର୍ଷ ଭିତରେ ପିଲାଙ୍କୁ ନିଯୁକ୍ତି ଦେବେ ଅନ୍ୟ ମାନଙ୍କୁ ବଡ ଦେବେ ତେବେ ସେମାନେ ଜୀବନ ଜୀବିକା ପାଇଁ ସେମାନଙ୍କ ପ୍ରାପ୍ୟ ଆକାର ରେ ଟଙ୍କା ସରକାର ଦିଅନ୍ତୁ ଯଦି ସରକାର କିମ୍ବା ପ୍ରଶାସନ ଏସବୁ ପ୍ରତି କର୍ଣ୍ଣ ପାତ ନକରନ୍ତି ତେବେ ୮ଟି ଯାକ ଶ୍ରମିକ ସଂଗଠନ ମିଳିତ ଭାବରେ ବିର୍ଲା ଟାୟାର୍ସ ଫାଟକ କୁ ତାଲା ପକାଇ ବନ୍ଦ କରିବା ଓ ସହର ର ରାଜ ରାସ୍ତାକୁ ଅଚଳ କରି ଦେବେ ଯାହା ସମସ୍ୟା ଦେଖା ଦେବ ସେଥିପାଇଁ ସରକାର ଓ ପ୍ରଶାସନ ଉଭୟ ଦାୟୀ ରହିବେ। ଏହି ଧାରଣାରେ ସାଧାରଣ ସମ୍ପାଦକ ଶିବ ପ୍ରସାଦ ଦାସ , ଏସ କେ ମୋଇଜୁଦ୍ଦିନ୍ ହିନ୍ଦମଜଦୂର୍ ସଙ୍ଘ ସମ୍ପାଦକ , ଲକ୍ଷ୍ମୀ ନାରାୟଣ ଜେନା , ପ୍ରଦୀପ କୁମାର ଆଶ , ସୁଦେଶ ମହାରଣା , ଚନ୍ଦ୍ର କାନ୍ତ ମାଝି , ମନୋରଞ୍ଜନ ପ୍ରଧାନ ଶିଶିର ବେହେରା , ଶରତ ଦାସ , ପ୍ରମୁଖ ଶ୍ରମିକ ଉପସ୍ଥିତ ଥିଲେ।

# ପିଆଇବି ଓ ସିବିସି ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କର୍ମଶାଳା

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ରସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି) ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହାର ଅଂଶବିଶେଷ ସ୍ୱରୂପ, ଦୁର୍ନୀତି ନିବାରଣ ଉପରେ ଏକ ସ୍ୱତନ୍ତ୍ର ଜ୍ଞାନ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ଦୁର୍ନୀତି ନିବାରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କାର୍ଯ୍ୟସ୍ଥଳୀରେ ଅସତ୍ ଆଚରଣକୁ ରୋକିବା ଏବଂ ସ୍ୱଚ୍ଛତା ଓ ନୈତିକ ଅଭ୍ୟାସ ଆଚରଣ କରିବା ଉପରେ ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଇଏଏସ ପ୍ରଦୀପ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋର ନିର୍ଦ୍ଦେଶକ ଡକ୍ଟର ଗିରିଶ ଚନ୍ଦ୍ର ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

## ଯାତରାର ନାମ ବାଲିଯାତ୍ରା...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଅନେକ ଥାନ୍ତି ବାଲିଯାତ୍ରାରେ ସାଙ୍ଗସାଥିଙ୍କ ମେଳରେ କ'ଣ ଟିକିଏ ଭଲ ଜିନିଷ ଖାଇବାକୁ, ଘର ପାଇଁ କଣ ଟିକିଏ କିଣିବାକୁ ଆଉ ପ୍ରେମୀଯୁଗଳଙ୍କ ପ୍ରେମ ସନ୍ତକ ମଧ୍ୟ ସବୁଦିନର ଏହି ନିର୍ଜନ ପଡ଼ିଆ ବାଲିଯାତ୍ରାର ଘୋ ଘା ଭିତରେ ପ୍ରଥମ ସ୍ମୃତିକୁ ଟାଣି ନେଇଯାଏ କିଛି କ୍ଷଣ। କେବଳ ସେତିକି ନୁହେଁ ଘରେ ବାପାମାଆଙ୍କ ପାଇଁ ତାଙ୍କ ମନ ପସନ୍ଦର ବି ଜିନିଷ କିଣାଯାଏ ଆଉ ଘରର ଆଦରର କୁନି କୁନି ପିଲାଙ୍କ ପାଇଁ ମଧ୍ୟ ବାପା ମାଆ ମାନେ ଖୋଜି ଖୋଜି କିଣିଥାନ୍ତି ସତରେ ବାଲିଯାତ୍ରା ପରି ଏପରି ବିଶାଳ ମହା ପାର୍ବଣର ଏକ ଯାତ୍ରା ଭାରତରେ କ'ଣ ସମଗ୍ର ବିଶ୍ୱରେ ବିରଳ। ସବୁଦିନ ଶୂନଶାନ ପରି ମୁକ ପାଲଟି ଯାଉଥିବା ନଈକୂଳର ଏହି ବାଲି କଣିକା ପାଖାପାଖି ବାଲିଯାତ୍ରା ପୂର୍ବ ଓ ପରକୁ ମିଶାଇ ଦେଲେ ପନ୍ଦର ଦିନରୁ ଉର୍ଦ୍ଧ୍ୱ ଘୋ ଘାରେ ଫାଟି ପଡ଼େ। ଏକ ନିଆରା ଅନୁଭବ ନେଇ ବାଲିଯାତ୍ରା ସଦର୍ପେ ନଈପଠାରେ ସୁନ୍ଦରୀ ସାଜିଛି । ଖାଲି ଖାଲି ଲାଗୁଥିବା ମହାନଦୀର ଏହି ନିର୍ଜନ ପଠା ଜୀବନ ଜୀବିକାକୁ ନେଇ ବେଶ୍ ବ୍ୟସ୍ତବହୁଳ । ରଙ୍ଗବେରଙ୍ଗ ଆଲୋକର ମେଖଳା ଭିତରେ ଦୂର ଅତୀତର ଗୌରବମୟ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବିଜଡ଼ିତ ପଦଚିହ୍ନ ବେଶ୍ ଭାବଗର୍ଭକ । ସାଧବପୁଅଙ୍କୁ ସମଗ୍ର ବିଶ୍ୱରେ ନିଜ ମାଟି ମାକୁ ସମ୍ମାନର ସହ ପ୍ରତିଷ୍ଠିତ କରିବା ପାଇଁ ଯେଉଁ ମହାନ୍ ବ୍ୟକ୍ତିତ୍ୱଙ୍କର ଅବଦାନକୁ ସମସ୍ତେ ବିନମ୍ରତାର ସହ ସ୍ମୃତି ଚାରଣ କରିଥାନ୍ତି, ସେ ହେଉଛନ୍ତି ଏ ଜାତିର ମଉଡ଼ମଣି କଳିଙ୍ଗବୀର ବିଜୁବାବୁ । ସେଥିପାଇଁ ଅନେକ ବି କହନ୍ତି, ବାଲିଯାତ୍ରା ସହ ବିଜୁବାବୁଙ୍କ ସମ୍ପର୍କ ଥିଲା ବେଶ୍ ନିବିଡ଼। ଇଣ୍ଡୋନେସିଆର ଭୂମିପୁତ୍ର ଭାବେ ନିଜକୁ ତଥା ନିଜ ଜାତିର ଗୌରବାନ୍ୱିତ କରିଥିବା ଏଇ ତୁଙ୍ଗ ବ୍ୟକ୍ତିତ୍ୱଙ୍କ ପାଖରେ ଏ ବାଲିଯାତ୍ରା ଅବସରରେ ଯାତ୍ରୀମାନେ ଭକ୍ତିପୂତ ଭାବରେ ନିଜର ମଥାନତ କରିଥାନ୍ତି ।

ତୁଳସୀପୁର, କଟକ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଥାନାରେ ପ୍ରତିରକ୍ଷା ...

ମାର୍ଚ୍ଚ ୨୦୨୫ ସୁଧା ରାଜ୍ୟର ସମସ୍ତ ପୁଲିସ ଫାଣ୍ଡିରେ ସିସିଟିଭି କ୍ୟାମେରା ଲଗାଯିବ ବୋଲି ପୁଲିସ ମୁଖ୍ୟାଳୟ ଏଡିଜିପି ଦୟାଲ ଗଙ୍ଗୱାର ବ୍ୟକ୍ତିଗତ ଭାବେ ହାଜର ହୋଇ ତଥ୍ୟ ରଖିଛନ୍ତି। ସେପଟେ ପ୍ରତିରକ୍ଷା କର୍ମଚାରୀଙ୍କୁ ଥାନାରେ କିପରି ବ୍ୟବହାର କରାଯିବ ସେନେଇ ଝଙଚ ପ୍ରସ୍ତୁତ ହୋଇଥିବା ହାଇକୋର୍ଟରେ ତଥ୍ୟ ଉପସ୍ଥାପନ କରିଛନ୍ତି ରାଜ୍ୟ ସରକାର। ଝଙଚ ଅନୁସାରେ କୌଣସି ଥାନାକୁ କିମ୍ବା ଫାଣ୍ଡିକୁ ପ୍ରତିରକ୍ଷା କର୍ମଚାରୀ ଅଭିଯୋଗ ନେଇ ଆସିଲେ ଉପସ୍ଥିତ ଥିବା ପୁଲିସ ଅଧିକାରୀ ତାଙ୍କ ଅଭିଯୋଗ ଶୁଣିବେ। ଆଇନ୍ ଅନୁଯାୟୀ ତୁରନ୍ତ ପଦକ୍ଷେପ ନେବେ। ଯଦି କେହି ମୌଖିକ ଭାବେ ଅଭିଯୋଗ କରିବେ ତାକୁ ମଧ୍ୟ ଗୁରୁତ୍ୱ ଦେଇ ଅଭିଯୋଗକୁ ନିଜେ ଲେଖିବେ। ଅଭିଯୋଗକାରୀଙ୍କ ଦସ୍ତଖତ ରଖିବେ। ଆବଶ୍ୟକୀୟ ପଦକ୍ଷେପ ନେବେ। କିନ୍ତୁ ଲିଖିତ ଅଭିଯୋଗ କରିବାକୁ ତାଙ୍କୁ ବାଧ କରିପାରିବେ ନାହିଁ ବୋଲି ଏସ୍ଓପିରେ କୁହାଯାଇଛି। ଏସ୍ଓପିରେ ଆହୁରି କୁହାଯାଇଛି, କୌଣସି ପ୍ରତିରକ୍ଷା କର୍ମଚାରୀଙ୍କ ବିରୋଧରେ ଅପରାଧୀକ ମାମଲାକୁ ନେଇ ଗିରଫ କରିବାର ଆବଶ୍ୟକତା ଥିଲେ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ତାଙ୍କୁ ଗିରଫ କରାଯାଇପାରିବ ନାହିଁ। ଏପରି ପରିସ୍ଥିତିରେ ନିକଟତମ ଷ୍ଟେସନ କମାଣ୍ଡର ବା ମେଜର ଜେନେରାଲଙ୍କ ଅନୁମତି ଲୋଡିବେ ସମ୍ପୃକ୍ତ ପୁଲିସ ଅଧିକାରୀ। ତେବେ ଷ୍ଟେସନ କମାଣ୍ଡର ବା ମେଜର ଜେନେରାଲଙ୍କ ଅନୁମତି ନମିଳିଲେ ସମ୍ପୃକ୍ତ ଅଭିଯୁକ୍ତ ପ୍ରତିରକ୍ଷା କର୍ମଚାରୀଙ୍କୁ ମିଲିଟାରୀ ପୁଲିସକୁ ହସ୍ତାନ୍ତର କରିବାକୁ କୁହାଯାଇଛି। ଅନ୍ୟପଟେ ହତ୍ୟା, ଦୁଷ୍କର୍ମ ଓ ଅପହରଣ ଭଳି ଅପରାଧ କ୍ଷେତ୍ରରେ ସମ୍ପୃକ୍ତ ପ୍ରତିରକ୍ଷା କର୍ମଚାରୀଙ୍କୁ ଗିରଫ କରିବାକୁ ଅନୁମତିର ଆବଶ୍ୟକତା ନାହିଁ ବୋଲି ଏସ୍ଓପିରେ ସ୍ପଷ୍ଟ ହୋଇଛି।

### ଓଡ଼ିଆ ଅଭିନେତା ...

ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ଘଟଣାର ତଦନ୍ତ କରୁଛି। ମନୋଜ ମିଶ୍ରଙ୍କ ମନ୍ତବ୍ୟ ନେଇ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର କହିଛନ୍ତି, ଓଡ଼ିଶା ଫିଲ୍ମ ଇଣ୍ଡଷ୍ଟ୍ରିକୁ ୮୮ ବର୍ଷ ହେଲାଣି। ଓଡ଼ିଶାରେ କେତେ ବଡ଼ବଡ଼ ନିର୍ଦ୍ଦେଶକ ଥିଲେ। ନିତେଇ ପାଲିତଙ୍କଠାରୁ ଆରମ୍ଭ କରି ହେମନ୍ତ ଦାସ, ହର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ, ମନମୋହନ ମହାପାତ୍ର ପର୍ଯ୍ୟନ୍ତ। ସେମାନେ କେତେ ବଡ଼ବଡ଼ ଫିଲ୍ମ ଦେଇଯାଇଛନ୍ତି। ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସେହି ସବୁ ଫିଲ୍ମ ନାଁ କରିଛି। ଆମମାନଙ୍କର ମଧ୍ୟ ଫିଲ୍ମ ଲାଇନ୍‌ରେ ୫୦ ବର୍ଷ ହୋଇଗଲାଣି। ଏହା ପରେ ମଧ ସେ(ମନୋଜ ମିଶ୍ର) ବିଭିନ୍ନ ସମୟରେ କହି ଚାଲିଛନ୍ତି ଓଡ଼ିଶାରେ ଭଲ ନିର୍ଦ୍ଦେଶକ ନାହାନ୍ତି। ଏଭଳି ମନ୍ତବ୍ୟ ଦେବା ନିଶ୍ଚିତ ଅରଚୁକର। ତା'ପରେ ସେ ଯେଉଁଭଳି ଢଙ୍ଗରେ ମନ୍ତବ୍ୟ ଦେଉଛନ୍ତି, ତାହା ଅତି ନିମ୍ନମାନର। ଯାହା ଆମ ସମସ୍ତଙ୍କୁ କ୍ଷୁବ୍ଧ କରିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସେ ଆହୁରି କହିଛନ୍ତି, କୋଭିଡ୍ ପରେ ଓଡ଼ିଶା ଫିଲ୍ମ ଇଣ୍ଡଷ୍ଟ୍ରିରେ ବହୁତ ବଡ଼ ପରିବର୍ତ୍ତନ ହୋଇଛି। ଏବେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ନେଇ ବହୁତ ଭଲ ଫିଲ୍ମ ତିଆରି ହେଲାଣି। ତାହାଭିତରୁ କିଛି ଫିଲ୍ମ ଭଲ ବିଜନେସ୍ ମଧ କରୁଛି। ହେଲେ ସିଏ ଯେଉଁଭଳି ଢ଼ଙ୍ଗରେ କହୁଛନ୍ତି, ତାକୁ ନେଇ ଲୋକଙ୍କ ଭିତରେ ଗୋଟିଏ ଅଲଗା ଭାବନା ସୃଷ୍ଟି ହେଉଛି। ଲୋକେ ଭାବିବେ ଫିଲ୍ମ ଇଣ୍ଡଷ୍ଟ୍ରିରେ କାହା ସହିତ କାହାର ପଡୁନି, ଏମାନେ ଭଲ ଫିଲ୍ମ ତିଆରି କରୁନାହାନ୍ତି।

### ଜୟ ନାରାୟଣଙ୍କ କଟାକ୍ଷ: 'ବିଜେଡିର ....

ସେ ଆହୁରି କହିଛନ୍ତି, ବିଜେଡିରେ ନେତୃତ୍ୱ କାହିଁ? ଏଥିପାଇଁ ବିଜେଡିର ୨୪ ବର୍ଷ ଶାସନ କାଳରେ ଲିଜ୍‌ରେ ଚାଲିଥିଲା। କେତେବେଳେ ପ୍ୟାରୀ ବାବୁ ବିଜେଡିକୁ ଲିଜ୍‌ରେ ନେଇଥିଲେ ତ ଆଉ କେତେବେଳେ ପାଣ୍ଡିଆନ ଲିଜ୍‌ରେ ନେଇଥିଲେ। ବିଜେଡି ଶାସନ କାଳରେ କର୍ମୀଙ୍କ କଥା ରହିଲା ନାହିଁ। ଏବେ ସ୍ୱପ୍ନ ଦେଖୁଛନ୍ତି, ଦେଖନ୍ତୁ, ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ। ଜୟନାରାୟଣଙ୍କ ମନ୍ତବ୍ୟ ଉପରେ ବିଜେଡିର କୌଣସି ପ୍ରତିକ୍ରିୟା ମିଳିନାହିଁ। ସୂଚନାଯୋଗ୍ୟ, ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବେ। ଓଡ଼ିଶାର ଲୋକେ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ପ୍ରସ୍ତୁତ ହେଲେଣି। କେନ୍ଦ୍ରାପଡ଼ା ମହାକାଳପଡ଼ାରେ ଆୟୋଜିତ ଏକ ଦଳୀୟ ସଭାରେ ଏଭଳି ଦମ୍ଭୋକ୍ତି ଦେଖାଇଥିଲେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ।

### ରକ୍ତମୁଖା ଇସ୍ରାଏଲ: ଲେବାନନ...

ଇସ୍ରାଏଲ, ଖାସ୍ ଏହି ଆଇରନ୍ ଡୋମ୍ ପାଇଁ। ଏବେ କିନ୍ତୁ ଏହାକୁ ନେଇ ପ୍ରଶ୍ନ ଉଠିଛି, ଯେତେବେଳେ ହିଜବୁଲ୍ଲାର କ୍ଷେପଣାସ୍ତ୍ରକୁ ମାତ୍ ଦେବାରେ ବିଫଳ ହୋଇଛି ଆଇରନ ଡୋମ। ଆଇରନ୍ ଅର୍ଥାତ୍ ଲୁହା ଓ ଡୋମ୍, ଅଥାତ୍ ଅର୍ଦ୍ଧବୃତ୍ତାକାର ଏକ ଆବରଣ। ଯାହା ଭିତରୁ ଶକ୍ତିଶାଳୀ ମିଜାଇଲ ଉତକ୍ଷେପଣ ହୋଇଥାଏ। ଇସ୍ରାଇଲ କମ୍ପାନୀ ରାଫେଲ ଡିଫେନ୍ସ ଏହାର ନିର୍ମାତା। ଇସ୍ରାଏଲ ଉପରେ ଲେବାନନ ୧୬୫ରୁ ଅଧିକ ମିଜାଇଲ ଆକ୍ରମଣ କରିଥିଲା। ଯେଉଁଥିରେ କିଛି ମିଜାଇଲକୁ ମାତ୍ ଦେବାରେ ଆଇରନ ଡୋମ ସଫଳ ହୋଇଥିବା ବେଳେ ଅନେକ କ୍ଷେପଣାସ୍ତ୍ରକୁ ଚେକ୍ ଦେଇପାରିନାହିଁ। ଏହି ଆଇରନ ଡୋମ ଶତ୍ରୁ ପକ୍ଷର କ୍ଷେପଣାସ୍ତ୍ରକୁ ଚିହ୍ନଟ କରି ଏହାକୁ ବାୟୁ ମାର୍ଗରେ ନଷ୍ଟ କରି ଦେଇଛି। ଆଇରନ୍ ଡୋମର ସବୁଠାରୁ ଭୟଙ୍କର ହେଉଛି ଏହି ତାମିର ମିଜାଇଲ । ଯେତେବେଳେ ସେ ଶତ୍ରୁପକ୍ଷର ମିଜାଇଲକୁ ନିଜ ଆଖ ପାଖରେ ଦେଖେ। ତେବେ ସେ ନିଜ ଭିତରୁ ବାହାରୁଥିବା ଇଲେକ୍ଟ୍ରିକ ଅପଟିକାଲ ୱେଭ୍ ଦ୍ୱାରା ନିଜକୁ ହିଁ ବିସ୍ଫୋରଣ କରେ। ଏହି ମିଜାଇଲ ୪ ରୁ ୭୦ କିମି ଦୂରରୁ ଶତ୍ରୁର ମିଜାଇଲକୁ ଧ୍ୱଂସ କରେ। ଏହି ମିଜାଇଲ, ଡୋମ୍ ଭିତରେ ଥିବା ଦ୍ୱିତୀୟ ସୋପାନ କଣ୍ଟ୍ରୋଲ ସିଷ୍ଟମ ଦ୍ୱାରା ପରିଚାଳିତ ହୋଇଥାଏ ।

### ୨୦୨୫ କ୍ୟାଲେଣ୍ଡର ବର୍ଷରେ ...

ସିଂ ଜୟନ୍ତୀ, ମାର୍ଚ୍ଚ ୨୮ରେ ଶବ-ଇ-କାଦର, ଏପ୍ରିଲ ୧୯ରେ ଇଷ୍ଟର ଶଟରଡେ, ମେ' ୨୨ରେ ରାଜାରାମ ମୋହନ ରାୟ ଜୟନ୍ତୀ, ଜୁଲାଇ ୫ରେ ବାହୁଡ଼ା ଯାତ୍ରା, ଅକ୍ଟୋବର ୩୧ରେ ଅଁଳା ନବମୀ, ନଭେମ୍ବର ୧୨ରେ ପ୍ରଥମାଷ୍ଟମୀ ଓ ଡିସେମ୍ବର ୨୧ରେ ଖ୍ରୀଷ୍ଟମାସ୍ ପର୍ବ । ଏହି ସମସ୍ତ ଛୁଟିଦିନ ମଧ୍ୟରୁ ଯେକୌଣସି ଗୋଟିଏ ଦିନକୁ ରାଜ୍ୟ କର୍ମଚାରୀମାନେ ନିଜର ଇଚ୍ଛାଧୀନ ଛୁଟି ଭାବେ ନେଇପାରିବେ । ସେହିପରି ୯ଟି ଛୁଟି ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାର ପଡୁଛି । ଜାନୁୟାରୀ ୨୫ରେ ବ୍ରାହ୍ମସମାଜ ପ୍ରତିଷ୍ଠା ଦିବସ(ଚତୁର୍ଥ ଶନିବାର), ଜାନୁୟାରୀ ୨୬ରେ ସାଧାରଣତନ୍ତ୍ର ଦିବସ (ରବିବାର), ଫେବୃୟାରୀ ୨ରେ ବସନ୍ତ ପଂଚମୀ(ରବିବାର), ଏପ୍ରିଲ ୬ରେ ଶ୍ରୀରାମ ନବମୀ(ରବିବାର), ଜୁନ୍ ୧୪ରେ ପହଲି ରଜ(ଦ୍ୱିତୀୟ ଶନିବାର), ଜୁନ୍ ୧୫ ରଜ ସଂକ୍ରାନ୍ତି(ରବିବାର), ଜୁଲାଇ ୬ରେ ମହରମ(ରବିବାର), ଅଗଷ୍ଟ ୯ରେ ଝୁଲଣ ପୂର୍ଣ୍ଣିମା(ଦ୍ୱିତୀୟ ଶନିବାର) ଓ ସେପ୍ଟେମ୍ବର ୨୧ରେ ମହାଳୟା(ରବିବାର) ପଡୁଛି । ସେହିପରି ୨୦୨୫ କ୍ୟାଲେଣ୍ଡର ବର୍ଷରେ ଜାନୁୟାରୀ ୧୪ରେ ମକର ସଂକ୍ରାନ୍ତି, ୨୩ରେ ସୁବାସଚନ୍ଦ୍ର ବୋଷ/ବୀରସୁରେନ୍ଦ୍ର ସାଏ ଜୟନ୍ତୀ, ଫେବୃୟାରୀ ୨୬ରେ ମହାଶିବରାତ୍ରି, ମାର୍ଚ୍ଚ ୫ରେ ପଂଚାୟତିରାଜ ଦିବସ, ୧୪ରେ ଦୋଳପୂର୍ଣ୍ଣିମା, ୧୫ରେ ହୋଲି, ୩୧ରେ ଇଦ-ଉଲ-ଫିତର, ଏପ୍ରିଲ ୧ରେ ଉତ୍କଳ ଦିବସ, ୧୪ରେ ମହାବିଷୁବ ସଂକ୍ରାନ୍ତି/ବିଆର ଆମ୍ବେଦକର ଜୟନ୍ତୀ, ୧୮ରେ ଗୁଡଫ୍ରାଇଡେ, ମେ' ୧୨ରେ ବୁଦ୍ଧପୂର୍ଣ୍ଣିମା/ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ, ୨୭ରେ ସାବିତ୍ରୀ ଅମାବାସ୍ୟା, ଜୁନ୍ ୭ରେ ଇଦ-ଉଲ-ଜୁହା, ୨୭ରେ ରଥଯାତ୍ରା, ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ/ଜନ୍ମାଷ୍ଟମୀ, ୨୭ରେ ଗଣେଶ ପୂଜା, ୨୮ରେ ନୂଆଖାଇ, ସେପ୍ଟେମ୍ବର ୫ରେ ପ୍ରଫେଟ୍ ମହମ୍ମଦ ଜୟନ୍ତୀ, ୨୯ରେ ମହାସପ୍ତମୀ, ୩୦ରେ ମହାଅଷ୍ଟମୀ, ଅକ୍ଟୋବର ୧ରେ ମହାନବମୀ, ୨ରେ ବିଜୟା ଦଶମୀ/ଗାନ୍ଧି ଜୟନ୍ତୀ, ୭ରେ କୁମାର ପୂର୍ଣ୍ଣିମା, ୨୧ରେ ଦୀପାବଳି, ନଭେମ୍ବର ୫ରେ ରାସପୂର୍ଣ୍ଣିମା ଓ ଡିସେମ୍ବର ୨୫ରେ ଏକ୍ସମାସ ଡେ ପାଇଁ ସରକାରୀ ଛୁଟି ରହିବ।

### ପୁଣି ଶ୍ରୀମନ୍ଦିରରେ ...

କଥା ହେଉଥିବା ଜଣାପଡ଼ିଛି। ଉଦ୍ଧାର ବେଳେ ମହିଳା ଜଣକ ପୁଲିସ୍‌କୁ ବିରୋଧ କରୁଥିଲେ। ହେଲେ ପୁଲିସ୍ ତାଙ୍କୁ ଜବରଦସ୍ତି ଉଦ୍ଧାର ଅସ୍ଥାୟୀ ଆଉଟ୍ ପୋଷ୍ଟକୁ ନେଇଥିଲା। ସେଠାରେ ତାଙ୍କୁ ଦୀର୍ଘ ସମୟଧରି ପଚରାଉଚରା କରିଥିଲା। ତା'ପରେ ପୁଲିସ୍ ତାଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି। ପୂର୍ବରୁ କିଛି ବାଂଲାଦେଶୀ ଶ୍ରୀମନ୍ଦିର ଭିତରେ ପଶିଥିଲେ। ସେମାନେ ମନ୍ଦିର ଚାରି ପାର୍ଶ୍ୱରେ ବୁଲାବୁଲି କରୁଥିବା ସେବାୟତଙ୍କ ନଜରରେ ପଡ଼ିଥିଲେ। ତା'ପରେ ପୁଲିସ୍ ସେମାନଙ୍କୁ ଉଦ୍ଧାର କରି ଆଣିଥିଲା। ପଚରାଉଚରା ପରେ ସେମାନେ ବାଂଲାଦେଶୀ ବୋଲି ଜଣାପଡ଼ିଥିଲା। ପୁଲିସ୍ ସେମାନଙ୍କ କାଗଜପତ୍ର ଯାଞ୍ଚ କରି ଛାଡ଼ିଥିବା ଜଣାପଡ଼ିଛି। ଢିଲା ସୁରକ୍ଷା ଯୋଗୁ ବିଦେଶୀମାନେ ବାରମ୍ବାର ଶ୍ରୀମନ୍ଦିର ଭିତରେ ପଶୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଭଂଜପୁର ଠାରେ ମା' ଜଗଦ୍ଧାତ୍ରୀଙ୍କ ପୂଜା ଆରମ୍ଭ

ବାରିପଦା , ୧୨/୧୧ (ନି.ପ୍ର): ଭଞ୍ଜପୁର ଜଗଦ୍ଧାତ୍ରୀ ପଡିଆରେ ମାଆ ଜଗଦ୍ଧାତ୍ରୀଙ୍କ ୭୨ ତମ ପୂଜା ରୀତି ନୀତି ଅନୁଯାୟୀ ଯାକଯମକରେ ଅନୁଷ୍ଠିତ ହୋଇଯାଇଅଛି। ୧୦ ତାରିଖ ରବିବାର ଦିନ ଅପରାହ୍ନ ୪ ଘଟିକା ସମୟରେ ବେଲଗଡିଆ ନିକଟସ୍ଥ ଚିପଟ ନଦୀରୁ ବିଧି ବିଧାନ ଅନୁସାରେ ଘଟ ଉତ୍ତୋଳନ ହୋଇ ଏକ ବିରାଟ ଶୋଭଯାତ୍ରାରେ ରେ ସହର ଓ ସାହି ପରିକ୍ରମା କରି ଶେଷରେ ପୂଜା ମଣ୍ଡପରେ ପହଞ୍ଚିଥିଲା। ଘଟ ଉତ୍ତୋଳନ ଯାତ୍ରାକୁ ସଫଳ କରିବାପାଇଁ ପୂଜା କମିଟି ର ସଦସ୍ୟ ଋଷିରାଜ ପଟ୍ଟନାୟକ ଓ ପ୍ରମୋଦ ମହାନ୍ତିଙ୍କ ସହଯୋଗ ରେ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟ ପଶ୍ଚିମ ବଙ୍ଗର ବିଭିନ୍ନ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ଦଳ ଯୋଗ ଦେଇଥିଲେ। ପୁରୀ ଜିଲ୍ଲା ଚନ୍ଦନପୁର ର ଘୋଷ ଘଣ୍ଟୁଆ ଦଳ, ପୁରୀ ମେଢ଼ ନାଚ, ପୁରୀ ନିଆଁ ବନାଟି ଖେଳ, ମୟୂରଭଞ୍ଜର ପାରମ୍ପରିକ ଛଉ ବାଜା, ମୟୂରଭଞ୍ଜ ଜିଲ୍ଲାର ସୋରିଷକୋଠି ଅଞ୍ଚଳ ର ସଙ୍କୀର୍ତ୍ତନ ଦଳ, ପଶ୍ଚିମ ବଙ୍ଗର ମେଦିନୀ ପୁର ଢ଼ାକ ବାଜା ଓ ବାରିପଦାର ବ୍ରାହ୍ମଣ ମାନଙ୍କ ଦ୍ୱାରା ବେଦପାଠ କରାଯାଉଥିଲା ଓ ମାଆଙ୍କ ପ୍ରତ୍ୟକ୍ଷ ଘଟ ମୁଣ୍ଡାଇଥିଲେ ଅବନୀ ଶଙ୍କର ଷଡ଼ଙ୍ଗୀ ଓ ସଂକଳ୍ପ ରେ ଯୋଗ ଦେଇଥିଲେ ଭଞ୍ଜପୂର ଅଞ୍ଚଳ ମଣ୍ଟୁ ନନା, ବାବଲି ଭାଇ ପୂଜାକୁ ସମ୍ପାଦିତ କରିଥିଲେ ବୟୋଜ୍ୟେଷ୍ଠ ବ୍ରାହ୍ମଣ ମହାଜନ ସମ୍ପଦ ନନା, ମନୋଜ ନନା, କାହ୍ନୁ ନନା ଓ ଚଣ୍ଡୀ ପାଠ ନିମନ୍ତେ ବାଲେଶ୍ୱର ସୁଜୁନାଗଡ ରୁ ଶ୍ରୀ ସତପଥୀ ନନା ଯୋଗ ଦେଇଥିଲେ।



# କେନ୍ଦ୍ରୀୟ ଓଡ଼ିଶା ଦେଇ ବିଜୟୱାଡ଼ାକୁ ରେଳପଥ ନିର୍ମାଣ ଦାବି




ବସ୍ତା, ୧୨/୧୧ (ନି.ପ୍ର): ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟ ପଶ୍ଚିମ ବଙ୍ଗ, ଝାଡଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ସମେତ ବଙ୍ଗୋପସାଗର ସୀମାକୁ ଲାଗି ଏକାଧିକ ରେଳପଥ ଥିବାବେଳେ କେନ୍ଦ୍ରୀୟ ତଥା ମଧ୍ୟ ଓଡ଼ିଶାରେ ରେଳପଥ ନ ଥିବାରୁ ବାଲିଆପାଳ ଠାରୁ ବସ୍ତା, ବେତନଟୀ, ବଡ଼ସାହି , ଉଦଳା, କେନ୍ଦୁଝର, ବୌଦ୍ଧ, ସୋନପୁର, ଭବାନୀପାଟଣା, ବାଲିମେଳା, ମାଲକାନଗିରି, ଭେଲାରପଡ୍ଡୁ, ଟି. ନରାସାପୁରମ୍, ଓନଜଭିଡ ଦେଇ ବିଜୟ ୱାଡା କୁ ନୂତନ ରେଳପଥ ନିର୍ମାଣ ହେଲେ ଟ୍ରାଫିକ ସମସ୍ୟା ଆଉ ରହିବ ନାହିଁ। ଚେନ୍ନାଇ - ହାୱଡ଼ା ରେଳପଥ ରେ ବ୍ୟାପକ ଗାଡ଼ି ଚଳାଚଳ ହେଉଥିବାରୁ ଏହି ପ୍ରସ୍ତାବିତ ନୂତନ ରେଳ ରାସ୍ତାରେ ଗାଡ଼ି ଚାଲିବା ସହିତ ସାରା ଓଡ଼ିଶା ରେଳବାଇ କ୍ଷେତ୍ରରେ ଆଉ ଅବହେଳିତ ହେବ ନାହିଁ।ଏହା ଛଡା ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ଉତ୍ତମ ଯୋଗାଯୋଗ ସମ୍ଭବ ହେବା ସହ ଦୁରତ୍ୱ, ସମୟ,ଖର୍ଚ୍ଚାନ୍ତ କମ୍ ହୋଇପାରିବ ବୋଲି ଦାବି କରି ଆଜି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଏକ ବିରାଟ ପଟୁଆର ବାହାରି ବସ୍ତା ଷ୍ଟେସନ ରୁ ବସ୍ତା ତହସିଲ ଅଫିସରେ ପହଞ୍ଚି ଥିଲା। ସେଠାରେ ଏକ ସାଧାରଣ ସଭା ହୋଇଥିଲା। ଏହାପରେ ତହସିଲଦାର ରାଧା ରଞ୍ଜନ ଦାସ ଙ୍କୁ ଦାବି ପତ୍ର ଦିଆଯାଇଥିଲା। ଏହି ଦାବି ପତ୍ରରେ ବସ୍ତାରେ ଇଷ୍ଟ କୋଷ୍ଟ,ଉତ୍କଳ ଏକ୍ସପ୍ରେସ ଟ୍ରେନ ର ପୁନଃ ରହଣି, ଉଡନ୍ତା ପୋଲ, ଫୁଟ ଓଭର୍ ବ୍ରିଜ,୪ ନମ୍ବର ପ୍ଲାଟଫର୍ମ ନିର୍ମାଣ, ବାଲେଶ୍ୱର ରେଳ ଡିଭିଜନ୍ ପ୍ରତିଷ୍ଠା,ରାଜଘାଟ ଠାରୁ ରୂପସା ପର୍ଯ୍ୟନ୍ତ ରେଳ ଆପ୍ରୋଚ ରୋଡ ନିର୍ମାଣ ମଧ୍ୟ ଉଲ୍ଲେଖ ରହିଛି। ଜେ ଏମ ଏମ ର ବାଲେଶ୍ୱର ଜିଲ୍ଲା ସଭାପତି କମଳ ଲୋଚନ ବାରିକ,ବସ୍ତା ବ୍ଲକ୍ ସଭାପତି ମୀର୍ ଜାହିଦ୍ ଉଦ୍ଦିନ କାଦ୍ରି, ବୁଧିଆ ମୁର୍ମୁ, ଲିଲି ମୁଖୀ, ଟାଙ୍ଗାଏ ମୁର୍ମୁ,ପ୍ରଶାନ୍ତ କୁମାର ପାତ୍ର, ଶଂଭୁନାଥ ବେହେରା,ମୀନା କିସ୍କୁ,ଘନିଆ ହେମ୍ବ୍ରମ,ଗୁରୁବାରି ହେମ୍ବ୍ରମ ପ୍ରମୁଖ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବେତନଟୀ ବ୍ଲକ ସମ୍ମୁଖ ଫାଟକ ନିକଟରେ ଶତାଧିକ ମିଶନଶକ୍ତି କର୍ମୀଙ୍କ ଗଣଧାରଣା



ବେତନଟୀ୧୨/୧୧ : ଅଁଳା ଗ୍ରାମପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ନୂତନ ଏକଜୁକୁଟିଭ କମିଟି ଗଠନକୁ ବିରୋଧ କରି ବେତନଟୀ ବ୍ଲକ କାର୍ଯ୍ୟାଳୟ ସମୁଖରେ ଧାରଣାରେ ବସିଛନ୍ତି ଶତାଧିକ ମହିଳା। ବେତନଟୀ ବ୍ଲକ ରେ ଇସି ମେମ୍ବର ମାନଙ୍କୁ ନେଇ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଁଉ ଠାରେ ଅଁଳା ଗ୍ରାମ ପଞ୍ଚାୟତରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ନୂତନ ଏକଜୁକୁଟିଭ କମିଟି ଗଠନକୁ ବିରୋଧ କରି ବେତନଟୀ ବ୍ଲକ କାର୍ଯ୍ୟାଳୟ ସମୁଖରେ ଧାରଣାରେ ବସିଛନ୍ତି ଶତାଧିକ ମହିଳା ତା ସହ ତାଙ୍କ ଅସୁବିଧା ବାବଦରେ ବିଭିନ୍ନ ନାରାବାଜି ମାଧମ ରେ ବ୍ଲକ୍ ପ୍ରଶାସନକୁ ଜଣାଇବାକୁ ଚେଷ୍ଟା କରିଥିଲେ । ତାଙ୍କର ସମସ୍ୟା ମାନ ହେଲା ଯଥା ୧- ଅଁଳା ଗ୍ରାମ ପଞ୍ଚାୟତରେ ହୋଇଥିବା ସମସ୍ୟାର ସମାଧାନ ନିମନ୍ତେ ବେତନଟୀ ବି ଡି ଓ, ସି ଡି ପି ଓ, ବି ପି ଓ ଏମ ପ୍ରମୁଖ ଅଁଳା ଗ୍ରାମ ପଞ୍ଚାୟତକୁ ଯାଇଥିଲେ। ସେମାନେ ସେ ସମସ୍ୟାର ସମାଧାନ ନିମନ୍ତେ କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ସର୍ବସମ୍ମୁଖ କୁ ଆଣନ୍ତୁ। ୨- ଅଁଳା ଗ୍ରାମ ପଞ୍ଚାୟତର ଜି ପି ଏଲ ଏଫ ର ପୁନର୍ଗଠନ କରିବା ପାଇଁ ଆପଣଙ୍କ ନିକଟରେ କିଛି ଗାଇଡଲାଇନ ଅଛି କି ?ଯଦି ଅଛି ତାହାର ଏକକିତା ନକଲ ୨୪ଟି ପଞ୍ଚାୟତର ମହାସଂଘ କୁ ପ୍ରଦାନ କରାଯାଉ। ୩- ଅଁଳା ଗ୍ରାମ ପଞ୍ଚାୟତର ମହାସଂଘର ସଭାନେତ୍ରୀ,ସମ୍ପାଦିକା,କୋଷାଧ୍ୟକ୍ଷ ଏବଂ ଇସି ମେମ୍ବର ଙ୍କୁ କେଉଁ ଗାଇଡଲାଇନ ବଳରେ ବାହାର କରାଯାଇ ନୂଆ ଚୟନ କରାଗଲା ?୪-ସି ଡି ପ ଓ ଏବଂ ବି ପି ଏମ ଙ୍କ ତତ୍ତ୍ୱାବଧନାରେ ଅଁଳା ଗ୍ରାମ ପଞ୍ଚାୟତରେ ହୋଇଥିବା ଫାଇନାନ୍ସିଆଲ୍ ଅଡିଟ ରିପୋର୍ଟ୍ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସାର୍ବଜନୀନ କରାଯାଉ। ୫- ସରକାରଙ୍କ କୌଣସି ନୂଆ ଗାଇଡ ଲାଇନ ଆସିବା ପର୍ଯ୍ୟନ୍ତ ୨୪ ଟି ଯାକ ଗ୍ରାମ ପଞ୍ଚାୟତରେ ନୂଆ ଭାବେ କୌଣସି ସଭାନେତ୍ରୀ, ସମ୍ପାଦିକା,କୋଷାଧ୍ୟକ୍ଷ ଏବଂ ଇ ସି ମେମ୍ବର ଙ୍କୁ ବରଖାସ୍ତ ବା ଚୟନ କରାନଯାଉ।ଏହିପରି ବିଭିନ୍ନ ଅଭିଯୋଗ କୁ ନେଇ ମିଶନଶକ୍ତି ଏବଂ ଓଡିଶା ଜୀବିକା ମିଶନ ର ଶତାଧିକ ମହିଳା ମାନେ ଧାରଣାରେ ବସିଥିଲେ।ହେଲେ ଦୀର୍ଘ ସମୟ ପରେ ବିଡିଓ ଗୋପୀନାଥ ଖାଖା ସମାଧାନ ପାଇଁ ଧାରଣା ରତ ମହିଳା ମାନଙ୍କ ସହିତ ଆଲୋଚନା କରିଥିଲେ । କିନ୍ତୁ କିଛି ସମାଧାନ ର ବାଟ ଫିଟିନଥିଲା।ଇତି ମଧ୍ୟରେ ମିହଳା ମାନଙ୍କ ସହିତ ବେତନଟୀ ବିଡିଓ ଙ୍କ ସାମାନ୍ୟ ବଚସା ହେବାର ଦେଖିବାକୁ ମିଳିଥିଲା।ଯଦି ଏ ସମସ୍ୟାର କୌଣସି ସମାଧାନ ସରକାର ନ କରନ୍ତି ତାହାଲେ ମିଶନଶକ୍ତିର ମହିଳା ମାନେ ସର୍ବସମ୍ମୁଖ ରେ ଆତ୍ମାଆହୁତି ଦେବେ ବୋଲି ଧମକ ଦେଇଛନ୍ତି।

# ବୁଲା ଷଣ୍ଢ ନେଇଗଲା ବୃଦ୍ଧାଙ୍କ ଜୀବନ

ନୀଳଗିରି, ୧୨/୧୧ (ନି.ପ୍ର): ରୋଗୀକୁ ଦେଖା କରିବାକୁ ଆସୁଥିବା ବେଳେ ବୁଲା ଷଣ୍ଢ ସହ ଦୁର୍ଘଟଣା ଘଟି ବୃଦ୍ଧାଙ୍କ ଜୀବନ ଯାଇଛି। ଘଟଣାରୁ ଜଣାଯାଇଛି ଖନ୍ତାପଡ଼ା ଥାନା ଅଧୀନ ସାଆନ୍ତା ଭୂଇଁପଡା ଅଞ୍ଚଳର ଲକ୍ଷ୍ମୀଧର ମଲ୍ଲିକଙ୍କ ଦେହ ଖରାପହେବାରୁ ପରିବାର ଲୋକେ ନୀଳଗିରି ଡାକ୍ତରଖାନାକୁ ଆଣି ଚିକିତ୍ସା କରାଉଥିଲେ। ଉକ୍ତ ଗ୍ରାମର ଲକ୍ଷ୍ମୀଧରଙ୍କ ଭିଣୋଇ କିଶୋର ଚନ୍ଦ୍ର ଦାସ ଓ ଭଉଣୀ ଗଙ୍ଗାରାଣି ଦାସ ଭାଇଙ୍କୁ ଦେଖିବା ପାଇଁ ନୀଳଗିରି ଡ଼ାକ୍ତରଖାନାକୁ ବାଇକ ଯୋଗେ ଆସୁଥିବା ବେଳେ ଖନ୍ତାପଡ଼ା ଠାରେ ଗୋଟିଏ ବୁଲା ଷଣ୍ଢ ହଠାତ୍ ତାଙ୍କ ବାଇକ ସାମ୍ନାକୁ ଚାଲିଆସିବାରୁ ଦୁଇଜଣ ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିଲେ। ସେଥିମଧ୍ୟରୁ ବାଇକ ପଛରେ ବସିଥିବା ଗଙ୍ଗାରାଣୀ ଛିଟିକି ପଡ଼ିବାରୁ ସେହିଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଉଭୟଙ୍କୁ ନୀଳଗିରି ମେଡିକାଲକୁ ଆଣିଥିବା ବେଳେ ଗଙ୍ଗାରାଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ସ୍ୱାମୀକୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଜେ.ଏସ.ଡବ୍ଲ୍ୟୁ ଫାଉଣ୍ଡେସନ ଦ୍ୱାରା ନିର୍ମିତ ପଥପ୍ରାନ୍ତ ସେବା କେନ୍ଦ୍ର (ସ୍ମାର୍ଟ ଷ୍ଟପ୍) କୁଜଙ୍ଗଠାରେ ଉଦ୍‌ଘାଟିତ

ପାରାଦ୍ୱୀପ , ୧୨/୧୧ (ନି.ପ୍ର): ଜେ. ଏସ. ଡବ୍ଲୁ ଫାଉଣ୍ଡେସନ ପାରାଦ୍ୱୀପ ଦ୍ୱାରା ନିର୍ମିତ ସ୍ମାର୍ଟ ଷ୍ଟପ୍ ଗତ ନଭେମ୍ବର ୯, ୨୦୨୪ରିଖରେ ମାନ୍ୟବର ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ, ଓଡିଶା ସରକାର ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଅଛି । ସମାରୋହରେ ସମ୍ମାନୀୟ ଅତିଥି ଶ୍ରୀ ଦୀପକ ପ୍ରସାଦ ସ୍ୱାଇଁ ବିକାଶ ଖଣ୍ଡ ଅଧିକାରୀ , କୁଜଙ୍ଗ ବ୍ଲକ, ଶ୍ରୀମତୀ ବାନ୍ଦିତା ଦାସ, ସରପଞ୍ଚ, କୁଜଙ୍ଗ, ଜେ.ଏସ. ଡବ୍ଲୁ ପାରାଦୀପ ଟର୍ମିନାଲସ, ଜେ. ଏସ. ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ ଓ ଜେ. ଏସ. ଡବ୍ଲୁ ଫାଉଣ୍ଡେସନର ଉଚ୍ଚ ପଦାଧିକାରୀ ମାନେ ଯୋଗ ଦେଇଥିଲେ। କଟକ-ପାରାଦୀପ ରାଜପଥ ପାର୍ଶ୍ୱରେ ନିର୍ମିତ ପଥପ୍ରାନ୍ତ ସେବା କେନ୍ଦ୍ର (ସ୍ମାର୍ଟ ଷ୍ଟପ୍) ସାଧାରଣ ଲୋକଙ୍କୁ ତଥା ବିଶେଷ ଭାବରେ କଟକ-ପାରାଦୀପ ରାଜପଥ ଦେଇ ଯାଉଥିବା ଯାତ୍ରୀମାନଙ୍କୁ ପରିଷ୍କାର ଏବଂ ସ୍ୱଚ୍ଛ ଶୌଚାଳୟ ସୁବିଧା ଯୋଗାଇ ଦେବ । କୁଜଙ୍ଗ ବ୍ଲକ ପ୍ରଶାସନର ସହଯୋଗରେ ଔଝଡ ଫାଉଣ୍ଡେସନ ଦ୍ୱାରା ନିର୍ମିତ ଉକ୍ତ କେନ୍ଦ୍ର (ସ୍ମାର୍ଟ ଷ୍ଟପ୍) ରେ ଉଭୟ ପୁରୁଷ ଏବଂ ମହିଳାମାନଙ୍କ ସହିତ ଭିର୍ଣ୍ଣକ୍ଷମ ବ୍ୟକ୍ତି ମାନଙ୍କ ପାଇଁ ପରିଷ୍କାର ଏବଂ ସ୍ୱଚ୍ଛ ଶୌଚାଳୟ ପ୍ରତିଦିନ ୨୪ଘ୭ ଘଣ୍ଟା ବିନା ମୂଲ୍ୟରେ ଉପଲବ୍ଧ ହେବା ସହିତ ସ୍ୱଚ୍ଛ ପାନୀୟ ଜଳ ଜନସାଧାରଣଙ୍କ ପାଇଁ ସମ୍ପୂର୍ଣ ମାଗଣାରେ ଉପଲବ୍ଧ । ଔଝଡ ଫାଉଣ୍ଡେସନର ଜଳ, ପରିମଳ ଏବଂ ସ୍ୱଚ୍ଛତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଏଥିରେ ସଂଲଗ୍ନ କାଫେ ଏକ ଅଣ-ଲାଭକାରୀ କାଫେ ଭାବରେ କାର୍ଯ୍ୟ କରିବ ଏବଂ ଏଥିରୁ ମିଳିବାକୁ ଥିବା ଲାଭାଂଶରୁ ଶୌଚାଳୟର ନିୟମିତ ରକ୍ଷଣାବେକ୍ଷଣ ଓ ଏଥିରେ ନିୟୋଜିତ ସ୍ୱଚ୍ଛତା କର୍ମୀମାନଙ୍କୁ ମାନଦେୟ ଭାବରେ ପ୍ରଦାନ କରାଯିବ । ଏହି କାଫେ ମଧ୍ୟରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏକ ଡିସପ୍ଲେ କାଉଣ୍ଟର ମଧ କରାଯାଇଛି । ଏହି ପଦକ୍ଷେପ ମାଗଣା, ପରିଷ୍କାର ଏବଂ ସ୍ୱଚ୍ଛ ପରିମଳ ସୁବିଧା ଯୋଗାଇ କରିବା ସହିତ ସ୍ଥାନୀୟ ଯୁବକ, ସାମାନ୍ୟ ବର୍ଗର ମହିଳା ମାନଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି କରିବ ।ଏହି କେନ୍ଦ୍ରରେ ଦୈନିକ ପ୍ରାୟ ୫୦୦-୭୦୦ ସାଧାରଣ ଲୋକ ଓ ଯାତ୍ରୀ ଲାଭାନ୍ୱିତ ହେବାର ଆଶା କରାଯାଉଛି ।




# ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ



ବେତନଟୀ, ୧୨/୧୧ (ନି.ପ୍ର): ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ପାଇଁ ଆଜି ଏମ ପି ସି ଉଚ୍ଚ ବିଦ୍ୟାଳୟ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ସେନାପତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ରମାକାନ୍ତ ମହାନ୍ତ, ଏମ ପି ସି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅର୍ଜୁନ ସିଂ ,ଓଏଭି ଗରୁଡବସା ର ଅଧ୍ୟକ୍ଷ ତୁଷାର କାନ୍ତ ମହାପାତ୍ର, ବ୍ଲକ୍ ବିଜ୍ଞାନ ସଂଯୋଜକ କିଶୋର କୁମାର ଆଚାର୍ଯ୍ୟ, ଶିକ୍ଷକ ଶିଶିର କୁମାର ନାୟକ,ଭବେଶ ଚନ୍ଦ୍ର ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାନ୍ତ ପ୍ରମୁଖ ଅତିଥି ମଞ୍ଚାସୀନ ଥିଲେ। ସର୍ବ ସମ୍ମତି କ୍ରମେ ବ୍ଲକ୍ ସ୍ତରୀୟ ବିଜ୍ଞାନ ମେଳା ପ୍ରଦର୍ଶନୀ ନଭେମ୍ବର ୨୬ ତାରିଖ ଏମ ପି ସି ଉଚ୍ଚ ବିଦ୍ୟାଳୟ ବେତନଟୀ ଠାରେ ହେବାକୁ ସ୍ଥିର ହୋଇଥିଲା। ପ୍ରତ୍ୟେକ ବିଦ୍ୟାଳୟ ରୁ ସର୍ବନିମ୍ନ ଗୋଟିଏ ବିଜ୍ଞାନ ପ୍ରୋଜେକ୍ଟ ଆଣିବାକୁ ସ୍ଥିର ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ବ୍ଲକର ସମସ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଜ୍ଞାନ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସର୍ବ ଶେଷରେ ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ନିର୍ମାଣରେ ଅନିୟମିତତା ତଦନ୍ତ ଦାବିକଲେ ସାହିବାସୀ

ବାଲିଆପାଳ , ୧୨/୧୧ (ନି.ପ୍ର): ବଡ଼ାଣ ଫାଣ୍ଡି ଅନ୍ତର୍ଗତ ନାଇକୁଡି ପଞ୍ଚାୟତର ବଡାଣ ଗ୍ରାମର ପାତ୍ର ସାହି ଛକଠାରୁ ପାତ୍ର ସାହି କୁ ହେଉଥିବା କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ସାହି ବାସିନ୍ଦା ଅଭିଯୋଗ କରି ଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି। ମେଟାଲିଙ୍ଗ ଯେଉଁ ଅନୁସାରେ ହେବାକଥା ତାହା ଦୁଇ ଇଂଚ କମ୍ କରି ଛନ୍ତି ଠିକାଦାର। କାମପାଖରେ କୌଣସି ଅଧିକାରୀ ରହୁନାହାନ୍ତି କିମ୍ବା କୌଣସି ସୂଚନା ଫଳକ ମଧ ନାହିଁ। ଗ୍ରାମବାସୀଙ୍କୁ ଅନ୍ଧାରରେ ରଖି ଠିକାଦାର ହରି ଲୁଟ କରୁଥିବା ଅଭିଯୋଗ ହେଉଛି। ରାସ୍ତା ନିର୍ମାଣ କାର୍ଯ୍ୟ ରେ ବ୍ୟାପକ ଅନିୟମିତତା ହେବାରୁ ସାହି ବାସିନ୍ଦା ନିର୍ମାଣ କାର୍ଯ୍ୟକୁ ବିରୋଧ କରି କାର୍ଯ୍ୟ ବନ୍ଦ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସମ୍ଭୁନାଥ ପାତ୍ର, ବସନ୍ତ ପାତ୍ର, ଚିନ୍ମୟ ପାତ୍ର, ଅଶୋକ ପାତ୍ର, ନିତ୍ୟାନନ୍ଦ ପାତ୍ର ପ୍ରମୁଖ ଦାବି କରିଛନ୍ତି। ତେବେ ଠିକାଦାର ଅଭିଯୋଗକୁ ଅମୂଳକ କହିଛନ୍ତି।

# ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ



ପାରାଦୀପ, ୧୨/୧୧ (ନି.ପ୍ର): ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତିଙ୍କ ଦ୍ୱାରା ସତର୍କତା ସଚେତନତା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଆଭାସୀ ମାଧ୍ୟମରେ ଡ. ଅଓସ୍ତି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶପଥ ପାଠ କରାଇଥିଲେ । ଏହି ଅବସରରେ ଡ.ଅଓସ୍ତି ଇଫକୋର କର୍ମଚାରୀମାନଙ୍କୁ ଆମର ସଂସ୍କୃତି ବଜାୟ ରଖିବା ସହିତ କାର୍ଯ୍ୟକ୍ଷେତ୍ରରେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ । ଇଫକୋର ମୁଖ୍ୟ ସତର୍କତା ଅଧିକାରୀ ପୂଜା କୋହିଲି ଇଫକୋର ଅଧକ୍ଷ ଦିଲେପ ସଂଘାନୀଙ୍କ ବାର୍ତ୍ତା ପାଠ କରିଥିଲେ । ଏହି ଅବସରରେ ଦୁଇ ଦିନିଆ କାର୍ଯ୍ୟକ୍ରମ ମଧ୍ୟରେ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସତର୍କତା ସଚେତନା ସୃଷ୍ଟି ନିମନ୍ତେ ଠିକାଦାରମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ଇଫକୋର ହିତାଧିକାରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏଥି ସହିତ ପିମାନଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ସ୍ଲୋଗାନ ଆଦି ପ୍ରତିଯୋଗିତା ଆୟୋଜିତ ହେବା ସହିତ ଇଫକୋ ଟାଉନସିପ ଅନ୍ତେବାସୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ମଙ୍ଗଳବାର ଦିନ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ଯୋଗ ଦେଇ ଦେଶ ଗଠନ ପାଇଁ ସଚ୍ଚୋଟତା ଅବଲମ୍ବନ କରିବାକୁ ନିବେଦନ କରିଥିଲେ । ଇଫକୋର ୟୁନିଟ୍ ମୁଖ୍ୟ ପି.କେ.ମହାପାତ୍ର ଉପସ୍ଥିତ ରହି ସତର୍କତା ସଚେତନତା ସୃଷ୍ଟିରେ ଇଫକୋ ସତର୍କତା ବିଭାଗର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଇଫକୋର ସତର୍କତା ଅଧିକାରୀ ରାକେଶ ପାଣ୍ଡେ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଯୁଗ୍ମ ସାଧାରଣ ପ୍ରବନ୍ଧକ କେ.ମୋହନ ରାଓ । ଇଫକୋ ଅଫିସର୍ସ ସଂଘ, କର୍ମଚାରୀ ସଂଘ ସମେତ ଇଫକୋର କର୍ମଚାରୀମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ପାଇଖାନା ଟାଙ୍କି ନିର୍ମାଣକୁ ନେଇ ଦୁଇଭାଇଙ୍କ ମଧ୍ୟରେ ବିବାଦ



ନୀଳଗିରି , ୧୨/୧୧ (ନି.ପ୍ର): ନୀଳଗିରି ଏନ.ଏ.ସି.ର ଘାଟଘରସାହି ଅଂଚଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ବରିଷ୍ଠ ସାମାଜିକ କର୍ମୀ ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ ନିଜଗଡ଼ ମୌଜାରେ ଥିବା ଘରବାରିରେ ଦୀର୍ଘଦିନ ଧରି ବସବାସ କରୁଛନ୍ତି । ତାଙ୍କ ଘର ପାଚେରୀ ପାଖରେ ସେ ଏକ ଗଭୀର ନଳକୂପ ଖୋଳି ନିଜର ଆବଶ୍ୟକତା ପୂରଣ ସହିତ ନିକଟବର୍ତ୍ତୀ ବାବା ବୈଦ୍ୟନାଥ ମନ୍ଦିରର ପୂଜାର୍ଚ୍ଚନାରେ ମଧ୍ୟ ଉକ୍ତ ଜଳ ବ୍ୟବହୃତ ହେଉଅଛି । ସଂପ୍ରତି ତାଙ୍କ ପାଚେରୀ ସଂଲଗ୍ନ ଜମିରେ ଘର କରି ବସବାସ କରୁଥିବା ତାଙ୍କର ସାନଭାଇ ଜୟନାରାୟଣ ଷଡ଼ଙ୍ଗୀ ସେହି ନଳକୂପ ଠାରୁ ମାତ୍ର ୨/୩ଫୁଟ ଦୂରରେ ପାଚେରୀକୁ ଲାଗି ଏକ ନନ୍ଦକୂପ ପାଇଖାନା ଟାଙ୍କି ନିର୍ମାଣ କରୁଥିବାରୁ ଏହା ନଳକୂପ ଜଳକୁ ଦୂଷିତ କରିବ ଏବଂ ପାଚେରୀର ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି କରିବ ବୋଲି ସୂର୍ଯ୍ୟନାରାୟଣ ଅଭିଯୋଗ କରିଛନ୍ତି । ସେ ତାଙ୍କର ସାନଭାଇ ଜୟନାରାୟଣଙ୍କୁ ବହୁବାର ବୁଝାଇବା ଓ ଅନୁରୋଧ କରିବା ସତ୍ତ୍ୱେ ପାଇଖାନା ଟାଙ୍କି ନିର୍ମାଣରୁ କ୍ଷାନ୍ତ ହେଉନାହାଁନ୍ତି । ଏ ସମ୍ପର୍କରେ ସୂର୍ଯ୍ୟନାରାୟଣ ଘାଟଘରସାହିର ମୁରବୀମାନଙ୍କ ଠାରୁ ଆରମ୍ଭ କରି ନୀଳଗିରି ଏନ.ଏ.ସି., ନୀଳଗିରି ଥାନା, ପ୍ରଦୂଷଣ ନିରାକରଣ ବିଭାଗ, ସ୍ଥାନୀୟ କାଉନସିଲର, ଏନ.ଏ.ସି. ଚେୟାରମେନ, ସାଂସଦ ଓ ବିଧାୟକ ଓ ତାଙ୍କର ପ୍ରତିନିଧିଙ୍କ ଠାରେ ଫେରାଦ ହୋଇଛନ୍ତି । ନୀଳଗିରି ଥାନା ପୋଲିସ ଉଭୟ ପରିବାର ମଧ୍ୟରେ ଆପୋଷ ବୁଝାମଣା କରିବା ସହିତ ପାଇଖାନା ଟାଙ୍କି ନିର୍ମାଣକୁ ବନ୍ଦ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ବାଲେଶ୍ୱର, ତହସିଲଦାର, ନୀଳଗିରି ଙ୍କ ପକ୍ଷରୁ ନୀଳଗିରି ଏନ.ଏ.ସି.ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ସମ୍ପର୍କରେ ପତ୍ର ଲେଖି ଅବିଳମ୍ବେ ପାଇଖାନା ଟାଙ୍କି ନିର୍ମାଣରୁ ବିରତ ରହିବା ପାଇଁ ଜୟନାରାୟଣଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପରାମର୍ଶ ଦିଆଯାଇଛି । ଏସବୁ ସତ୍ତ୍ୱେ ଜୟନାରାୟଣ ପାଇଖାନା ଟାଙ୍କି ନିର୍ମାଣ ପାଇଁ ଜିଦ୍ ଧରିଥିବାରୁ ଏବଂ ନିର୍ମାଣ କାର୍ଯ୍ୟ ବନ୍ଦ କରୁନଥିବାରୁ ଏହାର ଭବିଷ୍ୟତ ପରିଣତିକୁ ଚିନ୍ତା କରି ସୂର୍ଯ୍ୟନାରାୟଣ ବ୍ୟଥିତ ଓ ମର୍ମାହତ ହୋଇପଡ଼ିଛନ୍ତି । ପ୍ରଶାସନ ତଥା ଲୋକପ୍ରତିନିଧିଙ୍କ ପକ୍ଷରୁ ଏହି ଘଟଣାର ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ସେ ଏକ ପ୍ରେସ ବିବୃତିରେ ବିନମ୍ର ନିବେଦନ କରିଛନ୍ତି ।

# ଜାତୀୟ ଶିକ୍ଷା ଦିବସ ପାଳିତ

ବସ୍ତା , ୧୨/୧୧ (ନି.ପ୍ର): ରୂପସା ନୀଳମଣି ମହାବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ ତପନ କୁମାର ବେହେରା ଙ୍କ ସଭାପତିତ୍ୱ ରେ ଜାତୀୟ ଶିକ୍ଷା ଦିବସ ଓ ଏହି ଅବସର ରେ ଶିକ୍ଷା ବିଭାଗ ଦ୍ୱାରା ସୂଚନା ଓ 'ଯାଗୋଯଗ ପ୍ରଯୁକ୍ତି ବିଦ୍ୟା ପଦକ୍ଷେପ ଓ ପ୍ରତିବନ୍ଧକ ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାର ବ୍ୟବହାରିକ ଦିଗ ପ୍ରତି ଛାତ୍ର , ଶିକ୍ଷକ ଓ ସମାଜ ସମସ୍ତ ମନୋନିବେଶ କଲେ ଶିକ୍ଷା ତାର ଲକ୍ଷ୍ୟ ରେ ଆଗେଇ ଚାଲିବ ବୋଲି ଅଧକ୍ଷ ଡ଼ ତପନ କୁମାର ବେହେରା ମତ ପ୍ରଦାନ କରିଥିଲେ। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ , ଜାମୁସୁଳି ର ଶିକ୍ଷାବିଭାଗର ମୁଖ୍ୟ ନଗେନ୍ଦ୍ର ନାଥ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଓ ଶିକ୍ଷା ର ଲକ୍ଷ୍ୟ କିପରି ସମନ୍ୱୟ ରକ୍ଷା କରିପାରିବ ସେ ଦିଗରେ ମତ ବ୍ୟକ୍ତ କରିଥିଲେ। ଅନ୍ୟ ସମସ୍ତ ବିଭାଗ ରେ ଅଧାପକ ଓ ଅଧାପିକା ସଭାରେ ଯୋଗ ଦେଇ ଶିକ୍ଷା ର ଗୁରୁତ୍ୱ ବିଷୟରେ ଆଲୋଚନା କରିବା ସହ ଶିକ୍ଷା ବିଭାଗ ର ଅଧ୍ୟାପକ ବିଜୟ କୁମାର ବେହେରା ସଭା ପରିଚାଳନା କରିଥିଲେ। ପରିଶେଷରେ ଇତିଶ୍ରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo